R.N.I. REGN. No. 65000/96 POSTAL REGN. No. OR/BN-32/12-14
ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୮
ତିଥି : ଦଶମୀ
୧୬ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 338
16 Sept 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

## ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
## କରକମଳରେ

## ନୂତନ ଭାବେ ଚୟନୀତ ୭ଟି ବିଭାଗର
## ୧୬୮୬ ଜଣ ପ୍ରାର୍ଥୀଙ୍କୁ
## ନିଯୁକ୍ତିପତ୍ର ପ୍ରଦାନ

| | |
|---|---|
| ୩୪ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ |
| ୬୧ | ଅର୍ଥ ବିଭାଗ |
| ୪୧୩ | ଜଳସମ୍ପଦ ବିଭାଗ |
| ୩୭ | ଆଇନ ବିଭାଗ |
| ୨୩ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ |
| ୯୮୨ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ |
| ୧୩୬ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ |

**୧୫ ସେପ୍ଟେମ୍ବର ୨୦୨୫ | ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍ - ୩, ଭୁବନେଶ୍ୱର**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ଅର୍ଥ ବିଭାଗ | ଜଳସମ୍ପଦ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

## ଓଡ଼ିଶା ସରକାର

OIPR: 32001/13/0012/2526 DSPL-255

## ସଜାଡନ୍ତୁ ପିଲାଦିନ



ଆଜିକାଲିର ପିଲାଦିନ ଆଉ ଆଗ ଭଳି ନାହିଁ । ଏଥିରେ ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରେସର ଦେଖିବାକୁ ମିଳୁଛି । ପାଠପଢା, ଫ୍ୟାଶନ, ସାଙ୍ଗସାଥୀ, ସୋସିଆଲ ମିଡିଆର ଖୁବ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ଏହି ଚାପ କାରଣରୁ ଛୁଆଙ୍କର ଆତ୍ମବିଶ୍ୱାସ ଉପରେ ପ୍ରଭାବ ଦେଖିବାକୁ ମିଳୁଛି । ତେଣୁ ବର୍ତ୍ତମାନ ଅଭିଭାବକଙ୍କୁ ଘରେ ଏକ ସକରାତ୍ମକ ପରିବେଶ ପିଲାଙ୍କୁ ଯୋଗାଇ ଦେବା ଯେପରି ବାଧ୍ୟତାମୂଳକ ହୋଇ ପଡିଛି । ସେମାନଙ୍କ ପିଲାଦିନକୁ ହସ ଖୁସି ଓ ଚାପ ମୁକ୍ତ କରିବା ବର୍ତ୍ତମାନ ସେମାନଙ୍କର ପ୍ରଥମ କର୍ତବ୍ୟରେ ପରିଣତ ହୋଇଛି ଯେପରି ସେମାନଙ୍କର ବୌଦ୍ଧିକ ବିକାଶ ସଠିକ୍ ଢଙ୍ଗରେ ହୋଇପାରିବ । ପ୍ରଥମେ ଘରେ ହିଁ ପିଲାର ଆତ୍ମବିଶ୍ୱାସ ବଢାଇବା ପାଇଁ କାର୍ଯ୍ୟ କରନ୍ତୁ । ପିଲାର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନନ୍ତୁ ଏବଂ ସେହି ଅନୁଯାୟୀ କାର୍ଯ୍ୟ କରନ୍ତୁ । ପିଲା ଯେଉଁ କାର୍ଯ୍ୟ କରିବାକୁ ସକ୍ଷମ ତାକୁ ସେହି କାର୍ଯ୍ୟ କରିବାକୁ ସୁଯୋଗ ଦିଅନ୍ତୁ, ଏପରି କରିବା ଫଳରେ ତାର ଆତ୍ମବିଶ୍ୱାସ ବଢିବା ସହିତ ସେ ଆଗକୁ ଯିବ । ସେହିଭଳି ତାକୁ ଭୁଲ ଓ ଠିକ୍ ଭିତରେ ଫରକ କଣ ବୁଝାନ୍ତୁ । ଏଭଳି କରିବା ଫଳରେ ସେ ନିଜ ଜୀବନର ନିଷ୍ପତ୍ତି ସଠିକ ଢଙ୍ଗରେ ନେଇ ପାରିବ । ସବୁବେଳେ ତାର ନିର୍ଣ୍ଣୟ କରିବା ବା ନିଷ୍ପତ୍ତି ନେବାର ଗୁଣରୁ ବଢାଇବାକୁ ଚେଷ୍ଟା କରନ୍ତୁ । ଏହା କରିବା ଦ୍ୱାରା ସେ ଜୀବନରେ ସଠିକ୍ ନିଷ୍ପତ୍ତି ନେଇପାରିବ ଏବଂ ଜୀବନରେ ଆଗକୁ ବଢିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତାକୁ ଅଧିକ ସମୟ ଦିଅନ୍ତୁ, ତା କଥା ଶୁଣନ୍ତୁ ଓ ତାକୁ ବୁଝାନ୍ତୁ ।

## ସୋସିଆଲ କୋଟ୍ସ



" ଏକ୍ସ ବୟଫ୍ରେଣ୍ଡ୍ ନିଚା ଦେଖାଇବାକୁ ଚେଷ୍ଟା କରିବା ନୂଆ କଥା ନୁହେଁ । ଏହା ମୋ ପ୍ରଫେସନାଲ ଓ ଗ୍ଲାମର ଲାଇଫ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

–ତାନ୍ୟା ମିତ୍ତଲ, ବିଗ୍‌ବସ୍–୧୯ ପ୍ରତିଯୋଗୀ



" ଯେକୌଣସି କ୍ରିଏଟିଭ୍ ଫିଲ୍ମ ପାଇଁ ବିଜ୍‌ନେସ ବହୁତ ଜରୁରୀ । ଫିଲ୍ମ ପାଇଁ ତ ନିହାତି । ଓଟିଟି ଏଣ୍ଟ୍ରି ପରେ ଫିଲ୍ମରେ ଟିକ୍ଷିବା କଷ୍ଟକର ହୋଇପଡ଼ିଛି ।

–ଫରହାନ ଅଖତର, ଅଭିନେତା ଓ ଫିଲ୍ମ ନିର୍ମାତା



" ମାତୃତ୍ୱ ଲାଭର ଅନୁଭୂତି ଖୁବ୍ ସ୍ୱତନ୍ତ୍ର । ଏଥିରେ ସିନେ କାହାଣୀ ପରି ଟ୍ରାଜେଡି, ସସ୍‌ପେନ୍ସ, ଟ୍ୱିଷ୍ଟ, ଲଭ୍ ସବୁକିଛି ଭରିରହିଛି । ଏହାକୁ ଉପଭୋଗ କରିବାର ଆନନ୍ଦ ନିଆରା ।

–ୟାମି ଗୌତମ, ବଲିଉଡ୍ ଅଭିନେତ୍ରୀ

## ଏଆଇ କରିବ ଥ୍ରି ଡେ' ୱାର୍କ ଉଇକ୍

ବର୍ତ୍ତମାନ ଅନେକ କ୍ଷେତ୍ରରେ ଏଆଇର ବ୍ୟବହାର ବଢିବାରେ ଲାଗିଛି । ତେବେ ନିକଟରେ ଏଆଇ କର୍ମଚାରୀ ବା ସିନ୍ଥେଟିକ୍ ଏମ୍ପଲଇଙ୍କୁ ନେଇ ଭବିଷ୍ୟବାଣୀ କରାଯାଇଛି । ଆଗକୁ ଏଆଇ କର୍ମଚାରୀ ଅନେକ ସେକ୍ଟରରେ ମଣିଷଙ୍କ ସ୍ଥାନ ନେବେ ବୋଲି ଜଣା ପଡିଛି । ସେହିଭଳି ଏହି ସିନ୍ଥେଟିକ୍ ଏମ୍ପଲଇଙ୍କୁ ବ୍ୟବହାର କରି ଭବିଷ୍ୟତରେ ଥ୍ରି ଡେ' ୱାର୍କ ଉଇକ୍ ମଧ୍ୟ ଫଲୋ କରାଯାଇ ପାରିବ ବୋଲି ଜଣା ପଡିଛି। ଯାହା କେତେକାଂଶରେ ଭଲ ହୋଇଥିବାବେଳେ କେତେକ କ୍ଷେତ୍ରରେ ଲାଭ ଦାୟକ ହେବ ନାହିଁ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଆଗକୁ ବିଭିନ୍ନ ଇଣ୍ଡଷ୍ଟ୍ରୀରେ ଆଡ୍‌ମିନ୍ ଷ୍ଟ୍ରେଟିଭ୍‌ଙ୍କ ସହିତ ରିସର୍ଚ୍ଚ ଡ୍ୟୁଟିରେ ସିନ୍ଥେଟିକ୍ ଏମ୍ପଲଇଙ୍କୁ ଦେଖିବାକୁ ମିଳିବ ବୋଲି ସେମାନେ ଆକଳନ କରିଛନ୍ତି । ବିଶେଷ ଭାବେ ଏମାନଙ୍କୁ କର୍ପୋରେଟ୍ ସେକ୍ଟରରେ ଅଧିକ ବ୍ୟବହାର କରିହେବ ବୋଲି ମତ ପ୍ରକାଶ ପାଇଛି । ସେହିଭଳି ଆସନ୍ତା ୨ ବର୍ଷ ଭିତରେ ଏଆଇ ଇଣ୍ଡଷ୍ଟ୍ରୀରେ ଖୁବ ପରିବର୍ତ୍ତନ ଘଟିବ ଯାହା ଏହାକୁ ଆହୁରି ଆଡଭାନ୍ସଡ କରିବ । ସେହିପରି ୨୧୧୬ ସୁଦ୍ଧା ଅନେକ ସ୍ଥାନରେ କେବଳ ରୋବଟ କାମ କରୁଥିବେ ବୋଲି ଏହି ରିପୋର୍ଟରେ ଦର୍ଶା ଯାଇଛି ।



## ଅଫିସ୍ ଡାଏଟ୍

ବର୍ତ୍ତମାନ ୯ ଟାରୁ ୫ଟା ଚାକିରି ସମସ୍ତଙ୍କ ପାଇଁ ହେକ୍ଟିକ୍ ହେବାରେ ଲାଗିଛି । ତେବେ ଏହି କାରଣରୁ ସବୁଠାରୁ ଅଧିକ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ବିଜି ଲାଇଫ୍ ଷ୍ଟାଇଲ କାରଣରୁ ସେମାନଙ୍କ ପ୍ରଡକ୍ଟିଭିଟି କମିବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଏହି ସମସ୍ୟାର ପ୍ରାଥମିକ ସମାଧାନ ଆପଣ ଖାଦ୍ୟ ସହାୟତାରେ କରିପାରିବେ । ଆସନ୍ତୁ ସେହିଭଳି କିଛି ଖାଦ୍ୟ ଟିପ୍ସ ସମ୍ପର୍କରେ ଜାଣିବା ।



**ବଟରମିଲ୍କ–** ଏହା ହେଉଛି ଏକ ପ୍ରକାର ନ୍ୟାଚୁରାଲ ପ୍ରୋବାୟୋଟିକ ଯାହା ଆମର ବିଭିନ୍ନ ଅନ୍ତନଳୀ ସମସ୍ୟା ଦୂର ହୋଇଥାଏ । ଏଥିରେ ହ୍ୱେ ପ୍ରୋଟିନର ମାତ୍ରା ଅଧିକ ରହିଥାଏ ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ ହୋଇଥାଏ । ତେଣୁ ୧୦ ଟାରୁ ୧୧ଟା ଭିତରେ ଆପଣ ବଟରମିଲ୍କ ପିଇ ପାରିବେ । ଏହା ଏନର୍ଜି ଲେବଲକୁ ଷ୍ଟେବଲ ରଖିଥାଏ ।

**ମିଣ୍ଟ ଟି'–** ଅନେକ ସମୟରେ ଅଫିସରେ ଖାଇବା ପରେ ନିଦ ଆସିଥାଏ । ଏହି ସମୟରେ ମିଣ୍ଟ ଟିର ସାହାଯ୍ୟ ନିଅନ୍ତୁ । ଯାହା ଆପଣଙ୍କର ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ସେହିଭଳି ଏହା ଏସିଡିଟିକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

**କଦଳୀ–** ମେଣ୍ଟାଲ ପିସ୍ ପାଇଁ କଦଳୀର ଭୂମିକା ପ୍ରମୁଖ ହୋଇଥାଏ । ତେଣୁ ଅଫିସ୍‌ରେ ମଝିରେ ମଝିରେ କଦଳୀ ଖାଆନ୍ତୁ । ଏହା ଭୋକ ନିୟନ୍ତ୍ରଣ କରିବା ସହିତ ଆପଣଙ୍କୁ ଏନର୍ଜିଟିକ ରଖିବ ।

**ଭଜା ଚଣା–** ଭଜା ଚଣାରେ ଅଧିକ ମାତ୍ରାରେ ପ୍ରୋଟିନ ଓ ଫାଇବର ଭରପୂର ହୋଇ ରହିଥାଏ । ଏହା ଏନର୍ଜି ଲେବଲକୁ ମେଣ୍ଟେନ୍ କରିବା ପାଇଁ ବେଶ୍ ସହାୟକ ହୋଇଥାଏ । ଅଫିସ୍‌ରେ ମିଡ୍‌ଡେ' ସ୍ନାକ ପାଇଁ ଏହା ଖୁବ ଭଲ ଅପସନ୍ ହୋଇଥାଏ ।

ବର୍ଷ ତିଥି

୧୮୭୬– ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ ।

୧୯୦୯– ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସି.ଏନ୍.ଆନ୍ନାଦୂରାଇଙ୍କ ଜନ୍ମ ।

୧୯୧୫– ପରମବୀର ଚକ୍ର ସମ୍ମାନିତ ପୂର୍ବତନ ଭାରତୀୟ ସୈନିକ ଲାନ୍ସ ନାୟକ କରମ ସିଂହଙ୍କ ଜନ୍ମ ।

୧୯୨୭– ପ୍ରସିଦ୍ଧ କବି ତଥା ସାହିତିକ୍ୟ ସର୍ବେଶ୍ୱର ଦୟାଲ ସକ୍ସେନାଙ୍କ ଜନ୍ମ ।

୧୯୫୯– ଭାରତର ରାଷ୍ଟ୍ରୀୟ ପ୍ରସାରଣ ସେବା ଦୂରଦର୍ଶନର ଶୁଭାରମ୍ଭ ।

୧୯୭୧– ବିଶ୍ୱକୁ ସବୁଜ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ କରିବା ପାଇଁ ଗ୍ରୀନ୍ ପିସ୍‌ର ସ୍ଥାପନା ।

୨୦୦୦– ସିଡ୍‌ନୀରେ ୨୭ତମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ ।

୧୮୬୧– ଭାରତରତ୍ନ ପୁରସ୍କାରପ୍ରାପ୍ତ ଦେଶର ପ୍ରଥମ ଇଞ୍ଜିନିଅର୍ ତଥା ବୈଜ୍ଞାନିକ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟଙ୍କ ଜନ୍ମ । ଏହି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଦିବସ ଅବସରରେ ପ୍ରତିବର୍ଷ ଆଜିର ଦିନକୁ ଇଞ୍ଜିନିଅର୍ ଦିବସ ରୂପେ ପାଳନ କରାଯାଇଥାଏ ।

## ଆଶାରେ ଦିବିତା



ନିକଟରେ ଏକ ଭିନ୍ନ ଧରଣର ମଜାଦାର ପାରିବାରିକ ସିନେମା ପ୍ରେକ୍ଷାଳୟକୁ ଆସିଛି । 'ହୀର୍ ଏକ୍ସପ୍ରେସ୍' ନାମକ ଏହି ସିମ୍ପଲ ଓ ଫ୍ୟାମିଲି ଡ୍ରାମା ଫିଲ୍ମ ମାଧ୍ୟମରେ ମୁଖ୍ୟ ଅଭିନେତ୍ରୀ ଭାବେ ବଲିଉଡ୍ ଏଣ୍ଟ୍ରି କରିଛନ୍ତି ଦିବିତା ଜୁନେଜା । ପୂର୍ବରୁ 'ୟେ ଯବାନୀ ହେ ଦିବାନୀ', 'ଦିଲ୍ ଧଡ଼କନେ ଦୋ' ଓ 'ଜିନ୍ଦଗୀ ନା ମିଲେଗି ଦୋବାରା' ଭଳି ହିନ୍ଦୀ ଫିଲ୍ମରେ ସହ ଅଭିନେତ୍ରୀ ଭାବେ ଅଭିନୟ କରିସାରିଥିବା ୨୨ ବର୍ଷୀୟା ଦିବିତା ଏହି ଫିଲ୍ମରେ ପ୍ରୀତ୍ କମାନୀଙ୍କ ବିପକ୍ଷରେ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି । ରୋଷେଇ ଭିତ୍ତିକ, ମାମୁ–ଭାଣିଜୀ ସମ୍ପର୍କ ଓ ଏକ ସିମ୍ପଲ ଲଭ୍‌ଷ୍ଟୋରିକୁ ନେଇ ପର୍ଯ୍ୟବସିତ ଏହି ଫିଲ୍ମଟି ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଡେବ୍ୟୁଟାଣ୍ଟ ଦିବିତା ଆଶା ପୋଷଣ କରିଛନ୍ତି । ଫିଲ୍ମର କାହାଣୀ ହୀର ୱାଲିଆ ନାମକ ଜଣେ ସାଧାରଣ ପଞ୍ଜାବୀ ଝିଅ ଉପରେ ଆଧାରିତ ଯିଏ ଦୁଇ ମାମୁଙ୍କ ଦ୍ୱାରା ପ୍ରତିପାଳିତ । ଯିଏ ସୁନ୍ଦର ଖାଦ୍ୟ ରାନ୍ଧି ଦୁଇ ମାମୁଙ୍କୁ ସର୍ବଦା ଖୁସି କରିବାକୁ ଚାହିଁଥାଏ । ମା'ଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱପ୍ନ ସାକାର କରିବା ଲାଗି ହୀର୍ ତାଙ୍କ ରୋଷେଇ ଟ୍ୟାଲେଣ୍ଟକୁ ସାରା ଦୁନିଆକୁ ଦେଖାଇବା ଆଶାରେ ଲଣ୍ଡନ ଚାଲିଯାଆନ୍ତି । ସେଠାରେ ପ୍ରୀତ୍‌ଙ୍କ ସହ ତାଙ୍କର ଦେଖାହୁଏ ଓ ଦୁହେଁ ପ୍ରେମରେ ପଡ଼ିଯାଆନ୍ତି । ଏହି ସମୟରେ କାହାଣୀରେ ଏଣ୍ଟ୍ରି ହୁଏ ଆଶୁତୋଷ ରାଣାଙ୍କ ଚରିତ୍ର ଓ କହାଣୀ ଏକ ନୂଆ ମୋଡ଼ ନିଏ । ତେବେ ସବୁ ବାଧାବିଘ୍ନକୁ ସହି ନିଜ ପରିବାର ଚଳାଇବାର ସଂକଳ୍ପ କରିଥିବା ହୀର ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଅନ୍ତି ନା ନାହିଁ, ପରିବାରକୁ ସେ ସେଠାରେ ସୁରୁଖୁରୁରେ ଚଳାଇ ପାରନ୍ତି କି ନାହିଁ ଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ । ସିନେମାର ପ୍ରମୁଖ ଭୂମିକାରେ ଦିବିତା ଜୁନେଜା ଓ ପ୍ରୀତ କମାନୀ ରହିଥିବା ବେଳେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛନ୍ତି ଆଶୁତୋଷ ରାଣା, ସଞ୍ଜୟ ମିଶ୍ର ଓ ଗୁଲସନ୍ ଗ୍ରୋଭର । ଫିଲ୍ମର ପ୍ରଯୋଜନା ଉମେଶ ଶୁକ୍ଲା, ସଞ୍ଜୟ ଗ୍ରୋଭର, ଆଶିଷ ୱ ଏବଂ ମୋହିତ କରିଥିବା ବେଳେ ସଞ୍ଜୟ ଗ୍ରୋଭର କାହାଣୀ ରଚନା କରିଛନ୍ତି । ଫିଲ୍ମଟି ମନୋରଞ୍ଜନ ଧର୍ମୀ ଓ ପରିବାର ସହ ଦେଖିବା ଉପଯୋଗୀ ହୋଇଥିବାରୁ ବଲିଉଡ୍‌ରେ ସଫଳ ହେବ ବୋଲି ଆଶା କରାଯାଉଛି ।

## ସବୁଠୁ ଉଚ୍ଚ ଝୁଲଣା

ଝୁଲଣାରେ ଝୁଲିବାକୁ କାହାକୁ ଅବା ଭଲ ଲାଗେ ନାହିଁ । ହେଲେ ଏମିତି ଏକ ଝୁଲଣା ଅଛି, ଯେଉଁଥିରେ ଝୁଲିବା ପୂର୍ବରୁ ଜଣେ ବ୍ୟକ୍ତି ହଜାର ଥର ଭାବିବେ । ତେବେ ଚୀନ୍‌ରେ ଏହି ଝୁଲଣା ରହିଥିବାବେଳେ ଏହାକୁ ବିଶ୍ୱର ସବୁଠୁ ଉଚ୍ଚ ଝୁଲଣା ବୋଲି କୁହାଯାଉଛି । ଏହାକୁ ଗିନିଜ୍ ବିଶ୍ୱ ରେକର୍ଡ ତରଫରୁ ସାର୍ଟିଫାଏଡ୍ ମଧ କରାଯାଇଛି । ଚୋଙ୍ଗ୍‌କିଙ୍ଗ୍‌ରେ ଅବସ୍ଥିତ ଏହି ଝୁଲଣାର ଉଚ୍ଚତା ହେଉଛି ୧୦୮ ମିଟର । ଯାହା ପ୍ରାୟ ୩୦ ମହଲାବିଶିଷ୍ଟ ବିଲ୍ଡିଂର ଉଚ୍ଚତା ସହିତ ସମାନ ହେବ । ତେବେ ଏହି ଝୁଲଣାକୁ ଦେଶର ଦକ୍ଷିଣ ପଶ୍ଚିମରେ ଥିବା ୭୦୦ ମିଟର ଉଚ୍ଚ ପାହାଡ଼ ନିକଟରେ ଲଗାଯାଇଛି । ଏହି ବିପଦପୂର୍ଣ୍ଣ ଝୁଲଣାଟି ଦେଖିବାକୁ ଖୁବ୍ ଭୟଙ୍କର, ହେଲେ ଆଡଭେଞ୍ଚରପ୍ରେମୀଙ୍କ ପାଇଁ ଏହା ହେଉଛି ସବୁଠୁ ଭଲ ସ୍ଥାନ । ଏହି ଝୁଲଣାଟିକୁ ଇନ୍ଦ୍ରଧନୁ ଭଳି ରଙ୍ଗ ଦିଆଯାଇଛି, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ । ଏହା ୩୩୦ ଫୁଟ ଉଚ୍ଚ ଆର୍ଚ୍ଚ (ଏକପ୍ରକାରର ଗୋଲେଇ) ଏବଂ ୩୫୫ ଫୁଟ ଉଚ୍ଚ ଲଞ୍ଚିଂ ଟାୱାରରେ ନିର୍ମିତ, ଯାହା ଘଣ୍ଟାପ୍ରତି ୧୩୦ କିଲୋମିଟର ବେଗରେ ଗତି କରିପାରିବ । ଏହି ଝୁଲଣାରେ ଝୁଲୁଥିବା ଲୋକେ ୮୮ ମିଟର (ପ୍ରାୟ ୨୯୦ ଫୁଟ) ଉଚ୍ଚ ପର୍ଯ୍ୟନ୍ତ ଉପରକୁ ଝୁଲିପାରନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ଆର୍ଥ୍‌ବେଷ୍ଟଶର୍ଟ୍ସ ନାମକ ଏକ ଆକାଉଣ୍ଟରେ ଏହି ଝୁଲଣାର ଭିଡିଓ ପୋଷ୍ଟ କରାଯାଇଛି । ଏଥିରେ ଝୁଲଣାରେ ଲୋକେ କିଭଳି ଝୁଲୁଛନ୍ତି, ତା' ମଧ ଦେଖାଯାଇଛି । ଝୁଲଣାର ଗୋଟିଏ ପଟେ ଗଭୀର ଖାଇ ଦେଖିବାକୁ ମିଳିଛି, ଯାହା ଦେଖିଲେ ଯେକେହି ବି ଭୟଭୀତ ହୋଇଯିବେ । ଏହା ବିପଦପୂର୍ଣ୍ଣ ହୋଇଥିବାରୁ ଦୁର୍ବଳ ଲୋକ କିମ୍ବା ରୋଗୀମାନଙ୍କୁ ଏହି ଝୁଲଣାରେ ଝୁଲିବାକୁ ମନା ରହିଛି । ହେଲେ ଲୋକେ ଏଥିରେ ଝୁଲିବା ସମୟରେ ବିଶେଷକରି ସୁରକ୍ଷା ଉପରେ ଧ୍ୟାନ ରଖାଯାଇଥାଏ ।



## ଡୋର ବେଲ୍ ଲଗାଇବାର ନିୟମ



ପ୍ରତ୍ୟେକ ଦିନ ଶୁଣୁଥିବା ଧ୍ୱନିର ସକରାତ୍ମକ ଓ ନକରାତ୍ମକ ଦୁଇଟି ଭାବ ରହିଛି । ବାସ୍ତୁ ଅନୁସାରେ, ଆମେ ଶୁଣୁଥିବା ମଧୁର ଧ୍ୱନି ମନରେ ସକରାତ୍ମକ ଭାବ ଜାଗ୍ରତ କଲା ବେଳେ କଟୁ ଧ୍ୱନି ନକରାତ୍ମକ ଭାବ ବୃଦ୍ଧି କରେ । ସେହି ଅନୁସାରେ, ମଧୁର ଧ୍ୱନିର ଦିଗ ଓ ସ୍ଥାନ ସଠିକ୍ ରହିଲେ, ଭାଗ୍ୟରେ ପରିବର୍ତ୍ତନ ଆସିବା ସହିତ ମନ ଭଲ ରହେ । ପ୍ରତ୍ୟେକ ଦିନ ଶୁଣୁଥିବା ଧ୍ୱନି 'ଡୋର୍ ବୋଲ୍'ର ସ୍ଥାନ ଓ ଦିଗ ସମ୍ପର୍କରେ ଆଜିର ବାସ୍ତୁ ।

- ଯଦି ଆପଣ ଘରେ ମନ୍ତ୍ର ଉଚ୍ଚାରଣ ହେଉଥିବା ଡୋର୍ ବେଲ୍ ଲଗାଇବାକୁ ଚାହୁଁଛନ୍ତି, ତେବେ ଦକ୍ଷିଣ–ପୂର୍ବ ଦିଗରେ ଥିବା କାନ୍ଥରେ ଲଗାନ୍ତୁ ।
- ପକ୍ଷୀଙ୍କ ମଧୁର ଧ୍ୱନି ଥିବା ଡୋର୍ ବେଲ୍ ରଖିବାକୁ ଚାହୁଁଥିଲେ, ଉତ୍ତର–ପଶ୍ଚିମ ଦିଗରେ ଥିବା କାନ୍ଥରେ ଲଗାନ୍ତୁ । ପକ୍ଷୀଙ୍କ କୁଳୁକୁଳୁ ମଧୁର ରାବ ଘର ଏହି ଦିଗରୁ ଆସିଲେ, ଘରେ ବାୟୁର ସଂଚାର ହୁଏ ଏବଂ ସକରାତ୍ମକ ଶକ୍ତି ବୃଦ୍ଧି ପାଏ ବୋଲି ବାସ୍ତୁରେ ରହିଛି ।
- ପୂଜା ଘର ନିକଟରେ କେବେ ବି ଡୋର୍ ବୋଲ୍ ଲଗାନ୍ତୁ ନାହିଁ । ପୂଜା ସମୟରେ ବେଲ୍ ବାଜିଲେ, ପୂଜା ଓ ଧ୍ୟାନ ଭଙ୍ଗ ହୋଇଥାଏ, ଯାହା ମନରେ ଅଶାନ୍ତି ସୃଷ୍ଟି କରିବା ସହିତ ଘରେ ଅଶାନ୍ତି ବୃଦ୍ଧି କରେ ।
- ଘର ମୁଖ୍ୟ କବାଟର ବାମ ପଟରେ ସର୍ବଦା ଡୋର୍ ବେଲ୍ ଲଗାନ୍ତୁ । ଯେପରି ଘରକୁ ଆସୁଥିବା ବ୍ୟକ୍ତି ଜଣକ ଡାହାଣ ହାତରେ ବେଲ୍ ବଜାଇବେ । ଏହିପରି କଲେ ଘରେ ବାହାର ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୮
ତିଥି : ନବମୀ
୧୫ ସେପ୍ଟେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 338
15 Sept 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ୟୁକେରେ ହିଂସା | ବିକ୍ଷୋଭକାରୀ- ପୋଲିସ୍ ମୁହାଁମୁହିଁ

ଲଣ୍ଡନ,୧୪।୯: ବାଂଲାଦେଶ, ନେପାଳ ଓ ଫ୍ରାନ୍ସ ପରେ ବର୍ତ୍ତମାନ ଲଣ୍ଡନରେ ଲକ୍ଷ ଲକ୍ଷ ଲୋକ ପ୍ରତିବାଦ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ଏବଂ ହିଂସା ଘଟିଛି । ପ୍ରତିବାଦକାରୀମାନେ ସରକାରଙ୍କ ନୀତିକୁ ବିରୋଧ କରୁଛନ୍ତି ଏବଂ ସରକାର ପରିବର୍ତ୍ତନ ଦାବି କରୁଛନ୍ତି । ବ୍ରିଟେନର ଇତିହାସର ସବୁଠାରୁ ବଡ଼ ପ୍ରତିବାଦ କେନ୍ଦ୍ରୀୟ ଲଣ୍ଡନରେ ହୋଇଥିଲା । ଯେଉଁଥିରେ 'ୟୁନାଇଟ୍ ଦି କିଙ୍ଗଡମ୍' ରାଲି ପାଇଁ ଲଣ୍ଡନର ରାସ୍ତାରେ ଏକ ଲକ୍ଷରୁ ଅଧିକ ଲୋକ ଏକାଠି ହୋଇଥିଲେ । ଏହି ପ୍ରବାସୀ ବିରୋଧୀ ରାଲିକୁ ବ୍ରିଟେନର ସବୁଠାରୁ ବଡ଼ ଦକ୍ଷିଣପନ୍ଥୀ ରାଲି ବୋଲି ବିବେଚନା କରାଯାଉଛି । ଲଣ୍ଡନର ହ୍ୱାଇଟ ହଲ୍ ନିକଟରେ ପ୍ରଦର୍ଶନକାରୀ ଏବଂ ପୁଲିସ ମଧ୍ୟରେ ମଧ୍ୟ ସଂଘର୍ଷ ହୋଇଥିଲା । ଯେଉଁଥିରେ ୨୬ ଜଣ ପୁଲିସ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ୟୁନିଟ୍ ଦି କିଙ୍ଗଡମ୍ ମାର୍ଚ୍ଚ ସମୟରେ, ଲଣ୍ଡନର ହ୍ୱାଇଟ ହଲରେ ଷ୍ଟାଣ୍ଡ ଅପ୍ ଟୁ ରେସିଜିମ୍ ନାମକ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଚାଲିଥିଲା, ଯେଉଁଥିରେ ୫,୦୦୦ ଲୋକ ସାମିଲ ହୋଇଥିଲେ । ପୁଲିସ ହ୍ୱାଇଟ ହଲରେ ସମବେତ ହୋଇଥିବା ୫,୦୦୦ ପ୍ରଦର୍ଶନକାରୀଙ୍କୁ ଭିଡ଼ରୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲା । ଏହାକୁ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା । ହିଂସାରେ ସାମିଲ ଥିବା ୨୫ ଜଣଙ୍କୁ ଗିରଫ କରାଯାଇଛି । ଏହି ସମୟରେ ଘଟିଥିବା ହିଂସାରେ କିଛି ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିବାର ଖବର ମିଳିଛି ।ୟୁନାଇଟେଡ୍ ଦି କ୍ୟୁମ ରାଲି ପାଇଁ ଲୋକମାନେ ଲଣ୍ଡନର ରାସ୍ତାରେ ଏକତ୍ରିତ ହୋଇଥିଲେ । ରାସ୍ତାଗୁଡ଼ିକ ପ୍ରତିବାଦକାରୀଙ୍କ ଭିଡ଼ରେ ପରିପୂର୍ଣ୍ଣ ଥିଲା । ଏହି ପ୍ରତିବାଦର ନେତୃତ୍ୱ ନେଇଥିଲେ ଜଣାଶୁଣା କର୍ମୀ ଟମି ରବିନସନ । ସରକାର ଦ୍ୱାରା ଅବହେଳିତ ଅନୁଭବ କରୁଥିବା ଲୋକମାନେ ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ । ଏହି ରାଲି ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ



ସରକାରଙ୍କ ପ୍ରତି ନିରାଶା, ବିଶେଷକରି ପ୍ରବାସ ଏବଂ ସେନସରସିପ୍ ଭଳି ପ୍ରସଙ୍ଗ ଉପରେ ଆୟୋଜିତ ହୋଇଥିଲା । ପୁଲିସ ଅନୁଯାୟୀ, ଲଣ୍ଡନ ରାଲି ସମୟରେ ପ୍ରଦର୍ଶନକାରୀମାନେ ଅନେକ ପୁଲିସ ଅଧିକାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏହି ରାଲି 'ଜାତିବାଦକୁ ବିରୋଧ କରିବାକୁ ଠିଆ ହୁଅନ୍ତୁ, ପ୍ରତିବାଦ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରାୟ ୫ ହଜାର ଲୋକ ଅଂଶଗ୍ରହଣ କରିଥିଲେ ।ଏହି ସମୟରେ, ହିଂସାତ୍ମକ ସଂଘର୍ଷକୁ ରୋକିବା ପାଇଁ ପୁଲିସକୁ ଦିନସାରା କଠିନ ପରିଶ୍ରମ କରିବାକୁ ପଡିଥିଲା । ଲଣ୍ଡନରେ ଅନୁଷ୍ଠିତ ପ୍ରତିବାଦରେ ଲୋକମାନେ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ଏବଂ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କୁ 'ଘରକୁ ଯାଅ' ଅର୍ଥାତ୍ ଚୌକି ଛାଡିବାକୁ କହିଥିଲେ । ନେପାଳ ଏବଂ ବାଂଲାଦେଶରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ଲଣ୍ଡନରେ ଟମି ରବିନସନଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରା ବ୍ରିଟେନରେ ପ୍ରବାସୀମାନଙ୍କ ପାଇଁ ହୋଟେଲ ବାହାରେ ଆରମ୍ଭ ହୋଇଥିଲା । ଏହି ସମୟରେ, ପ୍ରଦର୍ଶନକାରୀମାନେ ୟୁନିଅନ ଜ୍ୟାକ ଏବଂ ଲାଲ-ଧଳା ସେଣ୍ଟ ଏବଂ ଜର୍ଜ କ୍ରସ ପତାକା ଧରିଥିଲେ । ରାଲିରେ ଅନେକ ଲୋକ ଆମେରିକୀୟ ଏବଂ ଇସ୍ରାଏଲୀ ପତାକା ମଧ୍ୟ ଧରିଥିବାର ଦେଖାଯାଇଥିଲା । ରାଲିରେ ସାମିଲ ଲୋକମାନେ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ଏବଂ ତାଙ୍କ ବିରୁଦ୍ଧରେ 'ତାଙ୍କୁ ଘରକୁ ପଠାଅ' ଲେଖାଥିବା ପୋଷ୍ଟର ମଧ୍ୟ ପ୍ରଦର୍ଶନ କରିଥିଲେ ।

## ଏସିଆ କପ୍

# ଭାରତର ଚମକ, ପାକିସ୍ତାନ ଫିକା

ଦୁବାଇ,୧୪।୯(ଏଜେନ୍ସି): ବିରୋଧ , ସମାଲୋଚନା, ବର୍ଜନ ନାନାଦି ଚର୍ଚ୍ଚା ଭିତରେ ଶେଷ ହୋଇଛି ଏସିଆ କପର ବହୁ ପ୍ରତିକ୍ଷୀତ ଭାରତ-ପାକ ଲଢ଼େଇ । ରବିବାର ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଭାରତ ୭ ୱିକେଟରେ ପାକିସ୍ତାନକୁ ପରାଜିତ କରି କଥାକଥିତ ଅପରେସନ ସିନ୍ଦୂର-୨ରେ ସଫଳ ହୋଇଛି। ଏହି ମ୍ୟାଚରେ ପାକିସ୍ତାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା। ଜବାବରେ ଭାରତ ୧୫.ଓଭରରେ



୩ ୱିକେଟ୍ ହରାଇ ୧୩୧ ରନ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ବୋଲିଂରେ କୁଲଦୀପ ଯାଦବ ୧୮ ରନ୍ ବିନିମୟରେ ୩ ୱିକେଟ୍ ଦଖଲ କରି ପ୍ଲେୟାର ଅଫ୍ ଦ ମ୍ୟାଚ ବିଜେଚିତ ହୋଇଛନ୍ତି। ଭାରତୀୟ ଦଳ ଆଶାନୁରୂପ ପ୍ରଦର୍ଶନ ଦେଖାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଅକ୍ଷର ପଟେଲ ଜମାଣିଆ ବୋଲିଂ କରି ପାକିସ୍ତାନକୁ ଅଣ୍ଟା ସଳଖିବାର ସୁଯୋଗ ଦେଇନଥିଲେ। ପ୍ରଥମ ବଲରେ ୱିକେଟ୍ ସଫଳତା ତଥା ପ୍ରର୍ଯ୍ୟାୟକ୍ରମେ ପାକିସ୍ତାନ ୱିକେଟ୍ ହରାଇବାରୁ ଦଳୀୟ ସ୍କୋର ୧୨୭/୯ରେ ସୀମିତ ରହିଥିଲା। ଏହି ସ୍କୋରକୁ ଭାରତ ୧୫.୫ ଓଭରରେ ୱିକେଟ୍ ହରାଇ ୧୩୧ ରନ୍ କରି ବିଜୟୀ ହୋଇଛି।

# ରୁଷିଆ ଟାର୍ଗେଟରେ ଲଣ୍ଡନ

ନ୍ୟୁୟର୍କ,୧୪।୯: ଜାତିସଂଘରେ ୟୁକ୍ରେନୀୟ ପ୍ରତିନିଧି ଆଣ୍ଡ୍ରି ମେଲନିକ୍ ଦାବି କରିଛନ୍ତି, ରୁଷିଆ କ୍ଷେପଣାସ୍ତ୍ର ଖୁବ୍ ଶୀଘ୍ର ଲଣ୍ଡନରେ ପହଞ୍ଚିପାରେ । ରୁଷିଆ ଜାଣିଶୁଣି ନାଟୋ ବାୟୁମଣ୍ଡଳ ଉଲ୍ଲଂଘନ କରୁଛି । ଏହି ସପ୍ତାହରେ ପୋଲାଣ୍ଡରେ ଏକ ଡଜନରୁ ଅଧିକ ଡ୍ରୋନ୍ ପହଞ୍ଚିଛି । ବ୍ରିଟେନ୍ ସହିତ ମଧ୍ୟ ସମାନ ଘଟଣା ଘଟିପାରେ, ଯାହା ତୃତୀୟ ବିଶ୍ୱଯୁଦ୍ଧର କାରଣ ହୋଇପାରେ । ଦି ସନ୍ ଅନୁଯାୟୀ, ମେଲନିକ୍ କହିଛନ୍ତି ଯେ, ବିଶ୍ୱ ବର୍ତ୍ତମାନ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାର ଦେଶରେ ଠିଆ ହୋଇଛି । ସେ କହିଛନ୍ତି, ବିଶ୍ୱ ଜଳୁଛି ଏବଂ ଆମେ କିଛି କରିପାରୁନାହୁଁ ।ୟୁରୋପ ଭାବିବା ଉଚିତ ଯେ,ୟୁକ୍ରେନ୍ ଏକା ନୁହେଁ, ସେମାନଙ୍କର ପାଳି ମଧ୍ୟ ଆସିବ । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କାହାକୁ ଛାଡିବେ ନାହିଁ ।

# ନେପାଳରେ ମୃତ ପ୍ରତିବାଦକାରୀଙ୍କୁ ସହିଦ ଘୋଷଣା

କାଠମାଣ୍ଡୁ, ୧୪।୯ : ସୁଶୀଳା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଗତ ଶୁକ୍ରବାର ଶପଥ ନେଇଥିଲେ ହେଁ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି । ସିଂହ ଦରବାର ଅଭିମୁଖେ ଯିବା ପୂର୍ବରୁ ଆଜି ସକାଳେ ସେ ରାଜଧାନୀ କାଠମାଣ୍ଡୁର ଲେନଚୌରସ୍ଥିତ ସହିଦ ସ୍ମାରକୀକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୃହ ମନ୍ତ୍ରଣାଳୟର କୋଠାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ତାଙ୍କ କାର୍ଯ୍ୟ ଆରମ୍ଭ କରିଛନ୍ତି ।କାରଣ ଜେନ୍ ଜେଡ୍ଙ୍କ ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀ ଅଫିସ୍ ଚାଲୁଥିବା ସ୍ଥାନଟି ବହୁତ କ୍ଷତିଗ୍ରସ୍ତ ହୋଇଛି । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗୃହ ମନ୍ତ୍ରଣାଳୟ କୋଠାକୁ ସ୍ଥାନାନ୍ତର କରାଯାଇଛ ।ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଜେନ୍ ଜେଡ୍ ବିକ୍ଷୋଭ ବେଳେ ଗତ ସପ୍ତାହରେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହିଦ ଘୋଷଣା କରିଛନ୍ତି ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ମୁଖ୍ୟ ଶାସନ ସଚିବ ଏକନାରାୟଣ ଆର୍ଯ୍ୟାଲ ଏହି ଖବରକୁ ସ୍ପଷ୍ଟ କରିଛନ୍ତ । "କାଠମାଣ୍ଡୁ ପୋଷ୍ଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆହତ ହୋଇଥିବା ୧୩୪ ଜଣ ବିକ୍ଷୋଭକାରୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଆହତ ହୋଇଥିବା ୫୭ ଜଣ ପୁଲିସ କର୍ମଚାରୀଙ୍କୁ ମଧ୍ୟ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ । ରିପୋର୍ଟ ଅନୁଯାୟୀ, ଜେନ୍ ଜେଡ୍ ବିକ୍ଷୋଭ ବେଳେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଶୀଘ୍ର ରିପୋର୍ଟ ଦେବା ପାଇଁ ସମସ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଦେଶକୁ ଦୋହଲାଇ ଦେଇଥିବା ଜେନ୍ ଜେଡ୍ ବିକ୍ଷୋଭରେ ବର୍ତ୍ତମାନ ସୁଦ୍ଧା ୭୨ ଜଣଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୫୯ ଜଣ ବିକ୍ଷୋଭକାରୀ ଥିବା ବେଳେ ୧୦ ଜଣ କଏଦୀ ଓ ୩ ଜଣ ପୁଲିସ ଅଧିକାରୀ ଅଛନ୍ତି ।

# ହୋମଗାର୍ଡ ଶାରୀରିକ ପରୀକ୍ଷାବେଳେ ଯୁବକଙ୍କ ମୃତ୍ୟୁ

ଛତ୍ରପୁର,୧୪।୯ (ସବ୍ୟୁ): ଗୃହରକ୍ଷୀ ଚାକିରି କରିବି ବୋଲି କେତେ ବଡ଼ ଆଶା କରିଥିଲେ। ଶାରୀରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବି ବୋଲି ଆଶା ରଖିଥିଲେ ଏବଂ ପରିବାର ଲୋକଙ୍କୁ ଭରସା ମଧ୍ୟ ଦେଇଥିଲେ। ତେବେ ଶାରୀରିକ ପରୀକ୍ଷା ସମୟରେ ଏକ ଅଘଟଣର ଶିକାର ହେଲେ ଯୁବକ। ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରୁ ସେ ଆଉ ଜୀବିତ ଫେରିପାରିଲେ ନାହିଁ। ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଆଜି ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ଯୁବକ ହେଲେ ଶିବରାମ ପ୍ରଧାନ। ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନରେ ଛତ୍ରପୁରସ୍ଥିତ ରିଜର୍ଭ ପୁଲିସ ( ୯ ପୃଷ୍ଠାରେ )

# ଆସାମରେ ୬୫୦୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ

ଗୁଆହାଟି, ୧୪।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଆସାମର ଦରାଙ୍ଗରେ ପ୍ରାୟ ୬୫୦୦ କୋଟି ଟଙ୍କାର ବିକାଶ କାର୍ଯ୍ୟର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆସାମର ବିକାଶ ଯାତ୍ରାର ଏହି ଐତିହାସିକ ଦିନରେ ଦରାଙ୍ଗର ଜନସାଧାରଣ ଏବଂ ଆସାମର ସମସ୍ତ ନାଗରିକଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅପରେସନ ସିନ୍ଦୂରର ସଫଳତା ପରେ, ସେ ଗତକାଲି ପ୍ରଥମ ଥର ପାଇଁ ଆସାମ ଗସ୍ତ



କରିଥିଲେ। ସେ ମା କାମାକ୍ଷାଙ୍କ ଆଶୀର୍ବାଦକୁ ଅପରେସନର ଚମତ୍କାର ସଫଳତାର ଶ୍ରେୟ ଦେଇଥିଲେ ଏବଂ ତାଙ୍କ ପବିତ୍ର ଭୂମିରେ ପାଦ ଦେବା ସମୟରେ ଆଧ୍ୟାତ୍ମିକ ସନ୍ତୋଷର ଗଭୀର ଭାବନା ପ୍ରକାଶ କରିଥିଲେ। ସେ ଆସାମରେ ପାଳିତ ହେଉଥିବା ଜନ୍ମାଷ୍ଟମୀ ଅବସରରେ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଲାଲକିଲ୍ଲାର ପ୍ରାଚୀରରୁ ତାଙ୍କ କଥାକୁ ପ୍ରତିଫଳିତ କରି ଶ୍ରୀ ମୋଦୀ କହିଛନ୍ତି ଯେ ସେ ଭାରତର ସୁରକ୍ଷା ରଣନୀତିରେ 'ସୁଦର୍ଶନ-ଚକ୍ର'ର ଧାରଣା ପ୍ରଚଳନ ( ୯ ପୃଷ୍ଠାରେ )

## ଦଶାହକର୍ମରେ ଅଘଟଣ

# ପୁତୁରା ମୃତ, ବଡବାପା ନିଖୋଜ

ପାରାଦୀପ, ୧୪ ।୯ (ଜି.ପ୍ର) : ଜଗତସିଂହପୁର ଜିଲ୍ଲା ତାର୍ଡୋଲ ଠାରେ ମହାନଦୀକୁ ଦଶାହ କର୍ମ କରିବା ପାଇଁ ଯାଇ ବୁଡ଼ିଗଲେ ପୁତୁରା । ପୁତୁରାକୁ ଉଦ୍ଧାର କରିବାକୁ ଯାଇ ବଡବାପା ନଦୀକୁ ଡେଇଁପଡିଲେ । ପୁତୁରା ମୃତ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ବଡବାପା କିନ୍ତୁ ନିଖୋଜ ହୋଇଗଲେ । ମୃତକ ପୁତୁରା ହେଲେ ୨୨ବର୍ଷୀୟ ରୁଦ୍ର ପ୍ରସନ୍ନ ଜେନା ଏବଂ ନିଖୋଜ ବଡ଼ବାପା ହେଲେ ସମ୍ପଦ ଜେନା । ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜା ଜାରି ରହିଛି । ଉଭୟଙ୍କ ଘର କୋଳର ଅଞ୍ଚଳର ନାଗପୁର ଗାଁରେ । ( ୯ ପୃଷ୍ଠାରେ)

# ଚିନି -ଲୁଣ ମଧୁମେହ, ହୃଦରୋଗର ଅନ୍ୟତମ କାରଣ

ଭୁବନେଶ୍ୱର, ୧୪।୯(ସବ୍ୟୁ) : ଜାତୀୟ ପୁଷ୍ଟିକର ମାସ ଅବସରରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର, ଆଇଆଇଟି ଭୁବନେଶ୍ୱର, କଳିଙ୍ଗ ହସ୍ପିଟାଲର ସହଯୋଗରେ, ଆଜି ପ୍ରତିଷ୍ଠାନର କମ୍ୟୁନିଟି ସେଣ୍ଟରରେ ଚିନି, ଲୁଣ ଏବଂ ତେଲର ବ୍ୟବହାର ହ୍ରାସ କରିବା ଉପରେ ଏକ ସଚେତନତା ଆଲୋଚନାର ଆୟୋଜନ କରିଥିଲା । ଏହି ଅଧିବେଶନରେ କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱରର କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ ଡକଫର ଅଞ୍ଜନା ତ୍ରିପାଠି ଯୋଗଦେଇଥିଲେ ଏବଂ ସୁସ୍ଥ ଖାଦ୍ୟ ପସନ୍ଦକୁ ଉତ୍ସାହିତ କରିବା ପାଇଁ ମାଣ୍ଡିଆ ଖାଦ୍ୟ ନମୁନା ପ୍ରଦର୍ଶନ ଏବଂ ବିକ୍ରୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ଡକଫର ତ୍ରିପାଠି ଗୁରୁତ୍ୱାରୋପ କରିଥିଲେ ଯେ ଅତ୍ୟଧିକ ଚିନି, ଲୁଣ ଏବଂ ପୃଥୁଳତା, ମଧୁମେହ ଏବଂ ହୃଦରୋଗ ପଛରେ ନୀରବ ଅପରାଧୀ । ସେ ଫଳ ମିଶ୍ରିତ ପାଣି ପାନ କରିବା, ରୋଷେଇରେ ଲୁଣ ସୀମିତ କରିବା ଏବଂ ତେଲ ବ୍ୟବହାର ହ୍ରାସ କରିବା ଭଳି ଛୋଟ ଛୋଟ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରତିରୋଧକ ପୁଷ୍ଟିସାର ଭୂମିକା ଉପରେ ଆଲୋକପାତ କରି ସେ ଆହୁରି କହିଲେ, ଖାଦ୍ୟ ହେଉଛି ଔଷଧ - ସମ୍ପୂର୍ଣ୍ଣ ଶସ୍ୟ, ଫଳ, ପନିପରିବା ଏବଂ ସୁସ୍ଥ ଚର୍ବି ବାଛି, ଆମେ ଆମର ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଯକୃତ କାର୍ଯ୍ୟକୁ ସୁରକ୍ଷିତ ରଖିପାରିବା । ଏହି କାର୍ଯ୍ୟକ୍ରମରେ ପୁଷ୍ଟିସାର ସମ୍ପର୍କିତ ଲୋକପ୍ରିୟ ଧାରଣାକୁ ଖଣ୍ଡନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା, ଏହା ଉପରେ ଆଲୋକପାତ କରାଯାଇଥିଲା ଯେ ଖାଦ୍ୟ ଛାଡିବା କିମ୍ବା ସମସ୍ତ ଚର୍ବି ପରିହାର କରିବା ସୁସ୍ଥ ନୁହେଁ । ବରଂ, ସଚେତନ ଖାଦ୍ୟ, ସନ୍ତୁଳିତ ଖାଦ୍ୟ ଏବଂ ଅଧିକ ଚର୍ବି, ଲୁଣ ଏବଂ ଚିନିଯୁକ୍ତ ଖାଦ୍ୟରେ ସଂଯମତା ( ୯ ପୃଷ୍ଠାରେ)

## ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 04066/13/0032/2526 DSPL-

ସମୟ





କେନ୍ଦୁଝର ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଲୋକଙ୍କ ସହ ମିଶିବା ସହିତ ଅଭିଯୋଗ ଗ୍ରହଣ କରୁଛନ୍ତି।

## ଫିକି ଏଫ୍‌ଏଲ୍‌ଓ ମହିଳା ଏଫ୍‌ଏଲ୍‌ଓ ବଜାର ୨୦୨୫ରେ ଓଡ଼ିଶା ହସ୍ତତନ୍ତର ଶାନ୍ ପ୍ରଦର୍ଶନ କଲେ

ଭୁବନେଶ୍ୱର, (ସବ୍ୟୁ) : ଏଫ୍‌ଏଲ୍‌ଓ ବଜାର ୨୦୨୫ର ଦ୍ୱିତୀୟ ଦିବସରେ ଫିକି ଏଫ୍‌ଏଲ୍‌ଓ ଭୁବନେଶ୍ୱରର ମହିଳା ଉଦ୍ୟୋଗୀମାନେ ରାମ୍ପରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ବଳିଷ୍ଠ ପ୍ରଦର୍ଶନ କରିଥିଲେ। ବରହମପୁରି ପାଟ ଠାରୁ, ନୂଆପାଟଣା ଖଣ୍ଡୁଆ, ଗୋପାଳପୁର, କୋଟପାଡ଼, ସୋନପୁର, ବଲାଙ୍ଗୀର, ଏବଂ ଆହୁରି ଅନେକ ଆକର୍ଷଣୀୟ ଭାବରେ ବୁଣା ଯାଇଥିବା ପୋଷାକ ପରିଧାନ କରି ଅଂଶଗ୍ରହଣକାରୀମାନେ ଓଡ଼ିଶା ବୁଣାକାରମାନଙ୍କ ଉତ୍କର୍ଷ କଳା ଓ ବିବିଧତାକୁ ପାଳନ କରିଥିଲେ। ରାମ୍ପ ୱାକରେ ଶାଢ଼ୀ, ଜ୍ୟାକେଟ ଏବଂ ହସ୍ତତନ୍ତ ଦ୍ୱାରା ଅନୁପ୍ରେରିତ ପାଶ୍ଚାତ୍ୟ ଓ ସ୍ୱଦେଶୀ ପୋଷାକ ଗୁଡ଼ିକ ସ୍ଥାନ ପାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରା ଏବଂ ରେଶମ ଓ କାର୍ପାସ କପଡ଼ାର ଚିରନ୍ତନ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲା। କାର୍ଯ୍ୟକ୍ରମକୁ ନେଇ ବିପୁଳ ଆଗ୍ରହ ପରିଲକ୍ଷିତ ହୋଇଥିଲା ଏବଂ ବଜାରର କ୍ରମାଗତ ଦ୍ୱିତୀୟ ଦିବସରେ ବିପୁଳ ଜନ ସମାଗମ ହୋଇଥିଲା। ସ୍ଥାନୀୟ କାରିଗରମାନେ ମଧ୍ୟ ଏହାକୁ ନେଇ ସେମାନଙ୍କର ଆନନ୍ଦ ପ୍ରକାଶ କରିଥିଲେ। ବଲାଙ୍ଗୀରର ଜଣେ ବୁଣାକାର ସୁରମା ପଟେଲ ସୂତା ହସ୍ତତନ୍ତ ଶାଢୀ ପ୍ରଦର୍ଶିତ କରିଥିବାବେଳେ ବିପୁଳ ଅଂଶଗ୍ରହଣକୁ ନେଇ ନିଜର ଉଲ୍ଲାସ ବ୍ୟକ୍ତ କରିଥିଲେ।

### ଡ୍ରିମ୍‌ସରେ ବିଶ୍ୱ ଫିଜିଓଥେରାପି ଦିବସ

## ବୟସ୍କ ବ୍ୟକ୍ତିଙ୍କୁ ଚଳଚଞ୍ଚଳ କରିଛି ଫିଜିଓଥେରାପି

କଟକ, (ସ୍ୱପ୍ର): କେବଳ ଆଘାତପ୍ରାପ୍ତ ଅଙ୍ଗପ୍ରତ୍ୟଙ୍ଗଙ୍କୁ ସଚଳ କରିବା କ୍ଷେତ୍ରରେ ନୁହେଁ , ବୟସ୍କ ବ୍ୟକ୍ତିଙ୍କୁ ଚଳଚଞ୍ଚଳ ରଖିବାରେ ଫିଜିଓଥେରାପିର ଉପଯୋଗ ଆଜି ବହୁଳ ଭାବରେ ହେଉଛି । ଏକ୍ଷେତ୍ରରେ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶ୍ୱ ଫିଜିଓଥେରାପି ଦିବସରେ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି । ଡ୍ରିମ୍‌ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରିବା ଅବସରରେ ଶୁଭେଚ୍ଛା ଜଣାଇ ଭଲ କାମ କରି ସୁନାମ ଅର୍ଜନ କରିବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ମୁଖ୍ୟଅତିଥି ଫୁଲବାଣୀ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ଦେବ ପ୍ରସାଦ ମହାନ୍ତି ତାଙ୍କ ବକ୍ତବ୍ୟରେ ଗୁଣାତ୍ମକ ଜୀବନଶୈଳୀ ପାଇଁ ଶାରୀରିକ ସୁସ୍ଥତା ନିତାନ୍ତ ଆବଶ୍ୟକ ବୋଲି ଉଲ୍ଲେଖକରି ଫିଜିଓଥେରାପିଷ୍ଟମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକତା ଓ ଗବେଷଣାକୁ ପ୍ରାଧାନ୍ୟ ଦେବାକୁ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ହା. ନିରୂପମା ଚୟନୀ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ଡା. ଶୁଭସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଛାତ୍ରୀ ଶିଖା ମହାନ୍ତି ଓ ମୁସ୍ କାନ୍ ଝା କାର୍ଯ୍ୟକ୍ରମ ସଂଯୋଜନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




### ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ 'ଫୋର ଏଲିମେଣ୍ଟସ'ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ପ୍ରିମିୟମ ହ୍ୱିସକି ବ୍ରାଣ୍ଡମାନଙ୍କ ମଧ୍ୟରେ ସବୁଠାରୁ ଅଗ୍ରଣୀ ବ୍ରାଣ୍ଡ, ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଏହାର ନୂତନ 'ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ'ର ଶୁଭାରମ୍ଭ କରାଯାଇଛି। ପ୍ରକୃତିର ଚାରୋଟି ମୂଳ ତତ୍ତ୍ୱରୁ ପ୍ରେରିତ, ଏହା ଏକ ସୁନିୟୋଜିତ ଓ ସୁନ୍ଦର ମିଶ୍ରଣ, ଯାହା ପ୍ରତ୍ୟେକରେ ଅଲଗା ଅଲଗା ସ୍ୱାଦର ଅନୁଭବ ଦେଇଥାଏ। ଅଭିଜ୍ଞ ହ୍ୱିସ୍କି ପ୍ରେମୀ ଓ ନୂଆ ସ୍ୱାଦ ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏହି ବିଶେଷ ମିଶ୍ରଣ ବ୍ଲେଣ୍ଡର୍ସ ପ୍ରାଇଡର ଏକ ବଡ଼ ସଫଳତା। ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ ଏହି ଅନନ୍ୟ ଏବଂ ସ୍ୱାଦିଷ୍ଟ ମାଷ୍ଟରପିସ ପ୍ରସ୍ତୁତ କରିବା ପାଇଁ ଚାରି ପ୍ରକାରର ସ୍କଚ ମାଲ୍ଟସ ସହିତ ବଛା ବଛା ଭାରତୀୟ ଶସ୍ୟକୁ ବ୍ୟବହାର କରାଯାଇଛି ।

### ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ "ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର" ବୈଠକ

## ନାଗରିକଙ୍କୁ ଅଧିକରୁ ଅଧିକ ସୁବିଧା ଦେବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରବିବାର ସମ୍ବଲପୁର ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ "ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର" ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ବଲପୁରର ଗ୍ରାମାଞ୍ଚଳରେ ନାଗରିକଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ, ସ୍ୱଚ୍ଛତା, ପାନୀୟ ଜଳ, ଜୀବନଜୀବିକାକୁ ଗୁରୁତ୍ୱ, ପ୍ରଶାସନିକ ସଂସ୍କାର ତଥା ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା ହୋଇଥିଲା । ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ସଶକ୍ତ କରିବା, ପିଏମ ସ୍ୱନିଧି ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆତ୍ମନିର୍ଭର କରିବା, ଏସଏଚଜି ସଂଗଠନର ମା' ଭଉଣୀମାନଙ୍କ ଆର୍ଥିକ କାର୍ଯ୍ୟକୁ ସୁବ୍ୟବସ୍ଥିତ ସହ ସ୍ୱାବଲମ୍ବୀ କରିବା ଆଦି ବିଭିନ୍ନ ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଯୋଜନାର ଅଭାବ ନାହିଁ । ଅନେକ ବିଭାଗ, ନୀତି ଓ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ହେଉଛି । ଆମର ମୂଳ ଲକ୍ଷ୍ୟ ହେଉଛି ନାଗରିକଙ୍କୁ ଅଧିକରୁ ଅଧିକ ସୁବିଧା ଦେବା । ସମ୍ବଲପୁରରେ ଥିବା ସମ୍ଭାବନା, ଭିତ୍ତିଭୂମି, ଉତ୍ପାଦନ ଓ ବଜାରକୁ ଦୃଷ୍ଟିରେ ରଖି ସମ୍ବଲପୁରୀ ବ୍ରାଣ୍ଡକୁ ଆଗକୁ ନେବା ଆମର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସହ ସମ୍ବଲପୁର ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ ।



## ପୂର୍ବତନ ବିଜେଡି ଛାତ୍ର ନେତା ହରିଶଙ୍କର କଂଗ୍ରେସରେ



ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଦଳର ମହାନ ଆଦର୍ଶ, ରାହୁଲ ଗାନ୍ଧୀଙ୍କ ବୈପ୍ଳବିକ ଚିନ୍ତାଧାରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଶକ୍ତିଶାଳୀ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିର ଟାଣୁଆ ଛାତ୍ରନେତା, ସଂଗଠକ ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ର ସଭାପତି ହରିଶଙ୍କର ରାଉତ ବିଜେଡି ପରିତ୍ୟାଗ କରି ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବରେ ଯୋଗଦାନ କରିଛନ୍ତି । ଏହି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବ ସମାରୋହରେ ଏଆଇସିସି ସଂଗଠକ ସମ୍ପାଦକ ତଥା ସାଂସଦ କେ ସି ବେଣୁଗୋପାଳ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ହରିଶଙ୍କର ଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିବା ସହ ସାମିଲ କରିଥିଲେ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସେବା ପକ୍ଷରେ ୧ ଲକ୍ଷ ବୃକ୍ଷ ଚାରା ଲଗାଇବ ଅନୁସୂଚିତ ଜାତି ମୋର୍ଚ୍ଚା : ଦିଲୀପ

ଭୁବନେଶ୍ୱର, (ସବ୍ୟୁ): ଗରିବ ଓ ଦଳିତ ବର୍ଗର ଉତ୍‌ଥାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ମୋଦିଜୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଅନୁସୂଚିତ ଜାତିର ଆର୍ଥିକ ବିକାଶଠାରୁ ଆରମ୍ଭ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ମୋଦିଜୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ସମସ୍ତେ ତାଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି।

ରାଜ୍ୟ ବିଜେପି ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେବା ପକ୍ଷରେ ପ୍ରତି ମଣ୍ଡଳସ୍ତରରେ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମ କରାଯାଇ ୧ ଲକ୍ଷ ବୃକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ଏହାଛଡ଼ା ୧୦୫୪ ମଣ୍ଡଳର ୨୧୦୮ ସ୍ଥାନରେ ମୋର୍ଚ୍ଚା ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯିବ। ମୋଦିଜୀଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନ କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ




କଟକ,(ସବ୍ୟୁ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ଏକ ଶହ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚୁସନ ଆରମ୍ଭ କରିଛି ଏକ ଗରିମାପୂର୍ଣ୍ଣ ସମାରୋହ । ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଓଅନୁଷ୍ଠାନର ଚେୟାରମ୍ୟାନ୍ ଡ଼ ଦେବଦତ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ସମାରୋହକୁ ସମ୍ବୋଧନ କରି କହିଲେ, ଶିକ୍ଷକମାନେ ହେଉଛନ୍ତି ଭବିଷ୍ୟତ ଗଠନକାରୀ ଏବଂ ରାଷ୍ଟ୍ର ନିର୍ମାତା। ଶିକ୍ଷା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ମହାନ ସାମାଜିକ ଦାୟିତ୍ୱ । ଶିକ୍ଷକଗଣ ଛାତ୍ରଛାତ୍ରୀଙ୍କ ମନ ନୁହେଁ, ବରଂ ତାଙ୍କ ଚରିତ୍ର, ମୂଲ୍ୟବୋଧ ଏବଂ ଆଦର୍ଶକୁ ଗଠନ କରିଥାନ୍ତି ବୋଲି କହିଥିଲେ।ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଜଣେ ଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବିଷୟଟି ଗର୍ବର ସହିତ ଉଲ୍ଲେଖ କରିଥିଲେ । ଶିକ୍ଷକମାନଙ୍କ ଅସୀମ ଧ୍ୟାନ, ଅବିରତ ପରିଶ୍ରମ ଏବଂ ତ୍ୟାଗକୁ କାର୍ଯ୍ୟକ୍ରମରେ ଗଭୀର କୃତଜ୍ଞତା ପ୍ରକାଶ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କେବଳ ଅତୀତର ଅବଦାନକୁ ସୂଚାଇବା ନୁହେଁ, ବରଂ ଭବିଷ୍ୟତରେ ମଧ୍ୟ ସେମାନଙ୍କୁ ସମ୍ମାନ ପ୍ରଦାନର ଏକ ପ୍ରତିଶୃତି ବୋଲି ଘୋଷଣା କରାଯାଇଥିଲା ଓଶେଷରେ ଶିକ୍ଷକମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇ ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କୁ ପୁରସ୍କାର ଏବଂ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅରୁଣ ବିଶ୍ୱାଳ, ପ୍ରିନ୍ସିପାଲ୍ ଡ଼ ବିଶ୍ୱଜିତ ତ୍ରିପାଠୀ ଏବଂ ଆକାଡେମିକ୍ ଡିନ୍ ବ୍ୟୋମକେଶ ମିଶ୍ର ସହିତ ବିଭିନ୍ନ ଗଣ୍ୟମାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।



DSPL-258

ODISHA
NEW OPPORTUNITIES





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

ନୂତନ ସରକାର ଗଠନ ପରେ ଓଡ଼ିଶାରେ ୫୮ଟି ପ୍ରକଳ୍ପ ମାଧ୍ୟମରେ ୧,୧୧,୮୯୯ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି

## ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୫୧,୮୨୬ ରୁ ଅଧିକ ନିଯୁକ୍ତି ସୁଯୋଗ | ୨୫,୩୮୦ କୋଟି ଟଙ୍କା ର ପୁଞ୍ଜି ନିବେଶ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଭିତ୍ତିପ୍ରସ୍ତର ସ୍ଥାପନ**

ଏସ୍ଆରଏଫ୍ ଲିମିଟେଡ୍ | ଏପସିଲନ୍ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ | ଗ୍ରୀନପ୍ଲାଏ ଗ୍ରୁପ୍
ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ୍ | ସୋଭା ସୋଲାର ଲିମିଟେଡ୍ | ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍
ମାସ୍ ଇଣ୍ଡିଆ କ୍ଲଥିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ | ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ | ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍
ଏସ୍ଏନ୍ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ | ସୁମ୍ପାରିଅଲ୍ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ | ସୁପ୍ରିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ଆଦିତ୍ତମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ | ଆଇଟିସି ଲିମିଟେଡ୍ | ହୋଟେଲ୍ ପାଲ୍ ରିଜେନ୍ସି ପ୍ରାଇଭେଟ୍ ଲିମିଟେଡ୍
ଏସ୍ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁନିଟ୍୨) | ତ୍ରିପଥଗା ଟେକ୍ସଟାଇଲ୍ସ | ବି କେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
ଅମ୍ରିତାସ୍ ହେଲ୍ଥକେୟାର ପ୍ରାଇଭେଟ୍ ଲିମିଟେଡ୍ | କେଶବ ପ୍ଲାଷ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍
ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଚୋସୁନ୍ ସର୍ଭେଶ ରେଫ୍ରାକ୍ଟୋରୀଜ୍ ପ୍ରାଇଭେଟ୍ ଲିମିଟେଡ୍
ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋଏଜ୍ ଲିମିଟେଡ୍
ମୋଗ୍ଲି ଲାବସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍

**୧୫ ସେପ୍ଟେମ୍ବର ୨୦୨୫ । ଦିବା ୧୦ଘଟିକା । କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR: 14005/13/0069/2526

# ସିଆରସିସିଙ୍କ ୫ ଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଗ୍ରାମୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ପାଇଁ ପାଞ୍ଚ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ବିନୋଦ ସିଂ, ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିଶ୍ୱାଳଙ୍କ ସମେତ ସମସ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣରେ ସିଆରସିସିଙ୍କ ଭୂମିକା ଓ କାର୍ଯ୍ୟ, ଜାତୀୟ ଶିକ୍ଷାନୀତି -୨୦୨୦, ଶିକ୍ଷାର ଗୁଣାତ୍ମକ ଉନ୍ନତି, ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ, ଶିକ୍ଷାରେ ନେତୃତ୍ୱର ଭୂମିକା, ଅନୁଭୂତି ଆଧାରିତ ଶିକ୍ଷଣ, ନିପୁଣ ଭାରତ ମିଶନ, କ୍ରିୟାତ୍ମକ ଗବେଷଣା, ଶ୍ରେଣୀକକ୍ଷ ପର୍ଯ୍ୟବେକ୍ଷଣ ସାଧନୀ, ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଅନ୍ତର୍ଭେଶୀ ଶିକ୍ଷା, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ମଡେଲ ସ୍କୁଲ ଓ ସିଆରସିସି କାର୍ଯ୍ୟାନ୍ୱୟନ କ୍ଷେତ୍ର ପରିଦର୍ଶନ କରି ବ୍ୟବହାରିକ ସମୀକ୍ଷା ଉପରେ ସୁଗୁରୁ ବିଷୟଗୁଡ଼ିକ ଆଲୋଚନା ହୋଇଥିଲା । ଏହି ପ୍ରଶିକ୍ଷଣରେ ଜିଲ୍ଲାର ଠାକୁରମୁଣ୍ଡା, ବିଜାତଳା, ଜାମଦା, ବାଙ୍ଗିରିପୋଷି, ମୋରଡ଼ା, କୁଳିଆଣା, ବାରିପଦା ବ୍ଲକର ୪୦ଜଣ ସିଆରସିସି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ଶେଷରେ ସମସ୍ତଙ୍କ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ୧୬୩ଟି ପ୍ରାକ ମୋକଦ୍ଦମା ଜନିତ ମାମଲାର ଫଇସଲା କରାଯାଇ ୨୨ ଲକ୍ଷ ୦୮ ହଜାର ୧୮ ଟଙ୍କାର ସମାଧାନ କରାଯାଇଥିଲା। ସେହିପରି ୪୭୮୦ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ମୋଟର ଜାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୨ କୋଟି ୨୨ ଲକ୍ଷ ୯୨ ହଜାର ଟଙ୍କାର କ୍ଷତି ପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୨୩ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୭୩ ଲକ୍ଷ ୪୨ହଜାର ୪୫୨ ଟଙ୍କାରେ ସମାଧାନ କରାଯାଇଥିଲା। ୧୪ ଟି ଶ୍ରମ ବିବାଦ ଜନିତ ମାମଲାର ବିଚାର କରାଯାଇ ୦୨ ଲକ୍ଷ ୬୭ ହଜାର ୨୫୬ ଟଙ୍କାରେ ସମାଧାନ କରାଯାଇଥିଲା । ୭୧ ଟି ଦେୱାନୀ ମାମଲାର ସମାଧାନ କରାଯାଇ ଥିଲା। ୦ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୦୧ ଟି ଜମି ଅଧିଗ୍ରହଣ ମାମଲା, ୨୭ଟି ପାରିବାରିକ ମାମଲା (ଛାଡପତ୍ର ବ୍ୟତୀତ), ୦୨ ଟି ଖାଉଟି ବିବାଦ, ୫୬୮ ଟି ଫୌଜଦାରୀ ସମ୍ପର୍କିତ ମାମଲା, ୪୦୪୩ ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଫଇସଲା କରା ଯାଇଥିଲା, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲିକ, ପାଲଲହଡା, ଛେଣ୍ଡିପଦା ଓ ବଁଥରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବି.ଏସ.ଏନ.ଏଲ, ଶ୍ରମ କାର୍ଯ୍ୟାଳୟ ଇତ୍ୟାଦି ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଓ ସୈଶନ ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତଟି ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତଟିରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଅନୁଗୋଳ କୋର୍ଟର ଆଇନଜୀବୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହି ଲୋକ ଅଦାଲତଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ।

## ଦମ୍ପତିଙ୍କୁ ହତ୍ୟା ଧମକ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବିଡ଼ି ସିଙ୍ଗ ଗ୍ରାମର ଅର୍ଜୁନ ନାୟକ ଓ ତାଙ୍କ ପତ୍ନୀ ଦୁହିତା ନାୟକଙ୍କୁ ସେହି ଗ୍ରାମର ଅଶ୍ୱିନୀ କୁମାର ପ୍ରଧାନ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅର୍ଜୁନ ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୩୪୧/୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ, ଅର୍ଜୁନ ଓ ତାଙ୍କ ପତ୍ନୀ ଦୁହିତା ସେହି ଗ୍ରାମର ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ଥିବା ବେଳେ ଅଶ୍ୱିନୀ ଏକ ବୋଲେରୋ ଗାଡ଼ି ମାଧ୍ୟମରେ ଆସି ପ୍ରଥମେ ତାଙ୍କୁ ଗାଳି ଗୁଲଜ କରିଥିଲେ। ପରେ ତାଙ୍କୁ ଗାଡି ଚଢାଇ ହତ୍ୟା କରିବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ।

## ବନ୍ଧୁକ, ଗୁଳି ଜବତ: ଜେଲ୍ ଗଲେ ଦୁଇ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବନଖଣ୍ଡ ରାଜ୍ୟ ରାଜପଥ ୬୨ ନିକଟରେ ଏକ ଅସ୍ଥାୟୀ କ୍ୟାମ୍ପରେ କୌଣସି ସୂତ୍ରରୁ ଖବର ପାଇ ବନବିଭାଗ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏକ ବନ୍ଧୁକ, ବାରୁଦ ବୋତଲ ଓ ପଟାସ ଜବତ କରାଯିବା ସହିତ କଦଳୀ ମୁଣ୍ଡା ଗ୍ରାମର ଧୁବେଇ ପ୍ରଧାନ (୨୭), ବ୍ରାହ୍ମଣିପାଳି ଗ୍ରାମର ସୁଶାନ୍ତ ପ୍ରଧାନ( ୩୬)କୁ ଗିରଫ କରି ଠାକୁରଗଡ଼ ଥାନାକୁ ହସ୍ତାନ୍ତର କରିଥିଲେ । ଏସିଏଫ ଦିବ୍ୟ ସିଂ ମାଝୀ, ରେଞ୍ଜ ଅଧିକାରୀ ବବୁ ବାହନ ସାହୁ, ଫରେଷ୍ଟର ଗୌରଚନ୍ଦ୍ର ଦନ୍ତାଙ୍କ ସମେତ ବନକର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ । ଶନିବାର ଠାକୁରଗଡ଼ ଥାନା ଅଧିକାରୀ ଶଶୀ ଭୂଷଣ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠେଇ ଦିଆ ଯାଇଛି ।

## ବାପ, ପୁଅ ଓ ମା'ଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଖାଲପାଳ ଗ୍ରାମର ଘନଶ୍ୟାମ ବେହେରା ଓ ତାଙ୍କ ପତ୍ନୀ ରୁନୁ ବାଳା ବେହେରା ଓ ତାଙ୍କ ପୁଅ ପୁରୁଷୋତ୍ତମ ବେହେରାଙ୍କୁ ସେହି ଗ୍ରାମର କ୍ଷୀରୋଦ ବେହେରା ଓ ତାଙ୍କ ପତ୍ନୀ ଚେତନା ବେହେରା ଏକ ଠେଙ୍ଗାରେ ଆକ୍ରମଣ କରିଥିବା ରୁନୁବାଳା ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୩୪୦/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ରୁନୁବାଳା, ପୁରୁଷୋତ୍ତମ, ଓ ଘନଶ୍ୟାମ ତାଙ୍କ ଜମିରେ କାମ କରୁଥିବା ବେଳେ କ୍ଷୀରୋଦ ଓ ତାଙ୍କ ପତ୍ନୀ ଚେତନା ଏକ ଠେଙ୍ଗା ଧରି କାମ ନକରିବା ପାଇଁ ପ୍ରତିବାଦ କରିଥିଲେ। ହେଲେ ଘନଶ୍ୟାମ ତାଙ୍କ ଜମିରେ ଚାଷ କରୁଛନ୍ତି ବୋଲି କହିଥଲେ । ହେଲେ ଏଥିରେ ଉତକ୍ଷିପ୍ତ ହୋଇ କ୍ଷୀରୋଦ ଓ ତାଙ୍କ ପତ୍ନୀ ଚେତନା ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ରକ୍ତଦାନ ଶିବିର

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଲାୟନ୍ସକ୍ଲବ ରେଙ୍ଗାଳି ପକ୍ଷରୁ ଅଞ୍ଚଳର ଦିବଙ୍ଗତ ନେତା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଉଦେଶ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ ତାଳଚେରର ସମାଜସେବୀ ତଥା ସ୍ୱେଚ୍ଛାକୃତ ରକ୍ତଦାତା କ୍ଷୀରୋଦ ସାହୁ ତାଙ୍କର ୬୪ ତମ ରକ୍ତଦାନ କରିଥିଲେ। ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ଦୁଇ ବିଧାୟକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲାୟନ୍ସ କ୍ଲବ୍ ସଭାପତି ଶତୃଘ୍ନ ପ୍ରଧାନଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଜଗମୋହନ ପ୍ରଧାନ, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନ, ଧୃବ ଚରଣ ଧୀର, ପ୍ରହଲ୍ଲାଦ ସାମଲ, ତ୍ରିପୁରାରି ପ୍ରଧାନ, ମନୋଜ କୁମାର ବିଶ୍ୱାଳ, ତରୁଣ ସାହୁ, ପବିତ୍ର ମୋହନ ସ୍ମାରକୀ ୩ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ହେମନ୍ତ କୁମାର ଦିହୁଡ଼ି, ସୁଜିତ ସାହୁ ଓ ଅନୁଗୁଳ ରକ୍ତଭଣ୍ଡାରର ଡା.ସୌରଭ ସୁରେଶ୍ୱର ସାହୁ, ହରିଶ ଜେନା, ଜିତେନ ଦାସ, ଗୀତାଞ୍ଜଳି ସାମଲ, ସୁଧାଂଶୁ ଜ୍ୟୋତିଷ ପ୍ରମୁଖ ଏହି ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ବିଭିନ୍ନ ରୋଗରେ ପିଡ଼ୀତ ବ୍ୟକ୍ତିଙ୍କୁ ସହାୟତା କଲେ ସମାଜସେବୀ

ତାଳଚେର, (ସବ୍ୟୁ): ଏମସିଏଲର ଡ଼ିଏଭି ସ୍କୁଲରେ ଦୀର୍ଘବର୍ଷ ଚାକିରୀ କରି ଏବେ ବିଭିନ୍ନ ମାରାତ୍ମକ ରୋଗରେ ପିଡ଼ୀତ ହୋଇ ବଡ଼ ଦୟନୀୟ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଥିବା ଘଟଣା ସେହି ଅଂଚଳବାସୀଙ୍କୁ ବ୍ୟତୀଥ କରିବା ସହ ଚିକିତ୍ସା ପାଇଁ ବର୍ତ୍ତମାନ ତାଙ୍କୁ ଅର୍ଥ ସାଜିଛି ବାଧକ । ଘଟଣାରୁ ପ୍ରକାଶ, ଜଗନ୍ନାଥ ଡ଼ିଏଭି ସ୍କୁଲର କୁମୁଦ ଚନ୍ଦ୍ର ଗୋଚ୍ଛାୟତ ୨୦ବର୍ଷ ଚାକିରୀ କରିବା ପରେ ହଠାତ୍ ତାଙ୍କୁ ଡ଼ାଇବେଟିସ୍ ଭଳି ମାରାତ୍ମକ ରୋଗ ସହ ଆହୁରି ଅନ୍ୟାନ୍ୟ ରୋଗରେ ପିଡ଼ୀତ ରହିଥିବାରୁ ସେ ଚାକିରୀକୁ ଯାଇନପାରି ଘରେ ଶଯ୍ୟାସାୟୀ ହୋଇ ପଡ଼ି ରହିଛନ୍ତି । ପରିବାର ପକ୍ଷରୁ ତାଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ନେଇ ଯାହାବି ଅର୍ଥ ଥିଲା ଚିକିତ୍ସାରେ ସମସ୍ତ ଅର୍ଥ ଖର୍ଚ୍ଚ ହେବାପରେ ସେ ବର୍ତ୍ତମାନ ଘରକୋଣରେ ଭାଗ୍ୟକୁ ଆଦରି ଖଟିଆରେ ପଡ଼ି ରହିଛନ୍ତି । ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଥିବା ବେଳେ ବଡ଼ ଝିଅ ଅର୍ଥଭାବରୁ ପାଠନପଢ଼ି ପରିବାର ବୋଝ ଲଦି ହୋଇ ଯିବାରୁ ସେ ବାଧହୋଇ ଗୋଟିଏ ସପିଙ୍ଗମଲରେ ସ୍ୱଳ୍ପ ବେତନରେ ଘର ଖର୍ଚ୍ଚ ତୁଲାଉଥିବା ବେଳେ ଏକମାତ୍ର ପୁଅ ପ୍ରଦ୍ୟୁମ୍ନ ଗୋଚ୍ଛାୟତ (୨୬) ସେ ମଧ୍ୟ ଥାଏରୋଡ଼ ଭଳି ମାରାତ୍ମକ ରୋଗର ଶୀକାର ହୋଇ ଘରେ ପଡ଼ି ରହିଥିବା ତାଙ୍କ ମାଆ ଏହା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । ଡ଼ିଏଭିରେ ଦୀର୍ଘ ୨୦ବର୍ଷ କାର୍ଯ୍ୟ କରି ଡ଼ିଏଭି ପକ୍ଷରୁ ଏକ ଟଙ୍କା ସହାୟତା ମିଳିନଥିବା ବେଳେ ସେହିଭଳି ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅର୍ଥ ରାଶି ମିଳିନାହିଁ ବୋଲି ତାଙ୍କ ଧର୍ମପତ୍ନୀ ଅଭିଯୋଗ କରିବା ସହ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଯଦି ଦୃଷ୍ଟି ନଦିଅନ୍ତି ତେବେ ଅକାଳରେ ଦୁଇ ଦୁଇଟି ଜୀବନ ଚାଲିଯାଇ ପାରେ ବୋଲି ଆଶଙ୍କା କରାଯାଉଛି । ଖବର ପାଇ ଅଲଓଡ଼ିଶା ହ୍ୟୁମାନ ରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ସମାଜସେବୀ ରାଜିଆ ଖାତୁନ୍, ପ୍ରତିନ ଚୌଧୁରୀ, ରଞ୍ଜିତା ସାମଲ, ମୀରା ଲାଲ ସେଠାରେ ପଂହଚି ସାହାଯ୍ୟର ହାତବଢ଼ାଇବା ସହ ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି ।

# ଗଞ୍ଜେଇ ଜବତ, ଜଣେ ଗିରଫ

ହିନ୍ଦୋଳ, (ସବ୍ୟୁ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ପୋଲିସ ଥାନା ଅନ୍ତର୍ଗତ ଦୁକୁରୁକୋଟ ପଞ୍ଚାୟତ ମାନପୁର ଗ୍ରାମର ଶରତ ଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୧ କେଜି ୨୦୭ ଗ୍ରାମ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଶରତ ଲୁଚାଇ ନିଜ ଘରେ ଗଞ୍ଜେଇ ଉପଖଣ୍ଡ ପାଇଁ କିଛି ଦିନ ହେବ କିଛି କିଛି ଗଞ୍ଜେଇ ପତ୍ର ବାଟି ଔଷଧ ଭାବେ ବ୍ୟବହାର କରି ଆସୁଥିଲେ। ଗତ ଶୁକ୍ରବାର କୌଣସି ପ୍ରକାର ଖବରପାଇ ବାଲିମି ଥାନା ପୋଲିସ ମାନପୁର ଗ୍ରାମକୁ ଯାଇ ଅତର୍କିତ ଭାବେ ଶରତଙ୍କ ଘରେ ଚଢ଼ାଉ କରି ଗୋଟିଏ ଗୋଡା ଓ ଗୋଟିଏ କପଡାରେ ଗୋଡ଼ା ଯାଉଥିବା କିଛି ଗଞ୍ଜେଇ ଓ ପତ୍ର ଜବତ କରିଥିଲେ। ଘଟଣା ଯୁକ୍ତକୁ ପୋଲିସ ଶରତଙ୍କୁ ଗିରଫ କରି ଥାନାରେ ଅଟକ ରଖି ଦିନ ସାରା ପଚରା ଉଚୁରା କରିବା ପରେ ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୁକୁରୁକୋଟ ଓ ମାନପୁର ଗ୍ରାମ ମଧ୍ୟ ସ୍ଥଳ ଏକ ନିର୍ଜନ ସ୍ଥାନରେ ଜବତ ଗଞ୍ଜେଇକୁ ଅଭିଯୁକ୍ତଙ୍କ ସାମ୍ନାରେ ଓଜନ କରି ସାକ୍ଷୀ ରହିବା ନିମନ୍ତେ ଏକ କାଗଜରେ ସାକ୍ଷୀମାନଙ୍କ ଦସ୍ତଖତ ନେଇଥିଲେ । ତେବେ ଶୁଖିଲା ପତ୍ରକୁ ଗଞ୍ଜେଇ ଭାବେ ଦର୍ଶାଇ ଅଭିଯୁକ୍ତଙ୍କୁ ବାଧ କରିଥିଲେ। ଏ ନେଇ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଯେଉଁ କାର୍ଯ୍ୟ ଥାନାରେ କରା ଯାଏ ସେହି କାର୍ଯ୍ୟକୁ ଯଦି ଗଣମାଧ୍ୟମ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରି ଥାନାରୁ କରା ଯାଇ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଜବତ ଗଞ୍ଜେଇ ୧ କେଜି ୨୦୭ ଗ୍ରାମର ବୋଲି ଆଜି ଥାନା ଅଧିକାରୀ ଗଣମାଧ୍ୟମଙ୍କୁ ସୂଚନା ଦେଇ ଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ ୧୮୪/୨୫ ରୁଜୁ କରାଯାଇ ଥିବା ସୂଚନା ମିଳିଛି।

# ସମଲ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ଗୋଡିବନ୍ଧ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ସମଲ ଆନିକଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୨୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଗୋଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ଶତପଥୀ ପ୍ରଥମ, ଝରାବେରିଣି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜଗନ୍ନାଥ ସାହୁ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱପ୍ନ ପ୍ରକାଶ ସାହୁ ଦ୍ୱିତୀୟ ସ୍ଥାନ ଏବଂ ସମଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୂଜା ଖିଲାର ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅଂଶୁମାନ ଓ ଜଗନ୍ନାଥ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି । ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମେରିଲିନ୍ ସିଂ ଓ ଦିବ୍ୟଜୀବନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସବୁଜ କୁଡିଆ ବିଚାରକ ଭାବରେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ଅନୁଷ୍ଠିତ ବିଜ୍ଞାନ ମେଳାରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୦ କିଲୋ ଗଞ୍ଜେଇ ଜବତ, ୬ ଗିରଫ
# କାର ଓ ଦୁଇ ବାଇକ୍ ଜବତ



ବ୍ରହ୍ମପୁର, (ସବ୍ୟୁ): ଆଜି ଗଞ୍ଜାମ ଜିଲ୍ଲା ଆସିକା ନିକଟସ୍ଥ ବାଲିସିରା ଠାରେ ବେଆଇନ ଭାବେ ଗଞ୍ଜେଇ କନ୍ଧମାଳରୁ ଭୁବନେଶ୍ୱର ଚାଲାଣ ହେଉଥିବା ବେଳେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ୫୦ କିଲୋ ଗଞ୍ଜେଇ ଏକ କାର, ଦୁଇ ମୋଟର ସାଇକେଲ ଓ ୬ ମୋବାଇଲ ସହିତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଦୁଃଶାସନ ମଲ୍ଲିକ (୧୯), ଜିତେନ୍ଦ୍ର ମଲିକ (୨୬), ଅଜିତ କୁମାର ଦିଗାଲ (୩୫), ସତ୍ୟ ନାରାୟଣ ମଲ୍ଲିକ (୨୩) ପ୍ରକାଶ ମଲ୍ଲିକ (୧୯) ଓ ସାମୁଏଲ ଦିଗାଲ (୩୮) ସମସ୍ତ ଅଭିଯୁକ୍ତ କନ୍ଧମାଳ ଜିଲ୍ଲାର ଏକ ଇନୋଭା କାର ନମ୍ବର (ଓଆର ୦୨-ଏଜେ- ୦୩୫୪) ଏକ ମୋଟର ସାଇକେଲ ନମ୍ବର (ଓଡି୩୩-ଏଏନ-୧୦୦୨) ଓ (ଓଡି୧୨-ଜି-୬୫୭୩) ଜବତ କରି ଏକ ମାମଲା ନମ୍ବର ୩୯୩/୨୫/୨୬ ଗିରଫ କରି କୋର୍ଟ ଚାଲାଣ କରିଛି । ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ବେଆଇନ ଭାବେ ଚୋରା ମଦ, ଗଞ୍ଜେଇ ଓ ହେରୋଇନ ବିକ୍ରି କରାଯାଉଛି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ପୋଲିସ ଓ ଅବକାରୀ ବିଭାଗ ଗଭୀର ନିଦ୍ରାରେ ଶୋଇଥିବା ବେଳେ ଏବେ ବିଭାଗର ନିଦ ଭାଙ୍ଗିଲା କି ବୋଲି କୁଆଡେ ଆଲୋଚନା ହେଉଛି। ଆଗକୁ ପାର୍ବଣ ଋତୁ ହେଲେ ଏହି ଚଢାଉ ଜୋରଦାର ହେବ ବୋଲି ବିଭାଗ ପକ୍ଷରୁ ଆଗୁଆ ସତର୍କ ସୂଚନା ଦେଇଛନ୍ତି। ଏକ ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳ ବାଲିସିରା ଠାରେ ଚଢ଼ାଉ କରି ୫୦ କିଲୋ ଗଞ୍ଜେଇ, ଗୋଟିଏ ଇନୋଭା କାର, ଦୁଇଟି ବାଇକ୍, ୫ ମୋବାଇଲ ଫୋନ ଜବତ୍ କରି ୬ ଜଣଙ୍କୁ ଗିରଫ କରି ଥିବା ସୂଚନା ମିଳିଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ସ୍ଥଗିତ, ନିରାୟମ ସେବା ଚାଲୁ ରହିବ

ବାରିପଦା, (ସବ୍ୟୁ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନାର ଅଧିନରେ ନିରାୟମରେ କାର୍ଯ୍ୟ କରୁଥିବା ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନା ପରେ ସ୍ଥଗିତ ରଖାଯାଇଛି । ଆଜି ଜିଲ୍ଲା ସଂଘର ପ୍ରତିନିଧି ସହିତ ସଦର ଡାକ୍ତରଖାନାର ଫାମାର୍ସୀ ଅଫିସରଙ୍କ ସହିତ ମନ୍ତ୍ରୀଙ୍କ ବିସ୍ତୃତ ଆଲୋଚନା କରି ଫାମାର୍ସୀ ଅଫିସରଙ୍କ ବେକୟା ଦରମା ଆସନ୍ତା ସୋମବାର ଦିନ ଦେବା ଓ ବେଆଇନ୍ ବଦଳିକୁ ଖୁବ୍‌ଶୀଘ୍ର ବନ୍ଦ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ସେବା ବ୍ୟାହାତ ନକରି କାର୍ଯ୍ୟରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ । ମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଆସନ୍ତା ସୋମବାର ଠାରୁ ଡାକରା ଦିଆଯାଇଥିବା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ।

ରାଜ୍ୟର ୨୯ଜିଲ୍ଲାରେ କୌଣସି ଫାମାର୍ସୀ ଅଫିସର ମାନଙ୍କୁ ୨୭/୦୧/୨୫ ଚିଠିରେ କ୍ରିଏସନ୍/ଏବୋଲିସନ୍/ଆପ୍ ଗ୍ରେଡେସନ୍ ଅନୁଯାୟୀ ବଦଳି କରାଯାଇ ନଥିଲେ ମଧ ମୟୂରଭଞ୍ଜ ଜିଲ୍ଲାରେ ୪ଗୋଟି ପର୍ଯ୍ୟାୟରେ ୨୨ଜଣଙ୍କୁ ବଦଳି କରିଥିଲେ । ଜିଲ୍ଲା ସଂଘ ପକ୍ଷରୁ ଏହି ବଦଳିକୁ ପ୍ରତିବାଦ କରାଯାଇଥିଲା ଏବଂ ଏ ସମ୍ପର୍କ ରେ ଜିଲ୍ଲାପାଳ ଏବଂ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିବା ପରେ ୨ଜଣଙ୍କ ରିଲିଫ୍ ଆଦେଶ ନାମାକୁ ଗତ ଅଗଷ୍ଟ ୧୮ତାରିଖରେ ରଦ୍ଧ କରାଯାଇଥିଲେ ମଧ ଅନ୍ୟ ବଦଳି ଆଦେଶ ଗୁଡିକ ଏପର୍ଯ୍ୟନ୍ତ ରଦ୍ଧ କରାଯାଇନାହିଁ । ଏ ପରିପ୍ରେକ୍ଷୀରେ ବଦଳି ହୋଇଥିବା ସଦର ଡାକ୍ତରଖାନାର ୮ଜଣ ଫାମାର୍ସୀ ଅଫିସର ମାନଙ୍କର ଅଢେଇ ମାସ ଧରି ମାସିକ ଦରମା ବନ୍ଦ ରଖାଯାଇଅଛି । ବେଆଇନ୍ ବଦଳି ଆଦେଶ ଓ ୨ମାସର ଦରମା ବନ୍ଦକୁ ପ୍ରତିବାଦ କରି ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା ।

# ସୁରଟରେ ଓଡ଼ିଆ ଶ୍ରମିକ ମୃତ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ପୀତବାସ ପଲେଇଙ୍କ ପୁଅ ଶିବରାମ ପଲେଇ ୩୦ ବର୍ଷ ଗୁଜୁରାଟର ସୁରଟରେ ଏକ ସୂତାକଳରେ ଦୀର୍ଘ ଦିନ ଧରି କାମକରି ଆସୁଥିଲବା ବେଳେ ଅପେକ୍ଷା ନଗର ହାଉସିଂ ବୋର୍ଡରେ ରହି ଆସୁଥିଲେ। ଗତ ଶନିବାର ରାତ୍ର ନଅ ଘଣ୍ଟା ସମୟରେ ପାଣି ମୋଟର ସୁଇଚ ମାରିବା ବେଳେ ଅଚାନକ ବିଦ୍ୟୁତ ସଂସ୍ପର୍ସରେ ଆସି ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡ଼ିକାଲକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବରାମ ଗରିବ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ତାଙ୍କ ପରିବାର ଭାଙ୍ଗି ପଡିବା ସହ ବେସାହାରା ହୋଇଯାଇଛନ୍ତି । ସଂପ୍ରତି ତାଙ୍କ ପତ୍ନୀ ଅନ୍ତସତ୍ୱା ଅଛନ୍ତି । ଏପରି ଦୁଃଖଦ ସମୟରେ ସିବରାମଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗାଁ ଲୋକେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଆଜି ସେଠାକାର ସହଯୋଗୀ ମାନଙ୍କ ସହାୟତାରେ ସୁରଟରେ ତାଙ୍କର ଶବ ସତ୍କାର କରାଯାଇଛି।

# ରାଷ୍ଟ୍ରୀୟ ମଜଦୂର ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ତାଳଚେର, (ସବ୍ୟୁ): ରାଷ୍ଟ୍ରୀୟ ମଜଦୂର ଯୁବ କଂଗ୍ରେସ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳ ଅବଦୁଲ୍.ଏମ୍. ଅଖତରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରାଷ୍ଟ୍ରୀୟ ଯୁବ କଂଗ୍ରେସର ଜିଲ୍ଲା ସଭାପତି ଗୌତମ ଦେହୁରୀଙ୍କର ତତ୍ତ୍ୱାବଧାନରେ ରାଜ୍ୟ ସଭାପତି ପ୍ରକାଶ ବେହେରା, ଉପସଭାପତି ଶ୍ରୀବତ୍ସ ସାହୁ, ବିଚିତ୍ରାନନ୍ଦ ସାମନ୍ତ, ସନ୍ତୋଷ ନାୟକ, ସାଧାରଣ ସମ୍ପାଦକ ରଣଜିତ୍ ପ୍ରଧାନ, କୋଷାଧକ୍ଷ ଅନିଲ ଜେନାଙ୍କ ସମେତ ସୁଧୀର ସାମଲ, ସୁବାସ ବେହେରା, ନୀରଜ ଭୁଚ୍ଛା, ବଳରାମ ସାହୁ, ବିଜୟ ପ୍ରଧାନ ପ୍ରମୁଖ ଜିଲ୍ଲପାଳ ଶ୍ରୀ ଅଖତରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ ।

ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲପାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଅନୁଗୋଳ ଜିଲ୍ଲାର ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ, ତାଳଚେର ମେଡିକାଲ୍ କଲେଜ, ଜମିହରା ପ୍ରଜାମାନଙ୍କୁ ନିଯୁକ୍ତି ପ୍ରଦାନକୁ ତ୍ୱରାନ୍ୱିତ କରିବା, କଣିହାଁରୁ ଗୋଡ଼ିବନ୍ଧ ଯାଏଁ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ, ବିଜୁଗୋଳରୁ ସମଲ ଯାଏଁ ବୁଡ଼ି ଅଂଚଳରେ ଥିବା ପୁରୁଣା ବ୍ରିଜ ଜାଗାରେ ଏକ ନୂତନ ବ୍ରିଜ ନିର୍ମାଣ କରିବାକୁ ପାଇଁ ବ୍ୟାପକ ଆଲୋଚନା କରିଥିଲେ । ଶ୍ରୀ ଜିଲ୍ଲାପାଳ ଶ୍ରୀ ଅଖତର୍ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଉଦ୍ୟମ କରିବାକୁ ପ୍ରତିଶୃତି ଦେଇଛନ୍ତି ବୋଲି ଯୁବ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି ।

## ଦାଦାବଟି ସହ ବୋମା ପକାଇ ମାରିଦେବାକୁ ଧମକ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ବାଲାଜିପେଣ୍ଠ ସାହିରେ ରହୁଥିବା ଆକାଶ ପାତ୍ରଙ୍କୁ ଦାଦାବଟି ମାଗିବା ସହ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ମିଳିଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୪୫୨/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗତ ଶୁକ୍ରବାର ରାତ୍ର ସାଢେ ୧୧ ଟା'ସମୟରେ ଦୁଇଜଣ ଯୁବକ ତାଙ୍କ ଘର ଆଗରେ ପହଁଚି ତାଙ୍କୁ ଦାଦାବଟି ମାଗିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ସେମାନେ ସେଠାରେ ଖଣ୍ଡା ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ସେ ଘର ଭିତରେ କବାଟ ବନ୍ଦ କରି ରହିଥିଲେ। ଦିପୁ ପାତ୍ର ନାମକ ଜଣେ ଯୁବକ ଆକାଶଙ୍କ ଘର ବାହାରକୁ ଆସିବାକୁ କହିଥିଲେ। ବୋମା ପକାଇ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅକାଶଙ୍କ ପାଖରେ କାମ କରୁଥିବା ରବି ଗୌଡ଼ ଏନେଇ ୧୧୨କୁ ଫୋନ କରିଥିଲେ। ପୋଲିସ ଗାଡି ଆସୁଥିବା ଦେଖି ଉଭୟ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିଥିଲେ। ପରେ ଆକାଶ ଥାନାକୁ ଯାଇ ପୋଲିସ ନିକଟରେ ଜଣାଇଥିଲେ।

## ମାଲିକାଣିଙ୍କୁ ଅଚେତ କରି ୫୦ ଗ୍ରାମ୍ ଗହଣା ଚୋରି

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ଼ ଶିଶୁ ପାର୍କ ନିକଟରେ ରହୁଥିବା ୱାଇ ପ୍ରକାଶ ରାଓଙ୍କ ସ୍ତ୍ରୀ ୱାଇ. ଶିରିସାଙ୍କ ଘରୁ ୫୦ ଗ୍ରାମର ଗହଣା ଚୋରି ହୋଇଛି। ତାଙ୍କ ଘରେ କାମ କରିଥିବା ଚାକରାଣୀ ଖାଦ୍ୟରେ କିଛି ମିଶାଇ ତାଙ୍କୁ ଅଚେତ କରି ଗହଣା ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୫୩/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶିରିସାଙ୍କ ଘରେ ଜଣେ ମହିଳା ଚାକରାଣୀ ଭାବେ କାମ କରୁଥିଲେ। ଗତ ୯ତାରିଖ ମଧ୍ୟାହ୍ନରେ ଚାକରାଣୀ ଜଣଙ୍କ ତାଙ୍କ ମାଲିକାଣିଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇଥିଲେ। ସେ ଉକ୍ତ ଖାଦ୍ୟ ଖାଇବା ପରେ ଅଚେତ ହୋଇଯାଇଥିଲେ। କିଛି ସମୟ ପରେ ସେ ଚେତା ଫେରି ପାଇଥିଲେ। ନିଜ ବେକରେ ପିନ୍ଧିଥିବା ୫ ତୁଳା ଓଜନର ମଙ୍ଗଳସୂତ୍ର ନଥିବା ଦେଖି ସେ ବହୁ ଖୋଜାଖୋଜି କରି ପାଇନଥିଲେ। ଅନ୍ୟପଟେ ଚାକରାଣୀଙ୍କୁ ଏନେଇ ପଚାରିବାରୁ ସେ କୌଣସି ସନ୍ତୋଷମୂଳକ ଉତ୍ତର ଦେଇନଥିଲେ। ଅନ୍ୟପଟେ ଘଟଣା ପରଠାରୁ ସେ ଘରକୁ କାମ କରିବାକୁ ଆସିନଥିଲେ। ଫଳରେ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ୯ ଜୁଆଡ଼ି ଗିରଫ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ପୋଲିସ ଶନିବାର ବିଳମ୍ବିତ ରାତ୍ରରେ ଏକ ଜୁଆ ଆଡ୍ଡାରେ ଚଢଉ କରି ୯ ଜଣ ଜୁଆଡିଙ୍କୁ ଗିରଫ କରିଛି । ବ୍ୟାଙ୍କ କଲୋନୀରେ ଜୁଆ ଖେଳ ଚାଲିଥିବା ଖବର ମିଳିବା ପରେ ଏକ ଟିମ ସେଠାରେ ଚଢଉ କରିଥିଲେ । ୯ ଜଣଙ୍କୁ ଧରିଥିବା ବେଳେ ଅନ୍ୟ କେତେକ ପୋଲିସକୁ ଦେଖି ଚମ୍ପଟ ମାରିଥିଲେ । ପୋଲିସ ସେଠାରୁ ୩୩, ୯୬୦ ଟଙ୍କା, ୯ ଟି ମୋବାଇଲ ଓ ୬ଟି ବାଇକ ଜବତ କରିଥିଲା। ପୋଲିସ ଏନେଇ ୪୦୨/୨୫ ରେ ଏକ ମାମଲା ରୁଜୁ କରିଥିବା କହିଛି ।

# ଅଘୋଷିତ ବିଦ୍ୟୁତ୍‌କାଟ୍ ନେଇ ସାଧାରଣରେ ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ): ସଂପ୍ରତି ଖରା ଓ ବର୍ଷାର ଖେଳ ସାଙ୍ଗକୁ ଗୁଳୁଗୁଳି ବୁଗୁଡ଼ା ଅଞ୍ଚଳବାସୀଙ୍କୁ ନାକେଦମ କରୁଥିବା ବେଳେ ଅହୋରାତ୍ର ବାରମ୍ବାର ବିଦ୍ୟୁତକାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଟାଟା ପାୱାର ବିଦ୍ୟୁତବିଲ୍ ଆଦାୟ ଦିଗରେ ଯେତିକି ତତ୍ପରତା ଦେଖାଉଛି । ବିଦ୍ୟୁତ୍ ଯୋଗାଣ ସେବାରେ ଭିତ୍ତିଭୂମିର ସୁଧାର ଆଣିବା ଏବଂ ବିଦ୍ୟୁତକାଟ ରୋକିବାରେ ସେତିକି ପଦକ୍ଷେପ ନେଉନାହିଁ । ବୁଗୁଡା ସହରରେ ପ୍ରତିଦିନ ବେହିସାବ ବିଦ୍ୟୁତ କାଟ ହେଉଛି । ପବନ କି ବର୍ଷା ହେଲେ ଲାଇନ୍ ଆସିବା କାଠିକର ପାଠ ହେଉଛି ।

ଲୋକଙ୍କ ପାଇଁ କାଳ ସାଜିଥିବା ବିଦ୍ୟୁତର ଏହି ଲୁଚକାଳି ଖେଳର କାରଣ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀଙ୍କ ଉତ୍ତର ସରକାରୀ ଘୋଷଣାକୁ ଉପହାସ ଏବଂ ସାଧାରଣ ଜନତାଙ୍କ ପ୍ରତି କଟାକ୍ଷ ପରି ମନେ ହେଉଛି । ଆଜି ରବିବାର ଅପରାହ୍ନ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତକାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସରକାରଙ୍କ ପକ୍ଷରୁ ଜନମଙ୍ଗଳକାରୀ ଘୋଷଣା ସତ୍ତ୍ୱେ ବୁଗୁଡା ଅଞ୍ଚଳରେ ଅଘୋଷିତ ବଦ୍ୟୁତ୍ କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତୁରନ୍ତ ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି ।

# ଅପରେସନ ପ୍ରହାର : ବ୍ରାଉନ୍‌ସୁଗର ବେପାରୀ ଗିରଫ



ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାରେ ବେଆଇନ ନିଶାଦ୍ରବ୍ୟ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବୁଢିଆଣୀଜାଲ ପରି ବ୍ରାଉନସୁଗାର ଗାଁ ଠାରୁ ସହର ପର୍ଯ୍ୟନ୍ତ ଯୁବ ପିଢ଼ିଙ୍କୁ ଏକ ପ୍ରକାର କାରାୟତ କରିସାରିଲାଣି । ତେଣୁ ଏହା ବିରୋଧରେ ରାଜ୍ୟ ପୋଲିସ୍ ପକ୍ଷରୁ ଅପରେସନ ପ୍ରହାର ଚାଲିଛି।

ଏହି ନିଶା ବିରୋଧରେ ପ୍ରହାର ଅଭିଯାନ ଅଧୀନରେ ଅନୁଗୋଳ ସଦର ପୋଲିସର ସ୍ୱତନ୍ତ୍ର ଟିମ ଅନୁଗୋଳ କୁମଣ୍ଡ ରେଳ ଲାଇନ ନିକଟରେ ଚଢ଼ାଉ କରି ପ୍ରକାଶ ବେହେରା (୨୯) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ପରେ ତାଙ୍କ ନିକଟରୁ ୫.୦୩୦ ଗ୍ରାମ ବ୍ରାଉନ ସୁଗାର ଓ ଏକ ବଜାଜ ପଲସର୍ ବାଇକ୍ ଜବତ କରାଯାଇଛି। ଅନୁଗୋଳ ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଗୁଇନ୍ଦା ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିଲା। ତେବେ ସଂପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି ।

## ଆସୁଛି ବିଶ୍ୱକର୍ମା ପୂଜା, ସଜେଇ ହେଉଛି ଆଲୁମିନିୟମ ନଗରୀ

ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ନାଲକୋନଗରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଶ୍ୱ ନିର୍ମାତା ପ୍ରଭୁ ଶ୍ରୀ ବାବା ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହେବାକୁ ଯାଉଛି । ଏଥିପାଇଁ ଏବେ ନାଲକୋନଗର ଚଳଚଞ୍ଚଳ ହୋଇ ହୋଇଉଠିଛି । ଆସନ୍ତା ୧୭ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ପୂଜା ପାଇବେ ବାବା । ୨୪ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ନାଲକୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟର ବିଭିନ୍ନ ବିଭାଗ ପକ୍ଷରୁ ଏଥର ୧୮ଟି ପୂଜା ମଣ୍ଡପ ଅନୁଷ୍ଠିତ ହେଉଛି ।

ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ମନୋଭାବ ନେଇ ଭିନ୍ନ ଭିନ୍ନ ଢାଞ୍ଚାରେ ଆକର୍ଷଣୀୟ ମେଢ଼, ତୋରଣ ନିର୍ମାଣ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ କାରିଗର ମାନଙ୍କୁ ଆଣିଛନ୍ତି । ପୂଜା ପୂର୍ବରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରକାର ଗାଇଡ଼ ଲାଇନ୍ ପ୍ରସ୍ତୁତ ହୋଇଥାଏ। କିନ୍ତୁ ବାସ୍ତବରେ ଏହା କାର୍ଯ୍ୟକାରୀ ହେଉନଥିବାରୁ ପୂଜାରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। ପୂଜା ସମୟରେ ବାଇକ୍ ଚାଳକ ମାନଙ୍କୁ ଗାଡି ପାସ୍ ଦିଆଯାଇଛି । ଫଳରେ କିଛି ଅମାନିଆ ବିନା କାରଣରେ ଭିଡ଼ ମଧ୍ୟରେ ବାଇକ୍ ଚଳାଇ ଦୁର୍ଘଟଣା ଘଟାଉଛନ୍ତି । ମିନାବଜାର ପଡିଆରେ ଅସ୍ଥାୟୀ ଦୋକାନ ଗୃହକୁ ଦଲାଲ ମାନେ କବଜା କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ବ୍ୟବସାୟୀ ମାନେ କ୍ଷତି ସହୁଛନ୍ତି। ସେହିପରି ଗାଡି ପାର୍କିଂ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ କିଛି ଅସାମାଜିକ ଯୁବକ ବାଇକ୍ ଷ୍ଟାଣ୍ଡ କରି ଗାଡି ଚାଳକ ମାନଙ୍କ ଠାରୁ ମୋଟାଅଙ୍କର ଟଙ୍କା ଆଦାୟ କରୁଛନ୍ତି । ସନ୍ଧ୍ୟା ସମୟରେ ନାଲକୋନଗର ଭିତରକୁ ବସ୍, କାର, ଅଟୋ ପ୍ରବେଶ ପାଇଁ ଅନୁମତି ନଥିବାରୁ ଏହିସବୁ ଗାଡି ଗୁଡିକ ୫୫ ନମ୍ବର ଜାତୀୟ ରାଜପଥ ଓ ଏଫ୍‌ସିଆଇ ଛକ- ତାଳଚେର ରାସ୍ତାର ଉଭୟ ପାର୍ଶ୍ୱରେ ରଖି ଦେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ସେହିପରି ସାମ୍ବାଦିକ ମାନଙ୍କ ପାଇଁ ଥିବା ଷ୍ଟଲରେ କିଛି ଅଣ ସାମ୍ବାଦିକ ପ୍ରତିବର୍ଷ ବସି ଆଡ୍ଡା କରୁଥିବାରୁ ସାମ୍ବାଦିକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଶାନ୍ତି ଶୃଙ୍ଖଳାର ସହିତ ବାବାଙ୍କ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଆୟୋଜନ କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ।

## ରାଜ୍ୟସ୍ତରୀୟ ଉଷୁ ଓ ତାଇକ୍ୱଣ୍ଡୁ ପ୍ରତିଯୋଗିତା, ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ



ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟସ୍ତରୀୟ ଉଷୁ ଓ ତାଇକ୍ୱଣ୍ଡୁ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଯୋଗୀମାନେ ବେଶ କୃତିତ୍ୱ ଅର୍ଜନ କରିଛନ୍ତି । କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ସ୍ଥିତ ମ୍ୟୁନ୍‌ସିପାଲ ହାଇସ୍କୁଲ ଠାରେ ସେପ୍ଟେମ୍ବର ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ୧୭ ବର୍ଷରୁ କମ ଉଷୁ ବାଳକବାଳିକା ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ୨ଟି, ରୌପ୍ୟ ୩ଟି, ବ୍ରଞ୍ଜ ୪ଟି ପଦକ ହାସଲ କରିଛନ୍ତି । ସେମାନେ ହେଲେ ତ୍ରିନାଥ ବାରିକ ଓ ସୁନିଆ ସୋରେନ ସ୍ୱର୍ଣ୍ଣ ପଦକ, ମୁନି ହାଁସଦାଃ, ବାରି ମୁର୍ମୁ ଓ ଶିବ ସିଂ ରୌପ୍ୟ ପଦକ, ସୁବର୍ଣ୍ଣ ସିଂ, ଗୀତା ସିଂ, ଦୁଲା ମାରାଣ୍ଡି, ହିମାଂଶୁ ଶେଖର ସିଂ ବ୍ରଞ୍ଜ ପଦକ ।

ସେହିପରି ୧୪ ଓ ୧୭ବର୍ଷରୁ କମ ତାଇକ୍ୱଣ୍ଡୁ ବାଳକବାଳିକା ବିଭାଗ ପ୍ରତିଯୋଗିତାରେ ରୌପ୍ୟ ୧ ଟି, ବ୍ରୋଞ୍ଜ ୮ଟି ପଦକ ହାସଲ କରିଛନ୍ତି । ସେମାନେ ହେଲେ ଶତ୍ରୁଘନ ମଣ୍ଡୁଆଳ ରୌପ୍ୟ ପଦକ, ଲକ୍ଷ୍ମୀପ୍ରିୟା ସିଂ, ରାନୀ ମାରାଣ୍ଡି, ଲକ୍ଷ୍ମୀ ସିଂ, ମଞ୍ଜୁଲତା ଟୁଡୁ, ଦୀପକ ସିଂ, ଚନ୍ଦନ ସିଂ, ଚନ୍ଦ୍ରଭାନୁ ବେହେରା, ଅଙ୍କିତ ଦାସ ବ୍ରଞ୍ଜ ପଦକ ଗ୍ରହଣ କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବନ୍ୱିତ କରିଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି । ସୂଚନାଯୋଗ୍ୟ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଷୁରେ ୧୬ ଓ ତାଇକ୍ୱଣ୍ଡୁରେ ୨୪ଜଣ ପ୍ରତିଯୋଗୀ ମୟୂରଭଞ୍ଜ ଜିଲ୍ଲାରୁ ଅଂଶଗ୍ରହଣ କରିଥିଲେ । ଉଷୁ ବାଳକ ଟିମ ମ୍ୟାନେଜର ଭାବେ ଈଶ୍ୱରଚନ୍ଦ୍ର ମହାନ୍ତ ଓ ବାଳିକା ଟିମ ମ୍ୟାନେଜର ଭାବେ ଦେବସ୍ମିତା ଜେନା ଯୋଗ ଦେଇଥିଲେ । ସେହିପରି ତାଇକ୍ୱଣ୍ଡୁ ବାଳକ ଟିମ୍ ମ୍ୟାନେଜର ଭାବେ ଯତୀନ୍ଦ୍ର ଜେଶ୍ୱାଲ, ବାଳକ କୋଚ ଭାବେ ବୁଧିରାମ ସିଂ ଓ ବାଳିକା ଟିମ ମ୍ୟାନେଜର ଭାବେ ପାର୍ବତୀ ହାଁସଦାଃ, ବାଳିକା କୋଚ ଭାବେ ଅନନ୍ଦିତା ମହାନ୍ତ ପ୍ରମୁଖଙ୍କ ନେତୃତ୍ୱର ପ୍ରତିଯୋଗୀ ମାନେ ଯୋଗ ଦେଇଥିଲେ ।

## ମା' ଭୈରବୀଙ୍କ ପୀଠରେ ଷୋଳ ପୂଜା ଆରମ୍ଭ

# ଷୋଳ ଦିନ ଧରି ଗୁପ୍ତ ପୂଜା, ଭକ୍ତଙ୍କୁ ଦର୍ଶନ ମନା



ହରଭଙ୍ଗା,(ସବ୍ୟୁ): ରବିବାର ଠାରୁ ରାଜ୍ୟର ବିଭିନ୍ନ ଶକ୍ତି ପୀଠ ଗୁଡିକରେ ଷୋଳପୂଜା ଆରମ୍ଭ ହୋଇଛି । ବୌଦ୍ଧ ଜିଲା ର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ପୁରୁଣାକଟକ ପୀଠରେ ମଧ ରବିବାର ଠାରୁ ଷୋଳପୂଜା ଆରମ୍ଭ ହୋଇଛି । ସକାଳୁ ଦେବୀଙ୍କ ନିକଟରେ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନ ୪ ଟା ସମୟରେ ମନ୍ଦିରର ମୁଖ୍ୟ ପୂଜକଙ୍କ ଘରୁ ଏକ ବିରାଟ ଶୋଭାଯାତ୍ରାରେ ଛତ୍ର ଛତ୍ରୀ ଘଂଟ ଘଂଟା ଢୋଲ ନିଶାଣ ଧରି ଭକ୍ତଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବାହାରି ମାଙ୍କ ପାଟଖଣ୍ଡା ଓ ବିଜୟ ପ୍ରତିମାଙ୍କୁ ନେଇ ପୁରୁଣାକଟକ ବଜାର ପରିକ୍ରମା ପରେ ମନ୍ଦିର ପରିସରରେ ପହଁଚିଥିଲେ । ଆଜି ମଧରାତ୍ରୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ଷୋଳଦିନ ଧରି ଷୋଳପୂଜା ଚାଲିବ । ମନ୍ଦିରରେ ମାଙ୍କ ପୂଜା ସମ୍ପୂର୍ଣ୍ଣ ଗୁପ୍ତ ଭାବେ ଚାଲିବ ପ୍ରତ୍ୟେକ ମଧରାତ୍ରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବ । ପ୍ରଥା ଅନୁଯାୟୀ ଆଜି ଠାରୁ ମାଙ୍କ ଦର୍ଶନ ସାଧାରଣ ଭକ୍ତଙ୍କ ପାଇଁ ସଂମ୍ପୂର୍ଣ୍ଣ ନିଷେଧ। ଏପରିକି ମନ୍ଦିର ପରିସରରେ କଥୋପକଥନ ମଧ ନିଷିଦ୍ଧ ଅଟେ। ଏହି ଷୋଳ ଦିନ ମନ୍ଦିର ବାହାରେ ଥିବା ସାହାଡା ବୃକ୍ଷପୂଜା କରାଯାଇଥାଏ । ଏହିଠାରେ ଭକ୍ତ କେବଳ ଦୀପ ଜାଳିଥାନ୍ତି । ଷୋଳଖଣ୍ଡ ମୌଜା ର ଜନସାଧାରଣ ଏହି ପର୍ବରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥାନ୍ତି । ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୁକାନ୍ତ କୁମାର ଦାଶଙ୍କ ସୁଚନା ଅନୁଯାୟୀ ଷୋଳଦିନ ଧରି ମାଙ୍କ ଗୁପ୍ତପୂଜା ଚାଲିବ । ନବମୀ ଦିନ ମାଙ୍କ ପୀଠରେ ନବାନ୍ନ ଲାଗିହୁଏ । ଦଶମୀ ଦିନ ଠାରୁ ମା ଭୈରବୀ ସବସାଧାରଣଙ୍କୁ ଦର୍ଶନ ଦେଇଥାନ୍ତି । ଆଜୀ ମାଁ ଭୈରବୀଙ୍କ ପୀଠରେ ଷୋଲ ପୂଜା ବା ଖଣ୍ଡା ବସା ପର୍ବ ଆରମ୍ଭ ହୋଇଛି । ଆଜିର ଦିନରେ ଅଞ୍ଚଳର ମାଁ ମାନେ ନିଜ ନିଜ ପୁଅଙ୍କ ଶୁଭ ମନାସୀ ପୁଅ ନିଅନ୍ତିଆ ପୂଜା କରିଥାନ୍ତି ।

# ଫାଇଲରେ ସୀମିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମ୍

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ରୀଡାରେ ସୁନାମ ଅର୍ଜନ କରିଛନ୍ତି । ଫୁଟବଲ ଓ ହକି ଖେଳରେ ପୁରୁଷ ଏବଂ ମହିଳା ଦଳ ରାଜ୍ୟ ଓ ଜାତୀୟସ୍ତରରେ ଶ୍ରେଷ୍ଠତା ପ୍ରତିପାଦନ କରିଛି । ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଜାନୁଆରୀ,୨୦୨୪ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରିଥିଲେ । ଏଥିରେ ଉନ୍ନତମାନର ଏଫ୍ଆଇଏଚ୍ ପ୍ରମାଣିତ ହକି ଷ୍ଟାଡିୟମ ଅନ୍ତର୍ଭୁକ୍ତ ରହିଛି । ହକି ଷ୍ଟାଡିୟମରେ ଉନ୍ନତମାନର ସିନ୍ଥେଟିକ୍ ହକି ଟର୍ଫ ଓ ଆଲୋକ ବ୍ୟବସ୍ଥା, ୨୭୫୦ ଆସନ ବିଶିଷ୍ଟ ଗ୍ୟାଲେରୀ, ଅଫିସ, ଖେଳାଳୀଙ୍କ ପାଇଁ ସମସ୍ତ ସୁବିଧା, ଜିମ୍ନାସିୟମ, ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଗୋଦାମ ଘର ଆଦିର ପ୍ରସ୍ତାବ ରହିଥିଲା । ସ୍ପୋର୍ଟର୍ସ କମ୍ପ୍ଲେକ ନିର୍ମାଣ ପାଇଁ ୧୪ମାର୍ଚ୍ଚ, ୨୦୨୪ରେ ଯୁବ ଓ କ୍ରୀଡା ବିଭାଗ ୮୪କୋଟି ୬୩ଲକ୍ଷ ୫୪ହଜାର ୮୬୫ ଟଙ୍କା ମଞ୍ଜୁର କରିଥିଲା । ଏହାର ନିର୍ମାଣ କାମ କରିବାକୁ ଇଡକୋକୁ କ୍ରୀଡା ବିଭାଗ ୨୭ଅଗଷ୍ଟ, ୨୦୨୪ରେ ପତ୍ର ଲେଖିଥିଲା । ଗତ ୩୦ବର୍ଷ ହେବ ଜ୍ୟୋତି ବିହାର କ୍ୟାମ୍ପସରେ ଆଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ବିଭିନ୍ନ ସମୟରେ ପରିକଳ୍ପନା କରାଯାଇଛି । ମାତ୍ର ତାହା ବିଭିନ୍ନ ସମୟରେ କାଗଜପତ୍ରରେ ସୀମିତ ରହି ଆସିଛି । ଫଳରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କ୍ରୀଡାର ଭିତ୍ତିଭୂମିର ବିକାଶ ହୋଇ ପାରିନାହିଁ । ଏପର୍ଯ୍ୟନ୍ତ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହୋଇ ପାରିନଥିବା ପରିତାପର ବିଷୟ ଅଟେ ।



୧୯୬୭ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ବିଶ୍ୱବିଦ୍ୟାଳୟ ବୁର୍ଲା ଜ୍ୟୋତି ବିହାର ସ୍ଥିତ ମୁଖ୍ୟାଳୟ କ୍ୟାମ୍ପସ ଠାରେ ମୋଟ ୬୭୮ ଏକର ବିଶିଷ୍ଟ ପରିମିତ ଜାଗା ରହିଛି । ଏହି କ୍ୟାମ୍ପସ ୧୯୭୧ରେ ଉଦ୍ଘାଟିତ ହୋଇଥିଲା । ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ କରି ସୁଖ୍ୟାତି ଆଣିଥିବା ବେଳେ ୨୦୧୮ରେ ୟୁଜିସି ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲା । ଛାତ୍ରଛାତ୍ରୀଙ୍କୁ କ୍ରୀଡା ଭିତ୍ତିଭୂମି ପ୍ରଦାନ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଜସ୍ୱ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଚୂଡାନ୍ତ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ସହ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ରିପୋର୍ଟ ପଠାଯାଇଥିଲା । ତେବେ ସରକାରଙ୍କ ଅନୁମୋଦନ ପାଇଁ ବେଶ ବିଳମ୍ବ ହୋଇଥିଲା । ଫଳରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣରେ ଅଗ୍ରଗତି ହୋଇପାରିନାହିଁ । ଗତ ନିର୍ବାଚନ ପୂର୍ବରୁ ମାଟି ସମତୁଲ ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଓଡିଶା ସରକାର ୨୦୩୬ ପର୍ଯ୍ୟନ୍ତ ଜାତୀୟ କ୍ରୀଡା ହକିର ପୃଷ୍ଠପୋଷକ ଥିବାବେଳେ ଉଚ୍ଚ ଶିକ୍ଷାସ୍ତରରେ ଏହି କ୍ରୀଡାର ବିକାଶ ଓ ନୂତନ କ୍ରୀଡାବିତ୍ ଅନ୍ୱେଷଣ ପାଇଁ ସେଭଳି ଠୋସ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ଏହାସତ୍ତ୍ୱେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁନାମ ରହିଛି । ତେବେ ୨୦୨୪ରେ ବହୁମୁଖୀ ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟକାରୀ କରିବାକୁ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ମାନେ ଦୃଢ ଦାବି କରିଛନ୍ତି ।

# ଦୁର୍ଗାପୂଜାରେ ସମ୍ମାନିତ ହେବେ ଗୌନ୍ତିଆ ଓ ଝାଙ୍କର

ପଦ୍ମପୁର ,(ସବ୍ୟୁ): ଗଣତନ୍ତ୍ରରେ ରାଜତନ୍ତ୍ରର ମହକ ଦେଇଥାଏ ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା । ରାଜ ଭକ୍ତି ଓ ଭାଇ ଚାରାର ଅନନ୍ୟ ମିଳନ ପଦ୍ମପୁର ରାଜବାଟିରେ ହେଉଥିବା ଦୁର୍ଗାପୂଜା । ପୁରାତନ ବୋଡାସମ୍ବର ରାଜାଙ୍କ ଶାସନାଧିନ ଅଞ୍ଚଳ ଗୁଡିକରେ ଜନସାଧାରଣ ସମସ୍ତେ ମିଶି ପଦ୍ମପୁର ରାଜବାଟିରେ ପାରମ୍ପାରିକ ରିତିନିତି ଅନୁସାରେ ପାଳନ କରିଥାନ୍ତି । ଚଳିତ ବର୍ଷର ପୂଜା ତଥା ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରିବା ପାଇଁ ରବିବାର ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପଦ୍ମପୁର ରଣଜିତାରେ ଏକ ଅନନ୍ୟ ପରମ୍ପରା ଆରମ୍ଭ ହେବାକୁ ଯାଉଥିବା ସୂଚନା ମିଳିଛି । ବୋଡାସମ୍ବର ଅଞ୍ଚଳ ସମସ୍ତ ଗୌନ୍ତିଆ ଓ ଝାଙ୍କର ମାନଙ୍କୁ ଚଳିତ ବର୍ଷ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ପଦ୍ମପୁର ରଣଜିତାରେ ଆଉ ଏକ ଅନନ୍ୟ ପରମ୍ପରା ଲାଖବିନ୍ଧାରେ ଲକ୍ଷ ଭେଦ କରିଥିବା ବ୍ୟକ୍ତିଙ୍କୁ ସସମ୍ମାନ ସହ ଶୋଭାଯାତ୍ରାରେ ଆଣି ସମ୍ମାନିତ କରିବା ସହ ୧୧୦୦୦ ଟଙ୍କା ପୁରସ୍କାର ରାଶି କମିଟି ତରଫରୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବା ସୂଚନା ଦେଇଛନ୍ତି । ଏହା ସହ ଲୋକମାନେ କିଭଳି ଶାନ୍ତି ଶୃଙ୍ଖଳା ସହ ଜଗତଜନନୀ ମାଁ ଦୁର୍ଗାଙ୍କ ଦର୍ଶନ କରି ପାରିବେ ସେଥିପାଇଁ ପୂଜା କମିଟି ଓ ପ୍ରଶାସନର ବୈଠକରେ ଆଲୋଚନା କରାଯାଇଛି । ପ୍ରତ୍ୟେକ ଦିନ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଥିବା କହିଛନ୍ତି। ଏହା ସହ ବୋଡାସମ୍ବରର ପ୍ରତୀକ ବାର ଭାଇ ବେଣ୍ଟକାର ଓ ପଦ୍ମପୁରର ଜମିଦାର ବୀରବିକ୍ରମାଦିତ୍ୟ ସିଂ ବରିହାଙ୍କ ପ୍ରତିମୁର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କୁ ଦାବି ଜଣାଇଛନ୍ତି ପୂଜା କମିଟି । ସାମ୍ବାଦିକ ସମ୍ମିଳନୀରେ ପୂଜା କମିଟି ସଭାପତିଙ୍କ ସମେତ ଉପସଭାପତି ଅଜିତ କୁମାର ଶତପଥି,ସମ୍ପାଦକ ଯୁଗଳ କିଶୋର ସାହୁ,ସହ ସମ୍ପାଦକ ଭରତ ପଣ୍ଡା,କୋଷାଧକ୍ଷ ଯୋଗେଶ କୁମାର ସାହୁ,ସହ କୋଷାଧକ୍ଷ ଶ୍ୟାମଲ କୁମାର ଦାଶ ତଥା ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିରରୁ ସଂଗ୍ରହ ହେଲା ୧୫୨ ୟୁନିଟ

ଝାରସୁଗୁଡା,(ସବ୍ୟୁ): ଅଗ୍ରଣୀ ସାମାଜିକ ସଂଗଠନ ଇଗଲ ଗ୍ରୁପ ତରଫରୁ ରବିବାର ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା । ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବରର ଉଦ୍ଘାଟନ କରିଥିବାବେଳେ ଦିବ୍ୟସିଂ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ସଂସ୍ଥାର ଉପଦେଷ୍ଟା ଅର୍ଜୁନ ମୋର, ସନ୍ଦୀପ ଅବସ୍ଥି, ତାପସ ରାୟ ଚୌଧୁରୀ, ଡାକ୍ତର ପ୍ରକାଶ ରଣା ମଞ୍ଚାସୀନ ଥିଲେ । ଶିବିରରେ ୧୫୨ ୟୁନିଟ ରକ୍ତ ଜିଲ୍ଲା ରକ୍ତ ଭଣ୍ଡାରକୁ ଦାନ କରାଯାଇଥିଲା । ସଭାପତି ଦିବ୍ୟସିଂ ପଟ୍ଟନାୟକ ସଂସ୍ଥାର ଆଭିମୁଖ୍ୟ ବିଷୟରେ ଜଣେଇଥିବା ବେଳେ ପୂର୍ବତନ ସଭାପତି ରାକେଶ ସାହୁ ହିମାଦ୍ରୀ ପ୍ରଧାନ ସନ୍ଦୀପ ସ୍ୱାଇଁ, ଦେବାଶିଷ ମହାପାତ୍ର, ଦେବାନନ୍ଦ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ସୁନୀଲ ଧଙ୍ଗଡ଼ାମାଝୀ ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ନିଯୁକ୍ତ



ନର୍ଲା,(ସବ୍ୟୁ): ଜାତୀୟ ସ୍ତରରେ ସୁପରିଚିତ ଯାଦବ ସଂସ୍କୃତି ଗବେଷକ ତଥା ସୁସଂଗଠକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସମାଜବାଦୀ ପାର୍ଟିର ଓଡ଼ିଶା ପ୍ରଦେଶ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ଯାଦବଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏହି ଘୋଷଣା କରିଛନ୍ତି। ଏନେଇ ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ ଏକ ପ୍ରେସ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢୀପଦର ଗ୍ରାମର ପ୍ରତିମା ଧଙ୍ଗଡ଼ାମାଝୀ ଓ ସ୍ୱର୍ଗତ ଯଦୁମଣି ଧଙ୍ଗଡ଼ାମାଝୀଙ୍କ ସୁପୁତ୍ର ସୁନୀଲ ଜଣେ ପ୍ରତିଷ୍ଠିତ ସାମ୍ବାଦିକ, ସାହିତ୍ୟିକ, ସମାଲୋଚକ, ସଂଗଠକ ଓ ଗବେଷକ ଭାବେ ରାଜ୍ୟ ତଥା ସର୍ବଭାରତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାସହ ସେ ରାଜ୍ୟର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସଂଗଠନ ସହ ଜଡ଼ିତ ହୋଇ ଆସିଛନ୍ତି। ତାଙ୍କ ଉପରେ ଭରସା କରି ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ଯାଦବ, ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏବଂ ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ଧଙ୍ଗଡ଼ାମାଝୀ।

# ହାତୀ ଆକ୍ରମଣରେ ଜଣେ ମୃତ

କୁଚିଣ୍ଡା(ସବ୍ୟୁ): ବାମରା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଗଡ଼ପୋଷ ସେକସନ କିନାବଗା ବିଟ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। କିନାବଗା ଗ୍ରାମପଞ୍ଚାୟତର ମସନିକାନିର ହେରମନ ଡାଙ୍ଗ(୫୫) ଶୁକ୍ରବାର ପ୍ରତ୍ୟୁଷରେ ଛତି ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇ ଥିଲେ । ଛତୁ ଖୋଜିବାକୁ ଯାଇଥିବା ହେରମାନ ଘରକୁ ଆଉ ଫେରି ନଥିଲେ । ଫଳରେ ପରିବାର ଲୋକେ ଖୋଜିବା ସହିତ ସେଠାକାର ବନରକ୍ଷୀଙ୍କୁ ମଧ ଜଣାଇଁଥିଲେ,

ଉଭୟ ପରିବାର ତଥା ବନରକ୍ଷୀ ଯାଇ ଜଙ୍ଗଲରେ ଖୋଜିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ୧୧ଟା ସମୟରେ ତାଙ୍କର ରକ୍ତାକ୍ତ ଶରୀର ଶବ ଶୋରିଷ ମୁଣ୍ଡା(ସାହି ଲୋଟା)ଠାରେ ପଡିଥିବା ଦେଖିବାକୁ ପାଇଥିଲେ। ଏହି ଖବର ପାଇ ରେଞ୍ଜର ଫରେଷ୍ଟର ଘଟଣାସ୍ଥଳରେ ପହଁଞ୍ଚିବା ସହ ଗଡ଼ପୋଷ ଫାଣ୍ଡି ଅଧିକାରୀ ମଧ ଘଟଣା ସ୍ଥଳକୁ ପହଁଞ୍ଚି ଶବକୁ ବ୍ୟବଚ୍ଛେଦ ନିମନ୍ତେ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୁତବ୍ୟକ୍ତିଙ୍କ ପାସିରେ ହାତୀର ପାଦଚିହ୍ନ ଦେଖିବାକୁ ପାଇଥିଲେ।

# ମଦ୍ୟପର ଗୋଇଠା ମାଡ଼ରେ ୫୨ ବର୍ଷିଅ ବ୍ୟକ୍ତିଙ୍କ ମୃତ୍ୟୁ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଅଧିନ ଉମା ଗ୍ରାମରେ ଏକ ଅସ୍ୱାଭାବିକ ଘଟଣାରେ ଜଣକ ମୃତ୍ୟୁ ଘଟିଛି। ଜଣେ ମଦ୍ୟପ ଜଣକ ଗୁପ୍ତାଙ୍ଗକୁ ଗୋଇଠା ମାରିବାରୁ ମୃତ୍ୟୁ ଭଳି ଘଟଣା ଘଣ୍ଟାପଡ଼ା ଥାନାରେ ମାମଲା ରୁଜୁ ହୋଇଛି । ମୃତକ ଜଣକ ହେଲେ ଉମା ଗ୍ରାମର ୫୨ ବର୍ଷିୟ ଉମାକାନ୍ତ ଭୋଇ । ଏନେଇ ମୃତକଙ୍କ ସ୍ତ୍ରୀ ଜୟନ୍ତୀ ଭୋଇ ଘଣ୍ଟାପଡ଼ା ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି । ଅଭିଯୋଗକୁ ଗୁରୁତର ସହିତ ଗ୍ରହଣ କରି ଅଭିଯୁକ୍ତ ୫୬ବର୍ଷିୟ ବନସିଂ ଭୋଇକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।ଏତଲାନୁସାରେ ଘଟଣା ଦିନ ସଂଧାରେ ବନସିଂ ପ୍ରଚୁର ମଦ୍ୟପାନ କରି ଗାଁ ଦାଣ୍ଡରେ ଅସଭ୍ୟ ଭାଷାରେ ପାଟି କରୁଥିଲା। ଏସବୁ ଦୃଶ୍ୟକୁ ବେଣୁଧର ସହ୍ୟ କରି ନ ପାରି ତାହାତକୁ ଧରି ଘରକୁ ଚାଲ ବୋଲି କହିବାରୁ ବନସିଂ ମାତାଲ ଅବସ୍ଥାରେ ଗୋଟିଏ ଗୋଇଠା ବେଣୁଧରକୁ ମାରିଥିଲା। ଗୋଇଠା ଯାଇ ବେଣୁଧରର ଗୁପ୍ତାଙ୍ଗ ବାଜିବାରୁ ସେ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ଏଖବରପାଇ ବେଣୁଧର ପାଖକୁ ଯିବାରେ ଦେଖିଲେ ବେଣୁଧରର ଆଉ ଜୀବନ ନାହିଁ। ମୃତକ ବେଣୁଧରର ସ୍ତ୍ରୀ ଜୟନ୍ତୀ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାସ୍ଥଳକୁ ଯାଇ ବନସିଂ ଗିରଫ କରି ଅଧିକ ତଦନ୍ତ କରିଥିଲା। ବନସିଂ ଅତ୍ୟଧିକ ମଦ୍ୟପାନ ଯୋଗୁଁ ହିତାହିତ ଜ୍ଞାନ ନ ଥାଇ ଗୋଇଠା ମାରିଥିବା କଥାକୁ ସ୍ୱିକାର କରିଥିଲା। ସେପଟେ ମୃତକ ବେଣୁଧରର ଶବକୁ ବ୍ୟବଚ୍ଛେଦ ପାଇଁ ପୋଲିସ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ନେଇ ଥାନାଧିକାରୀ ମାଧବଚନ୍ଦ୍ର ଟାକ୍ରି ପ୍ରକାଶ କରିଛନ୍ତି।

# ଆଦି କର୍ମଯୋଗୀ ଅଭିଯାନ ସମ୍ବନ୍ଧରେ ତିନିଦିନିଆ ପ୍ରଶିକ୍ଷଣ

ରାୟଗଡା,(ସବ୍ୟୁ): ସେବା ସଂକଳ୍ପ ସମର୍ପଣ ସରକାରୀ କର୍ମଚାରୀଙ୍କ ଆଦି କର୍ମଯୋଗୀ ଅଭିଯାନ ୩ ଦିନିଆ ଆବାସିକ ପ୍ରଶିକ୍ଷଣ-କମ୍-ଡିଜାଇନ୍ ୱାର୍କସପ୍ ସିରିଗୁଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆରମ୍ଭ ହୋଇଛି । ପ୍ରଶିକ୍ଷଣ ୧୩ରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଛ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କଲେ ଜିଲ୍ଲା ପରିଷଦ ସିଡ଼ିଓ ଅକ୍ଷୟ କୁମାର ଖେମୁଣ୍ଡୁ। ପ୍ରଶିକ୍ଷଣ ପ୍ରାୟୋଗିକ ହେବା ଆବଶ୍ୟକ ଓ ଗ୍ରାମ ସ୍ତରରେ ଲୋକଙ୍କ ପାଇଁ କାମକୁ ଆସିବା ଉଚିତ ବୋଲି କହିଛନ୍ତି । ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ଏବଂ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର୍ ଚନ୍ଦ୍ର କାନ୍ତ ମାଝୀ ଏହି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କଥା ହୋଇଥିଲେ । ସେହିପରି ଦିତୀୟ ଦିନରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ସ୍ତର ଅଧିକାରୀ ଆଦି କର୍ମଯୋଗୀ ବ୍ଲକ ସ୍ତରୀୟ କର୍ମଚାରୀ ଆଦି ସହଯୋଗୀ ଏବଂ ପଞ୍ଚାୟତ ସ୍ତରୀୟ ଆଦି ସାଥି ନାମରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ କର୍ମଚାରୀଙ୍କୁ ସପଥ ପାଠ କରାଯାଇଥିଲା। ଏହି ପ୍ରଶିକ୍ଷଣ ମାଧମରେ ଗ୍ରାମ ସ୍ତରରେ ସଚେତନତା, ଲୋକସହଭାଗୀତା ଓ ଉନ୍ନତିକୁ ଶକ୍ତିଶାଳୀ କରାଯିବ । କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ଓ ବିଡିଓ ସହିତ ବିଭିନ୍ନ ବିଭାଗୀୟ କର୍ମଚାରୀ ବ୍ଲକ ସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କୁ ନିଜ୍ ଅଭିଜ୍ଞତା ଓ ପ୍ରଶିକ୍ଷଣ ଦେଉଛନ୍ତି । ପ୍ରଶିକ୍ଷିତ ବ୍ଲକ ସ୍ତରୀୟ ମାଷ୍ଟର ଟ୍ରେନର ପରେ ଗ୍ରାମ ସ୍ତରରେ ଯୋଜନା ପ୍ରସ୍ତୁତିରେ ସହାୟତା କରିବେ। ଏଥିପରିଣାମରେ ଗ୍ରାମବାସୀମାନେ ସରକାରୀ ଯୋଜନାରୁ ଅଧିକ ଲାଭ ନେଇପାରିବେ। ଅଧିକାରୀମାନେ କହିଛନ୍ତି, ଏହି ପ୍ରଶିକ୍ଷଣ ଦ୍ୱାରା ଗ୍ରାମରେ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସେବାଗୁଡ଼ିକ ଆଗକୁ ବଢ଼ିବ । ଏହା ସହିତ ଲୋକମାନଙ୍କର ସକ୍ରିୟ ଭାଗିଦାରି ବୃଦ୍ଧି ପାଇବାରେ ସରକାରୀ ଯୋଜନା ଅଧିକ ପ୍ରଭାବଶାଳୀ ହେବ । କୋଲନରା, ପଦ୍ମପୁର, ବିଷମକଟକ ବିଡ଼ିଓ ମାନେ ଆସି ପ୍ରଶିକ୍ଷଣ ଦେଇଥିଲେ।

# ଦିଗଦର୍ଶନ ଶିବିର ପ୍ରକାଶ ଆୟୋଜିତ

ଜୟପାଟଣା,(ସବ୍ୟୁ):ସ୍ଥାନୀୟ ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ଜୟପାଟଣା ଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅନୁସ୍ଥାପନ, ଦିଗଦର୍ଶନ, ଶିବିର ପ୍ରକାଶ ଅନୁଷ୍ଠିତ ହୋଇଯାଇଛି। ଶିବିରର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଶୀ, ମୁଖ୍ୟ ବକ୍ତାଭାବେ ଜିଲ୍ଲାସ୍ତରରୁ ପ୍ରକାଶର କାର୍ଯ୍ୟ ବହନ କରିଆସିଥିବା ମନୋଜ କୁମାର ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଶିବରାମ ପ୍ରଧାନ, ମଙ୍ଗୁଳି ଚରଣ ମୁଦିଲୀ, ବରିଷ୍ଠ ସାମ୍ବାଦିକ ଅସରଫ ଅଲ୍ଲୀ, ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ମାଝୀଙ୍କ ସଭାପତିତ୍ୱରେ ପ୍ରକାଶ ଶିବିର ଆରମ୍ଭ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ମହଲ ଉପସ୍ଥିତ ରହିଥିଲେ। ଅତି ସୁନ୍ଦର ଭାବେ ଶିକ୍ଷା ଦାନ, ଶିକ୍ଷା ଗ୍ରହଣ କୁ ନେଇ ଜିଲ୍ଲା ପ୍ରଶାସନ ର ଏହା ଏକ ଅଭିନ ବ୍ୟବସ୍ଥା ହୋଇଥିବାବେଳେ,ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ଅଭିଭାବକ, ଅଭିଭାବିକା,ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଶିକ୍ଷା ଦାନ ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ବିଶେଷ କରି ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ ଏହି ପ୍ରକାଶ ଯୋଜନାରେ ଶିକ୍ଷା ଗ୍ରହଣ କରି ବୋର୍ଡ ପରୀକ୍ଷାରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇ ସମ୍ପୃକ୍ତ ବିଦ୍ୟାଳୟ ମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେଇବା ଏହାର ମୂଳ ଉଦେଶ୍ୟ। ଏଣୁ ଜିଲ୍ଲାପାଳଙ୍କ ଏହି ପ୍ରକାଶ ଯୋଜନାର ସଫଳ ରୂପାୟନ ନିମନ୍ତେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ, ତଥା ଅଭିଭାବକ ମହଲ ଏଥିପ୍ରତି ଯତ୍ନବାନ ହେବା ଜରୁରୀ ହୋଇପଡିଛି।

# ଗଡଜାତର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଷୋଳପୂଜା ଆରମ୍ଭ

ବୌଦ୍ଧ,(ସବ୍ୟୁ): ବୌଦ୍ଧର ପ୍ରାଚୀନ କିର୍ତ୍ତିରାଜୀ ମଧ୍ୟରୁ ପୁରୁଣାକଟକ ସ୍ଥିତ ଦେବୀ ଭୈରବୀଙ୍କ ମନ୍ଦିର ଅନ୍ୟତମ । ମାଙ୍କର ପ୍ରତ୍ୟକ୍ଷତା ଓ ମହିମା ପ୍ରତି ବିଶ୍ୱାସ ଭକ୍ତଙ୍କୁ ଟାଣି ଆଣିଥାଏ ଏହି ମନ୍ଦିରକୁ । ବୌଦ୍ଧ ସହର ଠାରୁ ୩୦ କିମି ଭୁବନେଶ୍ୱର ରାସ୍ତାରେ ଗଲେ ଖୋର୍ଦ୍ଧା--ବଲାଙ୍ଗିର ଜାତୀୟ ରାଜପଥ କଡରେ ରହିଛି ପୁରୁଣାକଟକ ଅଞ୍ଚଳ । ବୌଦ୍ଧ ଜିଲାର ପୁରୁଣାକଟକ ଏକ ପ୍ରମୁଖ ସ୍ଥାନ ନହେଲେ ମଧ୍ୟ ପ୍ରତ୍ୟକ୍ଷ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ପୀଠ ପାଇଁ ଏହି ସ୍ଥାନଟି ରାଜ୍ୟର ଅନ୍ୟଏକ ପ୍ରସିଦ୍ଧ ଦୈବୀପିଠ ଅଟେ । ଭୁବନ ଭରଣ କରୁଥିବାରୁ ଦେବୀଙ୍କୁ ଭୈରବୀ ବୋଲି କୁହାଯାଏ । ମନ୍ଦିର ସମ୍ମୁଖରେ ପ୍ରବାହିତ ହେଉଛି ଲକ୍ଷ୍ମୀନାଳ । ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମାଭୈରବୀ କେଉଁ ଆବାହାନ କାଳରୁ ଏଠାରେ ପୂଜା ପାଇ ଆସୁଛନ୍ତି ସେ ସମ୍ପର୍କରେ ଇତିହାସ ନିରବ । ପ୍ରାକ୍ତନ ଗଡଜାତର ଶାସକ ରାଜା ମାନେ ମାଙ୍କୁ ଗଡଜାତର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜାର୍ଚ୍ଚନା କରି ଆସୁଥିଲେ । ବର୍ତ୍ତମାନ ପୂଜା ପାଉଥିବା ମନ୍ଦିର ପୂର୍ବରୁ ମା ଭୈରବୀ ନିକଟସ୍ଥ ଅର୍ଗଳିଆ ପାହାଡ ଶିଖରେ ପୂଜା ପାଇ ଆସୁଥିଲେ । ଧିରେ ଧିରେ ସେଠାକୁ ଯାତାୟତର ଅସୁବିଧା ହେତୁ ବର୍ତ୍ତମାନ ପୂଜା ପାଉଥିବା ମନ୍ଦିର ଠାରେ ଥିବା ବାଉଁଶ ବଣରେ ଖୋଲାରେ ଦେବୀ ପୂଜା ପାଇଆସୁଥିଲେ । ବର୍ତ୍ତମାନ ମନ୍ଦିର ସ୍ଥାନଟି ପୁର୍ବରୁ ଏତେ ବାଉଁଶ ବଣରେ ଭରପୁର ଥିଲା ଯେ ସେଠାକୁ ଗଲେ ଆପେ ଆପେ ଭୟ ଲାଗୁଥିଲା । ସେଠାରେ ଖୋଲା ଆକାଶ ତଳେ ମାଙ୍କ ପୂଜା କରାଯାଉଥିବା ହେତୁ ସେଠାକୁ ଭକ୍ତମାନେ ନିସ୍ତାରସହ ଯାଇଥାନ୍ତି ଦର୍ଶନ କରିବାପାଇଁ ।



ବର୍ତ୍ତମାନ ପୂଜାପାଉଥିବା ସ୍ଥାନଟିରେ ସୁନ୍ଦର ମନ୍ଦିର ରେ ମା ପୂଜା ପାଉଛନ୍ତି । ମହାମାୟା ଦେବୀ ଭୈରବୀ ଠାକୁରାଣୀ ସିଦ୍ଧ ତନ୍ତ୍ର ପୀଠରେ ଶଶକ୍ତି ଉଗ୍ରମୁର୍ତ୍ତି ଧାରଣ କରି ବିରାଜ ମାନ କରିଅଛନ୍ତି । ମା ଭୈରବୀଙ୍କ ପୂଜା ବିଭିନ୍ନ ମାସ ଅନୁସାରେ ଭିନ୍ନ ଭିନ୍ନ ଧରଣରେ ହୋଇଥାଏ । କିନ୍ତୁ ମାଙ୍କ ପୂଜା ଆଶ୍ୱିନ ମାସରେ ଅତି ନିଆରା ସହକାରେ ହୋଇଥାଏ । ଏହି ସମୟରେ ମାଙ୍କ ଷୋଳ ପୂଜା ବା ଖଣ୍ଡା ବସା ପର୍ବ ହୋଇଥାଏ । ଏହି ଷୋଳ ପୂଜା ରାଜା ରାଜୁଡା ଅମଳରୁ ହୋଇ ଆସୁଛି । ଷୋଳ ପୂଜା ଆଶ୍ୱିନ ମୁଳାଷ୍ଟମୀ (କୃଷ୍ଣ ପକ୍ଷ ଅଷ୍ଟମୀ) ଦିନ ଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ମହାଅଷ୍ଟମୀ ଦିନ ଶେଷ ହୋଇଥାଏ । ଆଶ୍ୱିନ ମୁଳାଷ୍ଟମୀ ଦିନ ମା ଭୈରବୀଙ୍କ ମୁଖ୍ୟ ପୁଜଙ୍କ ଘରୁ ବାଜା ବଜାଇ ବାନା, ବଇରଖ, ଛତ୍ର ଧରି ସନ୍ଧ୍ୟା ସମୟରେ ଗ୍ରାମ ପରିକ୍ରମା କରି ସିଧା ମନ୍ଦିର କୁ ଆସିଥାଆନ୍ତି ।ଏବଂ ନିଶା ରାତ୍ରିରେ ତାଳପତ୍ର ପୋଥି ( ମାଦାଳା ପାଞ୍ଜି) ଅନୁସାରେ ମାଙ୍କ ଗୁପ୍ତ ପୂଜା ହୋଇଥାଏ, ଓ ମାଙ୍କ ଠାରେ ଖଣ୍ଡା ବସିଥାଏ । ଏହି ଗୁପ୍ତ ପୂଜା ଆରମ୍ଭ ହେଲା ମାତ୍ରେ ଢୋଲ, ନିଶାନ ବାଜି ଉଠିଥାଏ , ବାଜା ବାଜିବା ମାତ୍ରେ ଅଞ୍ଚଳର ପୁତ୍ରବତୀ ମହିଳା ମାନେ ପୁଅ ଜୁଉନ୍ତିଆ ପର୍ବ କରିଥାଆନ୍ତି । ଷୋଳ ପୂଜା ସମୟରେ ମାଙ୍କ ଠାରେ ୧୬ ଖଣ୍ଡ ଗ୍ରାମର ଲୋକ ମାନେ ପ୍ରତ୍ୟହ ଦିନେ ଦିନେ କରି ମାଙ୍କ ପାଇଁ ଭୋଗ ଅର୍ପଣ କରିଥାଆନ୍ତି ଓ ସେହି ଭୋଗ ଲାଗିଥାଏ । ଏହି ଗ୍ରାମ ଗୁଡିକ ଗଡଜାତ ରାଜାଙ୍କର ପ୍ରସ୍ତାବମତେ ସେବା କରି ଆସୁଛନ୍ତି। ଷୋଳ ପୂଜା ଦିନଠାରୁ ମାଙ୍କ ପ୍ରତ୍ୟକ୍ଷ ଦର୍ଶନ ଭକ୍ତ ମାନଙ୍କ ପାଇଁ ମନ୍ଦିର ଭିତରକୁ ପୁରାପୁରି ମନା ହୋଇଥାଏ। ଷୋଳ ପୁଜା ସମୟରେ ଭକ୍ତ ମାନେ ନିଜର ମନସ୍କାମନା ପୁର୍ଣ୍ଣ ପାଇଁ ମାଙ୍କ ମନ୍ଦିର ବାହାରେ ପୁଜା ଅର୍ଚ୍ଚନା କରିଥାଆନ୍ତି । ଷୋଳ ପୁଜା ମଧରୁ ୪ ଦିନ ପୁରାପୁରି ସ୍ୱତନ୍ତ୍ର ଭାବେ ଗୁପ୍ତ ପୁଜା ହୋଇଥାଏ ବୋଲି ମୁଖ୍ୟ ପୁଜକ ପ୍ରକାଶ କରିଛନ୍ତି । ଷୋଳ ପୁଜା ସମୟରେ ବ୍ରାହ୍ମଣ ମାନେ ହୋମ, ଚଣ୍ଡିପାଠ ଓ ଅନ୍ନ ପୁଜା କରିଥାଆନ୍ତି ଓ ଅନ୍ୟ ସମୟରେ କେବଳ ମାଙ୍କ ଦେହୁରୀ ମାନେ ପୁଜା କରିଥାନ୍ତି । ଷୋଳ ପୁଜା ୧୬ ଦିନ ଧରି ଚାଲିଥାଏ ଏବଂ ପ୍ରତିଦିନ ରାତି ୧୦ ଟାରୁ ରାତି ୩ଟା ପର୍ଯନ୍ତ ନିଶା ରାତିରେ ଘଣ୍ଟ, ଶଙ୍ଖ, ଢୋଲ ,ନିଶାଣ ବଜାଇ ପୁଜା ହୋଇଥାଏ ଓ ପୁଜା ସମୟରେ ଏହି ଅଂଚଳରେ ଏକ ଭୟର କମ୍ପନ ଜାତ ହୋଇଥାଏ । ପୁଜାପରେ ମାଙ୍କୁ ବେଶ ଧାରଣ କରାଯାଇଥାଏ । ଏହି ବେଶକୁ ଗୁପ୍ତ ବେଶ ବୋଲି କୁହାଯାଇଥାଏ କାରଣ ଏହି ବେଶ ସାଧାରଣରେ ଦର୍ଶନୀୟ ହୋଇନଥାଏ । ପୁଜକ ଙ୍କ କହିବା ଅନୁସାରେ ମା ଙ୍କ ବାହାନ ମହାବଳ ବାଘ ପ୍ରତ୍ୟହ ପୁଜା ସମୟରେ ନିଶା ରାତିରେ ଆସି ଖିରି ଓ ଉଖୁଡା (ଲିଆ)ଭୋଗ ଖାଇ ଯାଇଥାଏ , ଏହା କିଛି ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଭୁତିରୁ ମଧ ପ୍ରକାଶ । ମହାନବମୀ ଦିନ ମାଙ୍କ ଠାରେ ନବାନ୍ନ ଲାଗି ଥାଏ । ସେହି ଦିନ ମାଙ୍କ ଠାରେ ନୁଆ ଚାଉଳର ଖିରି ଓ କାକରା ଦେଇ ନବାନ୍ନ ଭକ୍ଷଣ କରାଯାଇଥାଏ । ଏହା ପରେ ଗଡଜାତ ଅଞ୍ଚଳର ବାସିନ୍ଦା ମାନେ ନୁଆ ଖାଇଥାଆନ୍ତି । ଷୋଳ ପୁଜା ଶେଷ ପରେ ମା ଗ୍ରାମ ପରିକ୍ରମା କରି ପୁଜଙ୍କ ଘରକୁ ଯାଇଥାଆନ୍ତି । ପୁଜକ ଙ୍କ ଘରକୁ ଯିବା ସମୟରେ ମା ଗ୍ରାମର ସମସ୍ତଙ୍କ ଘର ସମ୍ମୁଖରେ ପୁଜା ପାଇଥାଆନ୍ତି । ଏହି ମହାଅଷ୍ଟମୀ ଦିନ ମାଙ୍କ ପୁଜା ଆରମ୍ଭ ମାତ୍ରେ ଅଞ୍ଚଳର ଭଉଣୀ ମାନେ ଭାଇଙ୍କ ମଙ୍ଗଳ କାମନା କରି ଭାଇ ଜିଉନ୍ତିଆ କରିଥାଆନ୍ତି । ଏହି ଦିନ ମାଙ୍କ ଠାରେ ମହାବଳୀ ଉତ୍ସର୍ଗ କରାଯାଇଥାଏ । ଷୋଳପୁଜା ଆରମ୍ଭରେ ମାଙ୍କ ନିକଟରେ ଛାଗବଳୀ, ଏହାର ଚାରିଦିନ ବାଦ ମେଷବଳୀ ଓ ଏହାପରେ ମସ୍ୟବଳୀ ଉତ୍ସର୍ଗ କରାଯାଇଥାଏ । ଆଶ୍ୱିନ ମାସ ପୁର୍ଣ୍ଣମାରେ ମାଙ୍କ ପତ୍ର ଭସାଣୀ ଉତ୍ସବ ହୋଇଥାଏ । ଏହି ପତ୍ର ଭସାଣି ପର୍ବ ଦିନ ପୁଜକ ଓ ସେବକ ମାନେ ନିଷ୍ଠା ଓ କାଷ୍ଠାରେ ରହିଥାଆନ୍ତି । ଷୋଳ ପୁଜା ପରି ବିଭିନ୍ନ ମାସ ଗୁଡିକରେ ମଧ୍ୟ ମାଙ୍କ ପୁଜା ହୋଇଥାଏ । ଦୀପାବଳୀ ଅମାବାସ୍ୟା ଦିନ ଶ୍ୟାମାକାଳୀ ପୁଜା, ମାଘ ମାସ କୃଷ୍ଣ ପକ୍ଷ ଚର୍ତୁଦଶୀ ଦିନ ଉଗ୍ରତାରା ପୁଜା, ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ଠାରୁ ଦଶମୀ ପର୍ଯନ୍ତ ବାସନ୍ତିକା ଦୁର୍ଗାପୁଜା ବା ଦକ୍ଷିଣ କାଳି ପୁଜା, ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ସ୍ୱନକ୍ଷେତ୍ର ପୁଜା, ଭାଦ୍ରବ ମାସ ଚର୍ତୁଦଶୀ ମହାସ୍ନାନ ପୁଜା , ଭାଦ୍ରବ ମାସ ଅମାବାସ୍ୟା ସପ୍ତପୁରୀ ଅମାବାସ୍ୟା, ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଦୁର୍ଗା ଶୟନୀ ପୁଜା ଓ ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ପାର୍ଶ୍ୱପରିବର୍ତ୍ତନ ପୁଜା ହୋଇଥାଏ । ମାଙ୍କର ଏହି ସବୁ ପୁଜା ଗୁଡିକ ପୂଜକ ବ୍ରାହ୍ମଣ,ମାଳି,ଦେହୁରୀ ସେବକ ମାନେ ମାଙ୍କ ପ୍ରତ୍ୟକ ପୁଜାକୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ସମାପନ କରିଆସୁଅଛନ୍ତି । ବିଶ୍ୱାସ ଅଛିଯେ ଭକ୍ତମାନେ ନିଷ୍ଠାର ସହ ମାଙ୍କ ନିକଟରେ ନିଜର ମନସ୍କାମନା ପୁର୍ଣ୍ଣ ପାଇଁ ଦୀପଟିଏ ଜାଳି ଗୁଆଟିଏ ବସାଇଲେ ନିଶ୍ଚିତ ଭାବେ ତାଙ୍କର ଆଶା ପୁରଣ ହୋଇଥାଏ । ସେଥିପାଇଁ ମାଙ୍କ ପ୍ରତ୍ୟକ୍ଷତା ଓ ମହିମା ଏତେ ପ୍ରସାରିତ ହୋଇଛିଯେ ବର୍ଷ ସାରା ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତ ମାନେ ବିଭିନ୍ନ ମନସ୍କାମନା ପୁର୍ଣ୍ଣ ଆଶାରେ ଚାଲି ଆସିଥାନ୍ତି ଏଠାକୁ।

# ସନ୍ତାନଙ୍କ ମଙ୍ଗଳ କାମନାରେ ପୁଓ ଜିଉଁତିଆ ଓଷା ପାଳିତ



ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପୁଓ ଜିଉଁତିଆ ବା ଦୂତି ବାହନ ଓଷା ପାଳନ କରାଯାଉଛି । ସନ୍ତାନମାନଙ୍କ ଦୀର୍ଘ, ନିରାମୟ ଜୀବନ, ଉଜ୍ଜଳ ଭବିଷ୍ୟତ, ସୁଖ ସମୃଦ୍ଧି କାମନା କରି ମହିଳାମାନେ ଏହି ବ୍ରତ ପାଳନ କରନ୍ତି । ଏହି ଉପଲକ୍ଷେ ସଂନ୍ଧ୍ୟାର ମହିଳାମାନେ ଦଳ ଦଳ ହୋଇ ମନ୍ଦିର ପ୍ରାଙ୍ଗଣ, ଛକ, କଲୋନୀ, ଗାଁ ଦାଣ୍ଡ ଆଦି ଜାଗାରେ ଏକତ୍ରିତ ହୋଇ ସ୍ୱତନ୍ତ୍ର ଓ ଚାନ୍ଦୁଆ, ବିବିଧ ଫୁଲ, ପତ୍ର ଏବଂ ଫଳରେ ସଜ୍ଜିତ ବେଦୀରେ ପୂଜା କରିଥିଲେ । ଏଠାରେ ବର୍ଗାକାର ଜଳାଶୟ କରାଯାଇ ଜିଆଁ ମାଛ ଛଡ଼ା ଯାଇଥିଲା । ପୂଜା ସ୍ଥଳରେ ଦୂତିବାହନଙ୍କ ଆରାଧନା ପୂର୍ବକ ନବବସ୍ତ୍ର ପରିଧାନ କରି ମହିଳାମାନେ ଦୂତିବାହନ ଓଷା ବ୍ରତ କଥା ଶୁଣିଥିଲେ । ଚଳିତ ଋତୁର ବିଭିନ୍ନ ନୂଆ ଫଳ ଫୁଲ, ୧୦୨ ଲେଖାଁଏ ଦୁବ ଓ ଅକ୍ଷତ ଅରୁଆ ଚାଉଳ, ନୈବେଦ୍ୟ ସହ ଜୁଗାର ଅର୍ପଣ ପୂର୍ବକ ପୂଜା କରାଯାଇଥିଲା । ଓଉ, କାକୁଡ଼ି, ଆଖୁ, କରମଙ୍ଗା, କନ୍ଦମୂଳ, ନଡ଼ିଆ ଆସନ୍ତା କାଲି ନବମୀ ତିଥିରେ ବ୍ରତ କରିଥିବା ମହିଳା ମାନେ ନଦୀ, ପୋଖରୀ ଆଦି ଜଳାଶୟକୁ ଯାଇ ବାଲି ବେଦୀରେ ପୂଜା କରିବେ । ପରେ ଘରେ ସନ୍ତାନ ଓ ସନ୍ତତୀଙ୍କୁ ପର୍ବଦିନ ପୂଜାପରେ ରଖାଯାଇଥିବା ନୈବେଦ୍ୟକୁ ବନ୍ଦାଣ କରିବେ । ଏହାବାଦ ସେମାନେ ୨୪ଘଣ୍ଟାରୁ ଅଧିକ ସମୟ ଧରି ରଖିଥିବା ଉପବାସକୁ ପ୍ରତ୍ୟାହାର କରିବେ । ଅନ୍ୟପକ୍ଷରେ ନବବିବାହିତା ମହିଳାମାନେ ସନ୍ତାନ କାମନା କରି ଏବଂ କନ୍ୟାମାନେ ମଧ୍ୟ ବାପାଙ୍କ ସକାଶେ ଏହି ବିଧି ପାଳନ କରନ୍ତି । ଏହି ଅବସରରେ ନବବସ୍ତ୍ର ଆଦାନ ପ୍ରଦାନ ହୋଇଥାଏ । ସନ୍ତାନମାନେ ବଡ଼ ହେଲେ ମାଆମାନଙ୍କୁ ଶାଢୀ ଆଦି ଉପହାର ଦେବାର ପରମ୍ପରା ମଧ୍ୟ ରହିଛି। ପଶ୍ଚିମ ଓଡ଼ିଶାର ସବୁବର୍ଗର ମହିଳା ମାନେ ଏହି ଓଷା ପାଳନ କରନ୍ତି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୪୦)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।**
**ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ ତ୍ରିଭିର୍ଗୁଣୈଃ ।। ୪୦ ।।**

(ଅନୁକ୍ତଂ ସଂଗୃହ୍ଣନ୍ ପ୍ରକରଣାର୍ଥମୁପସଂହରତି)- ପୃଥିବ୍ୟାଂ ( ଭୂଲୋକେ), ଦିବି (ସ୍ୱର୍ଗେ) ବା ଦେବେଷୁ ବା ପୁନଃ ତତ୍ (ତାଦୃଶଂ) ସତ୍ତ୍ୱଂ (ପ୍ରାଣୀଜାତଂ) ନାସ୍ତି ଂତ୍ (ସତ୍ତ୍ୱଂ) ଏଭିଃ ପ୍ରକୃତିଜୈଃ (ପ୍ରକୃତିଜାତୈଃ ସତ୍ତ୍ୱାଦଭିଃ) ତ୍ରିଭିଃ ଗୁଣୈଃ ମୁକ୍ତ ସ୍ୟାତ୍ ।। ୪୦ ।।

# ଏତେ ସବୁ ପୁସ୍ତକ ସାଇତି ରଖିବା କିପରି?

ଏକବିଂଶ ଶତାବ୍ଦୀ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗ । ଡିଜିଟାଲର ଯୁଗ । ସମୟ ବଦଳିବା ସହିତ ମଣିଷର ରୁଚି, ଅଭ୍ୟାସ ଓ ଦୈନନ୍ଦିନର ଜୀବନଧାରା ମଧ୍ୟ ବଦଳି ଯାଉଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ନୂତନ ଉଦ୍‌ଭାବନ ଓ ଈଶ୍ୱର ବିଶ୍ୱାସ ମଧ୍ୟ ତାଳଦେଇ ଚାଲିଛି । ଅବଶ୍ୟ ଏବର କମ୍ପ୍ୟୁଟର, ଲାପଟପ ବା ମୋବାଇଲ ଫୋନର ବହୁଳ ବ୍ୟବହାର ଯୋଗୁଁ ପଠନ ସ୍ପୃହା ହ୍ରାସ ପାଇଛି । ସାରା ବିଶ୍ୱରେ ପୁସ୍ତକ ପ୍ରକାଶନ ବନ୍ଦ ହୋଇ ନାହିଁ ବରଂ ବଢ଼ି ଚାଲିଛି । ଭାରତରେ ଓ ଓଡ଼ିଶାରେ ମଧ୍ୟ ପୁସ୍ତକ ମୁଦ୍ରଣର ସଂଖ୍ୟା ହ୍ରାସ ପାଇନାହିଁ । ଅଥଚ ଏତେଗୁଡ଼ିଏ ପୁସ୍ତକକୁ ସାଇତି ରଖିବାକୁ ଘରେ ଘରେ ଜାଗା କାହିଁ ? ସ୍ଥାନାଭାବ ଦେଖା ଯାଉଛି ।

ଓଡ଼ିଶାରେ ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରୀ ମଧ୍ୟ ରହିଛି । ଅଥଚ ଏତେ ସଂଖ୍ୟାରେ ପୁସ୍ତକ ରଖିବାକୁ ସ୍ଥାନାଭାବ ପରିଲକ୍ଷିତ ହୋଇଛି । ଅନେକ ଦୁର୍ଲଭ ଓ ଦୁଷ୍ପ୍ରାପ୍ୟ ପୁସ୍ତକ ଓ ପତ୍ରପତ୍ରିକା ରାଜ୍ୟ ଅଭିଲେଖାଗାର ବା ଆରକାଇଭସ୍‌ରେ ସଂରକ୍ଷିତ ହୋଇ ରହିବା କଥା । ମାତ୍ର ରହି ପାରୁନାହିଁ । ସେ ସବୁର ଡିଜିଟାଇଜେସନ ଏବେ କରାଯାଉଛି । ଅନ୍ତତଃ ସ୍ଥାନାଭାବ ସମସ୍ୟାରୁ ରକ୍ଷା ମିଳିବ ବୋଲି ଆଶା କରାଯାଉଛି ।

ଅନେକ ବର୍ଷ ପୂର୍ବେ ଚୀନ୍‌ର ସମ୍ରାଟ ସିଂ ହ୍ୱାଙ୍ଗତି କୁଆଡ଼େ ଗୋଟାଏ ଗ୍ରନ୍ଥମେଧ ଯଜ୍ଞ କରିଥିଲେ । ସାହିତ୍ୟ, ଦର୍ଶନ, ଇତିହାସ ଓ ରାଜନୀତି ସଂକ୍ରାନ୍ତୀୟ ଅନେକ ଉପାଦେୟ ପୁସ୍ତକଗୁଡ଼ିକ ଯଜ୍ଞକୁଣ୍ଡରେ ଆହୁତି ଦେବାକୁ ଇଚ୍ଛା କରି ସେ ଏହି ଗ୍ରନ୍ଥମେଧ ଯଜ୍ଞର ଆୟୋଜନ କରିଥିଲେ । ପୁସ୍ତକଗୁଡ଼ିକର ଅମର୍ଯ୍ୟାଦା କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା । ବିଭିନ୍ନ ବିଷୟରେ ନୂତନ ଉଦ୍‌ଭାବନ ଓ ଆବିଷ୍କାର ପରେ ନୂତନ ନୂତନ ପୁସ୍ତକ ପ୍ରକାଶ ପାଉ ବୋଲି ଚୀନ୍ ସମ୍ରାଟ ସିଂ ହ୍ୱାଙ୍ଗତି ଚାହିଁଥିଲେ । ତାହା କରା ଯାଇଥିଲା । ସମ୍ଭବତଃ ଏହା ଏକ କିମ୍ବଦନ୍ତୀ ବୋଲି ମଧ୍ୟ କୁହାଯାଇ ପାରେ ।

ସେ ଯାହା ହେଉ, ମୋବାଇଲର ବହୁଳ ପ୍ରଚଳନ ଓ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର ସତ୍ତ୍ୱେ, ପଠନସ୍ପୃହା ବେଶୀମାତ୍ରାରେ କମିଯାଇଛି ବୋଲି ମନେ ହୁଏ ନାହିଁ । କାରଣ ପ୍ରତିବର୍ଷ ବହୁ ସଂଖ୍ୟାରେ ପୁସ୍ତକ ପ୍ରକାଶ ପାଉଛି । ପୁସ୍ତକ ମେଳା କେବଳ ନୂଆଦିଲ୍ଲୀ, କୋଲକାତା ପ୍ରଭୃତି ମହାନଗରରେ ହେଉ ନାହିଁ, ଓଡ଼ିଶାର କଟକ, ଭୁବନେଶ୍ୱର ସମେତ ପ୍ରାୟ ଛୋଟ ବଡ଼ ସହରମାନଙ୍କରେ ପ୍ରତିବର୍ଷ ଆୟୋଜିତ ହେଉଛି । ହଜାର ହଜାର ନୁହେଁ, ଲକ୍ଷ ଲକ୍ଷ ପୁସ୍ତକ ବିକ୍ରୀ ହେଉଛି । ପୁସ୍ତକ ବିକ୍ରୀବଟାରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ମିଳୁଛି । ରାଜ୍ୟ ସରକାର ପ୍ରତିବର୍ଷ ପୁସ୍ତକମାନ ରାଜା ରାମ ମନୋହର ଲାଇବ୍ରେରୀ ସ୍କିମରେ କ୍ରୟ କରୁଛନ୍ତି । ତଦ୍ୱାରା କେତେକ ଲେଖକ ଓ ପ୍ରକାଶକମାନେ ଲାଭବାନ ହୋଇ ପାରୁଛନ୍ତି । ଅଧିକାଂଶ ସାରସ୍ୱତ ଓ ସାଂସ୍କୃତିକ ଉତ୍ସବମାନଙ୍କରେ ପୁସ୍ତକ ଉନ୍ମୋଚିତ ହେଉଛି । ଏପରିକି ଉନ୍ମୋଚନ ସକାଶେ ଅଧିକାଂଶ ଦିନ ଉତ୍ସବ ମାନ ହେଉଛି । ଲେଖକ ପ୍ରକାଶିତ ଗ୍ରନ୍ଥର ସମୀକ୍ଷା କରୁଥିବା ବେଳେ ଆଉ ଦୁଇ ତିନି ଜଣ ଲେଖକ, ଏପରିକି ପୁସ୍ତକର ଲେଖକ ମଧ୍ୟ ପୁସ୍ତକଟି ଉପରେ ଆଲୋଚନା କରୁଛନ୍ତି । ବିଭିନ୍ନ ଦୈନିକ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପୁସ୍ତକଗୁଡ଼ିକର ସମୀକ୍ଷା ଓ ଆଲୋଚନା ମଧ୍ୟ ବହୁ ସଂଖ୍ୟାରେ ପ୍ରକାଶ ପାଉଛି । ପୁସ୍ତକ ପ୍ରତି ଆଦର ଯେ ଦିନକୁ ଦିନ ବଢ଼ି ଚାଲିଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ପ୍ରତ୍ୟେକ ପାଠକ ବା ଲେଖକ ଏତେ ସଂଖ୍ୟାରେ ପୁସ୍ତକ ରଖିବାକୁ ଘରେ ସ୍ଥାନ ବା କାହିଁ ? ଜଣେ ଗ୍ରନ୍ଥାଗାରିକ ବା ଲାଇବ୍ରେରୀଆନ ଅତ୍ୟାଧୁନିକ ପଦ୍ଧତିରେ ଗ୍ରନ୍ଥଗୁଡ଼ିକ ସଜାଡ଼ି ରଖିବ ଓ ଗ୍ରନ୍ଥଗୁଡ଼ିକର ଆବଶ୍ୟକତା ଅନୁସାରେ କାଢ଼ି ଯୋଗାଇ ଦେବ । ତେବେ ଘରେ ଘରେ କ'ଣ ଲାଇବ୍ରେରିଆନମାନଙ୍କୁ ନିଯୁକ୍ତି ଦେଇ ରଖି ପାରିବା ଆମେ ?

ଜଣେ ସାଧାରଣ ଲୋକ କ୍ଷେତ୍ରରେ ଏହା ଅସମ୍ଭବ ବୋଲି ମନେ ହୁଏ । ଅନେକ ପୁରୁଷ ବା ମହିଳା ଘରେ ଗଦା ଗଦା ବହି ରଖିଥିଲେ ମଧ୍ୟ ଖୋଜିଲା ବେଳକୁ ମିଳେ ନାହିଁ ।

ଭାରତରେ କୋଲକାତାଠାରେ ଯେଉଁ ଏକମାତ୍ର ଜାତୀୟ ଗ୍ରନ୍ଥାଗାର ବା ଲାଇବ୍ରେରୀ ରହିଛି, ସେଠି ପ୍ରଚୁର ସଂଖ୍ୟାରେ ବହି ଥିଲେ ମଧ୍ୟ ପ୍ରତିଦିନ ବହି ପାଇଁ କାମ ଚାଲିଛି ଦ୍ରୁତ ଗତିରେ ।

ଅନେକ ଉପାଦେୟ ପୁସ୍ତକ ମୂଷା ଓ ଉଇଙ୍କ ଦାଉରୁ ନଷ୍ଟ ହୋଇଯାଉଛି । ତାହାର ପ୍ରତିକାର ଜନସାଧାରଣ ଓ ସରକାର ସରଳ ଉପାୟରେ କିପରି କରିବେ ସେଥିପାଇଁ ସରକାର ଧ୍ୟାନ ଦେବା ଆବଶ୍ୟକ । ନହେଲେ ଅନେକ ଉପାଦେୟ ଗ୍ରନ୍ଥ ଘର ଭିତରେ ଥାଇ ନଷ୍ଟ ହୋଇଯିବ ।

## ଈଶ୍ୱର ପ୍ରାପ୍ତି

**ଯେଉଁ ହୃଦୟର ପ୍ରତିଟି ସ୍ପନ୍ଦନ ଈଶ୍ୱରଙ୍କ ନାମରେ ସ୍ପନ୍ଦିତ, ପ୍ରତିଟି ପଲକରେ ଈଶ୍ୱରଙ୍କ ପ୍ରତିଛବି ପ୍ରସ୍ଫୁଟିତ, ପ୍ରତିଟି ନିଃଶ୍ୱାସରେ ଈଶ୍ୱରଙ୍କ ସ୍ଥିତି ଅନୁଭୂତ, ସେ ଈଶ୍ୱରପ୍ରାପ୍ତି ପାଇଁ ଶ୍ରେଷ୍ଠ ବିବେଚିତ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସଂସ୍କାର ପଥରେ ଜି.ଏସ୍.ଟି



**ରୁଚିର କୁମାର ପାଣିଗ୍ରାହୀ**

ଭାରତବର୍ଷର ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦିଲ୍ଲୀର ଲାଲ୍‌କିଲ୍ଲାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳି ଉପଲକ୍ଷେ ଜି.ଏସ୍.ଟି.ର ଭେଟି ଦେବାଲାଗି ଘୋଷଣା କରି ଆମମାନଙ୍କର ଉତ୍କଣ୍ଠା ବଢ଼ାଇ ଦେଇଥିଲେ । ବିଗତ ୮ବର୍ଷ ହେଲା ଦେଶରେ ଜି.ଏସ୍.ଟି. ପ୍ରଚଳିତ ହେଲାଣି । ଟିକସ ସଂଗ୍ରହରେ ଆଶାନୁପାତିକ ଅଭିବୃଦ୍ଧି ଆସିପାରିଛି । ଦେଶର ବିତ୍ତୀୟ ନିଅଣ୍ଟରେ ସୁଧାର ଏବଂ ଅର୍ଥବ୍ୟବସ୍ଥାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେଉଛି । ଆର୍ଥିକ ବର୍ଷ ୨୦୨୪-୨୫ରେ ଜି.ଏସ୍.ଟି. ସଂଗ୍ରହ ୨୨.୮ଲକ୍ଷ କୋଟି ଥିବାବେଳେ ପାଞ୍ଚବର୍ଷ ପୂର୍ବରୁ ୨୦୨୧-୨୨ ବର୍ଷରେ ୧୧.୩୭ଲକ୍ଷ କୋଟି ଥିଲା, ଯାହାକି ପ୍ରାୟ ୩ ଗୁଣା କମ୍ ଅଟେ । ଆର୍ଥିକ ବର୍ଷ ୨୦୧୭ରେ ଯେତେବେଳେ ଜି.ଏସ୍.ଟି. ଆଇନ୍ ପ୍ରଚଳନ କରାଗଲା ଟିକସଦାତାଙ୍କର ସଂଖ୍ୟା ୬୫ଲକ୍ଷ ଥିଲାବେଳେ ଏବେ ୧.୫୧ କୋଟିରୁ ଉର୍ଦ୍ଧ୍ୱ ଅଟନ୍ତି । ତେବେ ଦେଶରେ ଜି.ଏସ୍.ଟି. ଆଇନ୍ ଫଳପ୍ରଦ ମନେ ହେଉଥିଲେ ମଧ୍ୟ ସେଥିରେ ଅନେକ ସମସ୍ୟା ଓ ପ୍ରତିବନ୍ଧକ ଦେଖାଯାଉଛି, ଯାହାଫଳରେ ହିତାଧିକାରୀମାନେ ସୁଫଳ ପାଇପାରୁନାହାନ୍ତି । ତେଣୁ ଜି.ଏସ୍.ଟି. ପାଇଁ ବିଭିନ୍ନ ସଂସ୍କାର ପ୍ରସ୍ତାବମାନ କେନ୍ଦ୍ର ତରଫରୁ ସମସ୍ତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ପାଖକୁ ପଠାଯାଇଛି । ସେମାନେ ଜି.ଏସ୍.ଟି. ପରିଷଦର ସଦସ୍ୟ ଥିବା ଯୋଗୁଁ ସେଗୁଡିକୁ ଅଧ୍ୟୟନ କରିବେ ଏବଂ ଆଗାମୀ ୫୬ତମ ବୈଠକ ସେପ୍ଟେମ୍ବର ମାସରେ ହେଲେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ଏବଂ ମନ୍ତ୍ରିମାନଙ୍କର ପ୍ରସ୍ତାବ ଗ୍ରହଣ କରାଯିବ ।

ବର୍ତ୍ତମାନ ଜି.ଏସ୍.ଟି.ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ଭଳି ୫ଗୋଟି ହାର ପ୍ରଚଳିତ ଅଛି । ଏହାକୁ ସରଳ ଓ ଲୋକାଭିମୁଖୀ କରିବା ପାଇଁ ଏଥିରେ ସଂସ୍କାର ଆଣି ୨ଗୋଟି ହାରରେ ସୀମିତ ରଖିବା ପାଇଁ ପ୍ରସ୍ତାବ ଅଛି । ସମ୍ଭବତଃ ୫ ପ୍ରତିଶତ ଓ ୧୮ ପ୍ରତିଶତ ହାର ଚୁଡାନ୍ତ ହୋଇପାରେ । ଏହି ଦୁଇ ହାର ବ୍ୟତୀତ ଯେଉଁ ୧୨ ଓ ୨୮ ପ୍ରତିଶତ ଅଛି ତା'ର ପରିବର୍ତ୍ତନ ଜରୁରୀ ଅଟେ । ହୁଏତ ୧୨ ପ୍ରତିଶତ ହାରକୁ ୫ ପ୍ରତିଶତରେ ମିଶାଇ ଦିଆଯିବ । ଅର୍ଥାତ୍ ଏଥିରେ ଥିବା ସମସ୍ତ ସାମଗ୍ରୀର ଟିକସ ଉପାଦାନକୁ ୫ ପ୍ରତିଶତରେ ମିଶାଇ ଦିଆଯିବ । ସେହିଭଳି ୨୮ ପ୍ରତିଶତ ହାରରେ ଥିବା ଦ୍ରବ୍ୟ ଓ ସେବାକୁ ୧୮ ପ୍ରତିଶତରେ ମିଶାଇ ଦିଆଯାଇ ପାରେ । ୧୨ ପ୍ରତିଶତ ହାରରେ ଥିବା ଫଳ, ଜୁସ୍ ଓ ଶୁଖିଲା ଫଳ ଇତ୍ୟାଦି ପ୍ରାୟ ୯୯ ପ୍ରତିଶତ ଦ୍ରବ୍ୟ ୫ ପ୍ରତିଶତ ହାରକୁ ଫେରିଲା ଫଳରେ ୭ ପ୍ରତିଶତ ଶସ୍ତା ହେବ । ପୁଣି ୨୮ ପ୍ରତିଶତ ହାରରେ ଥିବା ସିମେଣ୍ଟ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଟିଭି, ଫ୍ରିଜ୍ ଓ ୱାଶିଂ ମେସିନ୍ ଭଳି ୯୦ ପ୍ରତିଶତ ଦ୍ରବ୍ୟକୁ ୧୮ ପ୍ରତିଶତ ହାରରେ ମିଶାଇବା ଫଳରେ ୧୦ ପ୍ରତିଶତ ଶସ୍ତା ହେବ । ଆମେ କହିପାରିବା ଯେ ସାଧାରଣ ନିମ୍ନ ବା ମଧ୍ୟ ଆୟବର୍ଗର ଲୋକମାନେ ବ୍ୟବହାର କରୁଥିବା ସାମଗ୍ରୀଗୁଡିକର ଟିକସ କମିବା ଯୋଗୁଁ ଶସ୍ତା ହେବ ଏବଂ ସେମାନେ ଉପକୃତ ହେବେ । ବିଳାସପୂର୍ଣ୍ଣ ଓ ସ୍ୱାସ୍ଥ୍ୟପକ୍ଷେ ହାନିକାରକ ତମାଖୁ ସାମଗ୍ରୀକୁ ୪୦ ପ୍ରତିଶତ ହାରରେ ଟିକସର ସମ୍ଭାବନା ଥିବାରୁ ଏକ ନୂତନ ହାରର ଆବିର୍ଭାବ ହେବ ।

ଜିଏସ୍‌ଟି ଆଇନ୍‌ର ଜଟିଳତା ଦୃଷ୍ଟିରୁ ସଂସ୍କାରର ଆବଶ୍ୟକତା ପଡୁଛି । ଆଇନ୍‌ରେ ରହିଥିବା ନିୟମଗୁଡିକ ବୋଧଗମ୍ୟ ଏବଂ ତ୍ରୁଟିଶୂନ୍ୟ ହେଲେ ହିତାଧିକାରୀମାନେ ଉପକୃତ ହେବେ । ତେବେ ସଂସ୍କାର ଆଣିବା ପାଇଁ ମୁଖ୍ୟତଃ ତିନିଗୋଟି ଦିଗକୁ ବିଚାର କରାଯାଇପାରେ । ପ୍ରଥମତଃ ଇନ୍‌ପୁଟ୍ ଓ ଆଉଟ୍‌ପୁଟ୍ ସୂତ୍ର ଜିଏସ୍‌ଟିର ଅସଲ ଚରିତ୍ର ହୋଇଥିବାରୁ, ଏହାର ସରଳୀକରଣ ଆବଶ୍ୟକ ଅଟେ, ଯେପରିକି ଏହି ଦୁଇ ତତ୍ତ୍ୱ ମଧ୍ୟରେ ସନ୍ତୁଳନ ରହିପାରିବ । ଏହା ଏମିତି ହେବ, ଯେମିତି ବ୍ୟବସାୟୀମାନେ ଇନ୍‌ପୁଟ୍ ଦାବି କମ୍ କରିବେ, ଫଳରେ ସରକାର ଅଧିକ ରାଜସ୍ୱ ପାଇବେ ।

ପ୍ରକାଶ ଥାଉକି ପଞ୍ଜିକୃତ ବ୍ୟବସାୟୀମାନେ ଜିଏସ୍‌ଟି ଆଇନ୍‌ରେ ଦ୍ରବ୍ୟ ଓ ସେବା କ୍ରୟ କରୁଥିବାବେଳେ ଦେଉଥିବା ଟିକସକୁ ବିକ୍ରୟ ବେଳେ ଆଦାୟ କରୁଥିବା ଟିକସରୁ ବାଦ୍ ଦେଲାପରେ, ଟିକସ ପ୍ରଦାନ କରିଥାନ୍ତି । ନଚେତ୍ ବିପରୀତ ପରିସ୍ଥିତିରେ ଇନ୍‌ପୁଟ୍ ଟିକସ ସରକାରଙ୍କର ଉପରେ ରହିଥାଏ । ତେବେ ଏହି ଇନ୍‌ପୁଟ୍ ସୁବିଧା ପାଇଁ ବ୍ୟବସାୟୀମାନେ ଲାଭବାନ୍ ହୋଇ ଉପକୃତ ହୋଇଥାନ୍ତି । ଯେହେତୁ ଜିଏସ୍‌ଟିର ମୂଳ ଲକ୍ଷ୍ୟ ଟିକସ ଉପରେ ଟିକସ ନୁହେଁ, ଦ୍ୱୈତ ଟିକସକୁ ଗ୍ରହଣ କରାଯାଇନାହିଁ । ଦ୍ୱିତୀୟତଃ ଜିଏସ୍‌ଟି ହାର ୨ଗୋଟି ମଧ୍ୟରେ ସୀମିତ ଯଥା ୧୨ ପ୍ରତିଶତ ଓ ୨୮ ପ୍ରତିଶତକୁ ବାଦ୍ ଦେଇ ୫ ପ୍ରତିଶତ ଓ ୧୮ ପ୍ରତିଶତ ରହିଲେ ଦୈନିକ ବ୍ୟବହାର ସାମଗ୍ରୀ ଯଥା- ଖାଦ୍ୟ ପଦାର୍ଥ, କପଡା, ଜୋତା, ମୋବାଇଲ୍ ଫୋନ୍, ଟିଭି ଓ ଫ୍ରିଜ୍ ଇତ୍ୟାଦି ଉପରେ ଟିକସ କମ୍ ରହିବ ଏବଂ ଦାମ୍ ମଧ୍ୟ କମିଯିବ । ଦ୍ରବ୍ୟ ଓ ସେବାଗୁଡିକର ଚାହିଦା ଅଧିକ ହେଲେ ବ୍ୟବସାୟୀମାନେ ଅଧିକ କାରବାର କରିବେ ଓ ଲାଭ ମଧ୍ୟ ପାଇବେ । ସରକାର ମଧ୍ୟ ଏଥିରୁ ଅଧିକ ଟିକସ ପାଇପାରିବେ । କେନ୍ଦ୍ର ସରକାର ଟିକସ ସଂସ୍କାର ପାଇଁ ସାଧାରଣ ଓ ଉତ୍କର୍ଷ ଭଳି ଦୁଇଟି ପ୍ରସ୍ତାବ ଦେଇଛନ୍ତି । ଅବଶ୍ୟ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ବିଶେଷ ଟିକସ ହାରର ପ୍ରଚଳନର ପ୍ରସ୍ତାବ ମଧ୍ୟ ଅଛି ।

ତୃତୀୟରେ କ୍ଷୁଦ୍ର ବ୍ୟବସାୟୀମାନେ ଜିଏସ୍‌ଟି ଆଇନ୍‌ରେ ଫଳପ୍ରଦ ଭୂମିକା ନିଭାଇ ପାରୁନଥିବାରୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯାନ୍ତ୍ରିକ ବିଜ୍ଞାନ ସରଳ କରାଯିବା ଆବଶ୍ୟକ ଅଟେ । ଜିଏସ୍‌ଟି ଆଇନ୍‌ରେ ଏବେ ମାନୁଆଲ୍‌ରେ କିଛି ନହୋଇ କେବଳ କମ୍ପ୍ୟୁଟର ମାଧ୍ୟମରେ କାମ କରିବାକୁ ପଡୁଥିବାରୁ ଏବଂ କ୍ଷୁଦ୍ର ବା ଏକକ ବ୍ୟବସାୟୀ ଏହି ଶିକ୍ଷାରୁ ବଞ୍ଚିତ ହୋଇଥିବାରୁ ଏବଂ ଜ୍ଞାନଥିବା ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଯୋଗୁଁ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି ଓ କ୍ଷତି ସହୁଛନ୍ତି । ବିଶେଷ ଭାବରେ ରିଟର୍ଣ୍ଣ ଭରିଲାବେଳେ ହଇରାଣ ହେଉଥିବାରୁ ଏଥିରେ ଅଧିକ ସରଳ କରି ପୂର୍ବ-ପୂରଣ ବ୍ୟବସ୍ଥା ଲାଗୁ ହେବ । ଏହି ପଦ୍ଧତିକୁ ତ୍ରୁଟିଶୂନ୍ୟ କରାଯିବା ସହିତ ଯଦି ଅଧିକ ଟିକସ ଗ୍ରହଣ କରାଯାଇଥାଏ, ତାକୁ ତୁରନ୍ତ ଫେରସ୍ତ ପାଇଁ ବ୍ୟବସ୍ଥା ମଧ୍ୟ ହେବ ।

ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ଓ ପଞ୍ଜୀକରଣରେ ସଂସ୍କାର ପଦକ୍ଷେପର ଆବଶ୍ୟକତା ଯୋଗୁଁ ସରକାର ମଧ୍ୟ ଚିନ୍ତିତ ଅଛନ୍ତି । ରିଟର୍ଣ୍ଣ ଦବାର ସମୟସୀମା ଧାର୍ଯ୍ୟ କରାଯାଇ ଅଛି । ନିର୍ଦ୍ଦିଷ୍ଟ ଦେୟ ତାରିଖର ୩ବର୍ଷ ପରେ ଆଉ ଭରିବାର ସୁଯୋଗ ଦିଆଯିବ ନାହିଁ । କେନ୍ଦ୍ରୀୟ ଦ୍ରବ୍ୟ ଓ ସେବାକର ଆଇନ୍ - ୨୦୧୭ ଅଧୀନରେ ଧାରା ୩୭, ୩୯, ୪୪ ଓ ୫୨ ଯେତେ ପ୍ରକାର ରିଟର୍ଣ୍ଣ ଅଛି ଯଥା ଜି.ଏସ୍.ଟି.ଆର-୦୧, ୩ଖ, ୪, ୫, ୫କ, ୬, ୭, ୮ ଏବଂ ୯, ସବୁ ଧାର୍ଯ୍ୟ ତାରିଖର ୩ବର୍ଷ ମଧ୍ୟରେ ଦାଖଲ କରିବାକୁ ହେବ । **ଜିଏସ୍‌ଟି ପଞ୍ଜୀକରଣର ବାର୍ଷିକ କାରବାର ସୀମା ୪୦ଲକ୍ଷ ଟଙ୍କା ସମସ୍ତ ରାଜ୍ୟ ପାଇଁ ଉଦ୍ଦିଷ୍ଟ ଥିବାବେଳେ ମେଘାଳୟ, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ, ତ୍ରିପୁରା, ନାଗାଲାଣ୍ଡ ଓ ଉତ୍ତରାଖଣ୍ଡ ରାଜ୍ୟଗୁଡିକ ପାଇଁ ୨୦ଲକ୍ଷ ଟଙ୍କା ଅଟେ । ଉକ୍ତ ସୀମା ଦ୍ରବ୍ୟ କାରବାର କ୍ଷେତ୍ରରେ ଥିବାବେଳେ ସେବା ପ୍ରଦାନ ପାଇଁ ସବୁ ରାଜ୍ୟର ୨୦ଲକ୍ଷ ଟଙ୍କା ଥିବାବେଳେ ଉପର ଲିଖିତ ସ୍ୱତନ୍ତ୍ର ରାଜ୍ୟମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ଅଟେ ।** ମନରେ ସ୍ୱତଃ ପ୍ରଶ୍ନ ଆସେ ଯେ ଯଦି ଏହି ବାର୍ଷିକ କାରବାର ନିର୍ଦ୍ଦିଷ୍ଟ ମୂଲ୍ୟ ଠାରୁ କମ୍ ହୁଏ, ପଞ୍ଜୀକରଣର ଆବଶ୍ୟକତା ଅଛି କି ନାହିଁ? କେତେକ ସ୍ୱତନ୍ତ୍ର ସୁବିଧା ପାଇଁ ସ୍ୱତଃ ପଞ୍ଜୀକରଣ କରିହେବ ।

ସେଗୁଡିକ ହେଲା ଆନ୍ତଃ ରାଜ୍ୟ ବିକ୍ରୟ, ସାମୟିକ ଟିକସ ପ୍ରଦାନ, ଇ-କମର୍ସ କାରବାର, ଟିଡିଏସ୍-ଟିସିଏସ୍ କଟୁଥିଲେ, ରିଭର୍ସ ଟିକସ ଦେୟ ଥିଲେ, ଇନପୁଟ୍ ଟିକସ ଦାବି ଯୋଗ୍ୟ ହୋଇଥିଲେ ଏବଂ ନିଜ ବ୍ୟବସାୟର ସୁନାମ ଅର୍ଜନ ପାଇଁ ।

ବିଶ୍ୱ ଅର୍ଥନୀତି କଡ ଲେଉଟାଉଥିବାବେଳେ, ଭାରତବର୍ଷ ଆର୍ଥିକ ସଂସ୍କାର ପାଇଁ ଉଦ୍ୟମରତ ବୋଲି ସମସ୍ତେ ଜାଣନ୍ତି । ପଞ୍ଚମ ବୃହତମ ଅର୍ଥନୀତିରୁ ବିଶ୍ୱର ତୃତୀୟ ସଂଖ୍ୟାକୁ ଆସିବାରେ ଆଉ ବେଶୀ ବିଳମ୍ବ ନହୋଇପାରେ । ଦେଶ ସ୍ୱାଧୀନତା ପାଇବାରେ ୭୯ବର୍ଷ ଅତିକ୍ରାନ୍ତ । ସ୍ୱାଧୀନ ହେବା ସମୟରେ ଆମର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଟିକସ ସଂଗ୍ରହ ପ୍ରଣାଳୀ ଅପେକ୍ଷା, ଏବେ ଆମେ ବେଶ୍ ଆଗରେ । ମୁଣ୍ଡପିଛା ଆୟର ବୃଦ୍ଧି, ଜାତୀୟ ଜିଡିପିରେ ଉନ୍ନତି, ବିଜ୍ଞାନ ଓ କାରିଗରୀ ଜ୍ଞାନ କୌଶଳରେ ଅଗ୍ରଗତି ସତ୍ତ୍ୱେ ଦେଶର ଅନେକ ସମସ୍ୟା ଯଥା ବେରୋଜଗାର, ଗରିବୀ, ସାମାଜିକ ଅସମାନତା ଓ ମେଧାଶକ୍ତିର ସୁବିନିଯୋଗ ନହେବା ଦେଶ ଅର୍ଥନୀତିରେ ପ୍ରତିବନ୍ଧକ ହେଉଛି । ଜାତୀୟ ଆୟର ପ୍ରମୁଖ ମାଧ୍ୟମ ଅଟେ ଟିକସ ସଂଗ୍ରହ । ଏହା ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ । ଟିକସ ନିୟମଗୁଡିକର କାର୍ଯ୍ୟକାରୀତା ଓ ଗ୍ରହଣୀୟତାକୁ ବାସ୍ତବ ଦୃଷ୍ଟିରୁ ବିଚାର କରିବାକୁ ହେବ । ଭାରତ ଏକ ସେବା ପ୍ରଦାନକାରୀ ଗଣତନ୍ତ୍ର ରାଷ୍ଟ୍ର ଅଟେ । କେବଳ ଟିକସ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ କର୍ତ୍ତବ୍ୟ ବୋଲି ନଭାବି, ଜନସାଧାରଣଙ୍କର ହିତରେ ଏହି ଅର୍ଥର ଉଚିତ୍ ବ୍ୟବହାର ହେବା ଆବଶ୍ୟକ ।

ଜି.ଏସ୍.ଟି ଏକ ପରୋକ୍ଷ ଟିକସ ସଂଗ୍ରହର ମାଧ୍ୟମ ଅଟେ । ଏହା ଲାଗୁ ହେବାର ୮ବର୍ଷ ପୁରି ୯ବର୍ଷ ଚାଲିଲା ଏବଂ ଏବେ ମଧ୍ୟ ବିଭିନ୍ନ ସମସ୍ୟା ଓ ଜଟିଳତା ପାଇଁ ପୂର୍ଣ୍ଣତା ହାସଲ କରିପାରିନାହିଁ । ଆୟକର ଓ ଅପରାଧିକ ଆଇନ୍ ଭଳି ଏହାକୁ ସଂଶୋଧନ କରି ଦ୍ୱିତୀୟ ସଂସ୍କରଣ ପାଇଁ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ଦିନ ଘୋଷଣା କରିଛନ୍ତି ।

ଏହିଠାରେ ପ୍ରକାଶଥାଉ କି ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ସରକାର ଗଢ଼ିବା ଏକ ନିରନ୍ତର ପ୍ରକ୍ରିୟା ଅଟେ । ଆଜିର ବିରୋଧୀ ଦଳ ଆସନ୍ତା କାଲିର ଶାସନ ଭାର ସମ୍ଭାଳୁଛନ୍ତି । ଦେଖାଯାଉଛି ସରକାର ବଦଳିଲେ ଟିକସ ଆଇନ୍ ବା ସଂସ୍କାର ମଧ୍ୟ ବଦଳୁଛି । ତେବେ ଯିଏ ବି ସରକାରରେ ଥାଉ, ଯାହା ପାଇଁ ଟିକସ ଆଇନ୍ ପ୍ରଣୟନ ହେଉଛି, ସେମାନଙ୍କର ଗ୍ରହଣୀୟତା, ଆଇନ୍ ପ୍ରଣୟନକାରୀଙ୍କର ଠିକ୍ କାର୍ଯ୍ୟକାରୀତା ସହ ରାଜ୍ୟ ବା ଦେଶର ଆର୍ଥିକ ପ୍ରଗତି ପ୍ରତି ସ୍ୱତନ୍ତ୍ର ଧ୍ୟାନ ରହିବା ଆବଶ୍ୟକ ଅଟେ । ମୁକ୍ତ ବା ଅନାବଶ୍ୟକ ଖର୍ଚ୍ଚକୁ ସର୍ବନିମ୍ନ ସ୍ତରକୁ କମାଇବା ଉଚିତ୍ ଏବଂ ଆଇନ୍‌କୁ ବାରମ୍ବାର ପରୀକ୍ଷା ନିରୀକ୍ଷା ନକରି, ଦେଶର ନାଗରିକମାନଙ୍କ ହିତରେ ଏହାର ପରିପୂର୍ଣ୍ଣତା ଆସିବା ବାଞ୍ଛନୀୟ ଅଟେ ।

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ-୯୪୩୭୩୩୪୦୦୮**

# ନଦୀ ପାଲଟିଛି ନର୍ଦ୍ଦମା



**ସତ୍ୟ ସୁନ୍ଦର ଭଞ୍ଜ**

ଓଡ଼ିଶାର ସବୁଠାରୁ ବଡ଼ ନଦୀ ମହାନଦୀ ସମେତ ଏହାର ଛୋଟ ବଡ଼ ୩୫ରୁ ଉର୍ଦ୍ଧ୍ୱ ଉପନଦୀଗୁଡ଼ିକ ବିଭିନ୍ନ କାରଣରୁ ପ୍ରଦୂଷିତ । ଏହା ସହିତ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀର ଧାର ଶୁଖି ଯାଉଥିବା ବେଳେ ଉପକୂଳ ଜିଲ୍ଲାମାନଙ୍କରେ ନଦୀଗୁଡ଼କର ଗମ୍ଭୀର ସ୍ଥିତି ରହିଛି । ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁଁ ଇତି ମଧ୍ୟରେ କିଛି ଚିରସ୍ରୋତା ନଦୀର ଧାର ସଙ୍କୁଚିତ ହୋଇଥିବା ବେଳେ କିଛି ପ୍ରାୟ ମୃତବତ୍ ମନେ ହେଉଛନ୍ତି ।

ଉପନଦୀଗୁଡ଼ିକ ମୌସୁମୀ ବର୍ଷା ପରେ ଆଉ ଧାର ଧରିନଥାଏ । ଅନେକ ଉପନଦୀ ନର୍ଦ୍ଦମାରେ ପରିଣତ ହେଉଥିବା ବେଳେ କିଛି ନଦୀ ଶିଳ୍ପ ଓ କଳାକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀକୁ ଯିବାଦ୍ୱାରା ନଦୀ ପ୍ରଦୂଷିତ ହେଉଛି । ଦିନ ଥିଲା ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବରୁ ଓଡ଼ିଶାର କାଳଜୟୀ ସାହିତ୍ୟକମାନେ ମହାନଦୀ, ନିଳାମ୍ବୁ ଚିଲିକା ଓ ଏହାର ଉପନଦୀମାନଙ୍କୁ ନେଇ ଅନେକ କାବ୍ୟକବିତା ରଚନା କରିଛନ୍ତି । ଏପରିକି ଅନେକ ପ୍ରେମ କବିତା ମଧ୍ୟ କବିମାନେ ରଚନା କରିଛନ୍ତି । ଏବେ ସମୟ ସହ ପରିସ୍ଥିତି ବଦଳି ଯାଇଛି । ବିଗତ ବର୍ଷମାନଙ୍କର ଉଛୁଳା ନଈ କିଛି ପଥ ଗଲା ପରେ ଶୁଖି ଯାଉଛି । ଏହା ବ୍ୟାପକ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ , ସହରୀକରଣର ଏକଚାଟିଆ ମନୋଭାବ ଓ ପ୍ରକୃତି ପ୍ରତି ଅବିଚାର ଦୃଷ୍ଟିରୁ ହେଉଥିବା ପରିବେଶବିତମାନଙ୍କର ମତ । ପ୍ରାୟ ନଦୀଗୁଡ଼ିକ ସେମାନଙ୍କ ଅସ୍ତିତ୍ୱ ହରାଉ ଥିବାବେଳେ ଅନେକ କାରଣ ଭିତରେ ବାଧକ ସାଜିଛି ଶିଳ୍ପ ସଂସ୍ଥା ଓ ମନୁଷ୍ୟକୃତ ସମସ୍ୟା । ଉପନଦୀଗୁଡ଼ିକୁ ଜବରଦଖଲ କରାଯାଉଥିବା ବେଳେ ଏହାର ଧାରକୁ ମୋଡ଼ି ଦିଆଯାଉଛି । ସମ୍ବଲପୁର ଜିଲ୍ଲା ଉପର ମୁଣ୍ଡରେ ହୀରାକୁଦ ଠାରେ ମହାନଦୀ ଉପରେ ବୃହତ୍ ନଦୀବନ୍ଧ ରହିଛି ।

ଏହି ବୃହତ ନଦୀବନ୍ଧର ମୁଖ୍ୟ ୩ ଉଦ୍ଦେଶ୍ୟ ରହିଥିଲା ମହାନଦୀର ଉଭୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ସହରକୁ ପାନୀୟ ଜଳ ଯୋଗାଣ, କୃଷି ଓ କୃଷକର ଅଭିବୃଦ୍ଧି ପାଇଁ ଜମିକୁ ପାଣି ଯୋଗାଣ ଓ ତଳ ମୁଣ୍ଡର ବନ୍ୟା ନିୟନ୍ତ୍ରଣ କରିବା । କିନ୍ତୁ ସମୟ କ୍ରମେ ଏହି ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇଛନ୍ତି ସରକାର । ପ୍ରଥମେ ଶିଳ୍ପ ଓ କଳକାରଖାନାକୁ ହୀରାକୁଦ ଓ ମହାନଦୀର ଜଳକୁ ଦିଆଯାଉଛି । ବିଡ଼ମ୍ବନା ଏହା ଯେ ସେହି କଳକାରଖାନା ମହାନଦୀ ଓ ହୀରାକୁଦର ଜଳ ପାଇଁ ନିଜକୁ ସମୃଦ୍ଧ କରି ତାର ବର୍ଯ୍ୟବସ୍ତୁ ମହାନଦୀ ଉପରେ ଛାଡ଼ି ପ୍ରଦୂଷିତ କରୁଛି । କଳକାରଖାନା ଓ ଶିଳ୍ପସଂସ୍ଥାର ଡ୍ରେନେଜ ପାଣି ଓ ଶିଳ୍ପସଂସ୍ଥାରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀ ଉପରେ ଛାଡ଼ି ଦିଆଯାଉଛି । ଫଳରେ ଅନେକ ମାଛ ସମେତ ବିଭିନ୍ନ ଜଳଚର ଜୀବଙ୍କ ଜୀବନ ଦୁର୍ବିସହ ହୋଇପଡୁଛି । ଏପରିକି ଚାଷ ଜମି ନଷ୍ଟ ହେଉଥିବା ବେଳେ ମାଟି ତାର ଉର୍ବରତା ହରାଉଛି । ବ୍ୟାପକ ମାତ୍ରାରେ କୃଷିକ୍ଷେତ୍ର ପ୍ରଭାବିତ ହେଉଥିବା କୃଷି ବୈଜ୍ଞାନିକମାନଙ୍କ ମତ ।

ଦିନ ଥିଲା ଓଡ଼ିଶାରେ ବୈତରଣୀକୁ ଗଙ୍ଗା ବୋଲି ବିବେଚନା କରାଯାଉଥିଲା । କିନ୍ତୁ ଏହି ବୈତରଣୀ ନଦୀରୁ ୧୧ ଗୋଟି ଶିଳ୍ପ ସେମାନଙ୍କ ଆବଶ୍ୟକତାଠାରୁ ଅଧିକ ପାଣି ନେଇଥାନ୍ତି । କିନ୍ତୁ ସେହି ଶିଳ୍ପ ସଂସ୍ଥାଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁ ସେହି ନଦୀ ଭିତରେ ଛାଡ଼ିଦେଇଥାନ୍ତି ସେମାନେ । **ଏସବୁ ସମସ୍ୟା ଓ ଏହାର ସମାଧାନ ପାଇଁ ୯ ଗୋଟି ଟ୍ରିବୁନାଲ ( ଆନ୍ତଃ ରାଜ୍ୟ ଜଳ ବିବାଦ) ଗଠିତ ହୋଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ଗୋଟିଏ ମଧ୍ୟ ନିଷ୍ପତ୍ତି ଆସିନାହିଁ ।** ବିଶେଷ କରି ମହାନଦୀ ଓ ଏହାର କିଛି ଉପନଦୀର ଉଭୟ ପାର୍ଶ୍ୱରେ ଗଢ଼ି ଉଠିଥିବା ଶିଳ୍ପ ଓ କଳକାରଖାନା ଯୋଗୁଁ ନଦୀଗୁଡ଼ିକ ନର୍ଦ୍ଦମାରେ ପରିଣତ ହୋଇଯାଇଛି ବୋଲି ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରୁଛନ୍ତି ।

ତଥ୍ୟ ଅନୁସାରେ ମହାନଦୀ ଛତିଶଗଡ଼ର ଧମତରୀ ଜିଲ୍ଲା ଫାରାସିଆ ଗ୍ରାମ ନିକଟରୁ ବାହାରି ବିଭିନ୍ନ ଜିଲ୍ଲା ଓ ସହର ଅତିକ୍ରମ କରି ପାରାଦୀପ ପର୍ଯ୍ୟନ୍ତ ଲମ୍ବିଯାଇ ହୁକିଟୋଲ ଠାରେ ବଙ୍ଗୋପସାଗରରେ ନିଜକୁ ଲୀନ କରିଛି ।

ମହାନଦୀ ଛତିଶଗଡ଼ ରାଜ୍ୟରେ ଉତ୍ପତ୍ତି ସ୍ଥଳ ହୋଇଥିଲେ ହେଁ ସେଠାରେ ୩୬୬ କି.ମି ପର୍ଯ୍ୟନ୍ତ ବହିଯାଇଥିବା ବେଳେ ଓଡ଼ିଶାରେ ୪୯୪ କିଲୋମିଟର ବହିଯାଇଛି । ମହାନଦୀର ଲମ୍ବ ହେଉଛି ୮୬୦ କିମି. । ଝାରସୁଗୁଡ଼ା ଜିଲ୍ଲା ସୁଖାସୋଡ଼ା ହେଉଛି ଓଡ଼ିଶାରେ ମହାନଦୀର ପ୍ରବେଶ ପଥ । ପରେ ମହାନଦୀକୁ ସମ୍ବଲପୁର ଜିଲ୍ଲା ହୀରାକୁଦ ଠାରେ ପୃଥିବୀର ସବୁଠାରୁ ବଡ଼ ନଦୀବନ୍ଧ ଭାବେ ମାଟିବନ୍ଧ କରାଯାଇ ପାଣିକୁ ଅଟକାଯାଇଛି । ଏହି ହୀରାକୁଦ ହେଉଛି ଜୈବ ବିବିଧତାରେ ଭରପୁର । ଲମ୍ବି ଯାଇଥିବା ମହାନଦୀ ସମ୍ବଲପୁର ଜିଲ୍ଲା ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼ , କଟକ , ଜଗତସିଂହପୁର ଦେଇ ବଙ୍ଗୋପସାଗରରେ ମିଶିଛି ।

ବୌଦ୍ଧ ଜିଲ୍ଲାରେ ପାରିକୁଦ ରହିଥିବା ବେଳେ ନୟାଗଡ଼ ଗଣିଆ ବ୍ଲକରେ ରହିଛି ଅନ୍ୟ ଏକ ପ୍ରମୁଖ ଜୈବ ବିବିଧତା ସାତକୋଶିଆ ଗଣ୍ଡ । କେନ୍ଦ୍ରାପଡ଼ା ଜିଲ୍ଲାରେ ରହିଛି ଭିତରକନିକା । ବିଭିନ୍ନ କାରଣ ଓ ମନୁଷ୍ୟକୃତ ଭାବେ ଅନେକ ଅବିଚାରରୁ ମୃତବତ ପାଲଟୁଥିବା ମହାନଦୀ ଓ ଏହାର ଉପନଦୀଗୁଡ଼ିକୁ ବଞ୍ଚାଇ ରଖିବା ଓ ତାର ଅସ୍ତିତ୍ୱକୁ ଫେରାଇ ଆଣିବା ପାଇଁ ସବୁ ବର୍ଗର ଲୋକଙ୍କର ସୁଚିନ୍ତିତ ପଦକ୍ଷେପ ନେବାର ସମୟ ଅବତୀର୍ଣ୍ଣ । ସରକାରକୁ ପ୍ରସ୍ତାବ ରହିବ ଯେ ହୀରାକୁଦର ତଳ ମୁଣ୍ଡରେ ବଡ଼ ବଡ଼ ଷ୍ଟୋରେଜ ୟୁନିଟ (ଜଳ ସଂରକ୍ଷଣ କେନ୍ଦ୍ର) ନିର୍ମାଣ ହୋଇ ପିଇବା ପାଣି ସମସ୍ୟାର ସମାଧାନ କରାଯାଇପାରିବ । ନଚେତ୍ ଆଗାମୀ ଦିନରେ ମହାନଦୀର ଉଭୟ କୂଳରେ ବସବାସ କରୁଥିବା ଲୋକେ ପିଇବା ପାଣି ଟିକକ ପାଇବେ ନାହିଁ ।

**ସମୟ ସହ-ସମ୍ପାଦକ**
**ମୋ-୯୪୩୭୧୫୦୬୩୨**

# ଅଶ୍ୱିନୀ କୁମାରଙ୍କ ପ୍ରସଙ୍ଗରେ

**ବୈଷ୍ଣବ ଚରଣ ଦାଶ**

ସନାତନ ସଂସ୍କୃତିରେ ତେତିଶି କୋଟି ଦେବାଦେବୀଙ୍କ ବିଷୟରେ ଉଲ୍ଲେଖ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଶ୍ୱିନୀକୁମାରଦ୍ୱୟ ଅନ୍ୟତମ । ଧର୍ମଗ୍ରନ୍ଥରେ ଦୁଇ ଦେବ ଭ୍ରାତା ଅଶ୍ୱିନୀ କୁମାରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି । ଅଶ୍ୱିନୀ ଦେବଙ୍କ ଠାରୁ ଉତ୍ପନ୍ନ ହେବାରୁ ଏହାଙ୍କ ନାମ ଅଶ୍ୱିନୀ କୁମାର ହୋଇଛି । ଆଉ କେତେକ ପୁରାଣରେ ଏହି ଦୁଇ ଭାଇଙ୍କୁ ସୂର୍ଯ୍ୟଙ୍କର ପୁତ୍ର ବୋଲି ମଧ୍ୟ କୁହାଯାଇଛି । ରାତ୍ରୀ ଓ ଦିବସ କାଳ ସହ ଦୁଇ ଅଶ୍ୱିନୀ କୁମାରଙ୍କ ସମ୍ବନ୍ଧ ରହିଥିବା ଋକ୍ ବେଦରେ ବର୍ଣ୍ଣିତ ରହିଛି । ଆହୁରି ମଧ୍ୟ ଋକ ବେଦରେ ଅଶ୍ୱିନୀ କୁମାରଙ୍କ ସ୍ତୁତି ଦେଖିବାକୁ ମିଳେ । ଏହି ଦୁଇ ଦେବତାଙ୍କୁ ମୂଳତଃ ଚିକିତ୍ସକ ଭାବେ ପୁରାଣରେ ବର୍ଣ୍ଣନା କରାଯାଇଛି । ଏମାନେ କୁମାରୀମାନଙ୍କୁ ପତି,ବୃଦ୍ଧମାନଙ୍କୁ ଯୌବନ ଓ ନେତ୍ରହୀନମାନଙ୍କୁ ନେତ୍ର ପ୍ରଦାନ କରିଥାନ୍ତି । ଆଉ କେତେକ ଶାସ୍ତ୍ରରେ ଏହି ଭାଇଦ୍ୱୟଙ୍କୁ ସ୍ୱର୍ଗ ଏବଂ ପୃଥିବୀ ବୋଲି କୁହାଯାଇଛି । ମହାଭାରତରେ ରହିଥିବା ବର୍ଣ୍ଣନା ଅନୁସାରେ କୁନ୍ତୀ ଋଷି ଦୁର୍ବାସାଙ୍କ ଠାରୁ ପୁତ୍ର ପ୍ରାପ୍ତି ନିମନ୍ତେ ମନ୍ତ୍ର ଲାଭ କରିଥିଲେ । କୁନ୍ତୀ ଏହି ମନ୍ତ୍ର ମାଦ୍ରୀଙ୍କୁ ମଧ୍ୟ କହିଥିଲେ । ମାଦ୍ରୀ ଅଶ୍ୱିନୀ କୁମାରଙ୍କୁ ସ୍ମରଣ କରି ଦୁଇ ପୁତ୍ର ଲାଭ କରିଥିଲେ । ଏହି ଦୁଇ ପୁତ୍ର ହେଲେ ନକୁଳ ଓ ସହଦେବ । ରାଜା ଶର୍ଯ୍ୟାତିଙ୍କ ପୁତ୍ରୀ ସୁକନ୍ୟାଙ୍କ ପତିବ୍ରତାରେ ପ୍ରସନ୍ନ ହୋଇ ମହର୍ଷି ଚ୍ୟବନଙ୍କୁ ଚିର ଯୌବନ ରହିବାର ଆଶୀର୍ବାଦ ଦେଇଥିଲେ । ଏହି ଦେବତା ଦ୍ୱୟ ମହର୍ଷି ଦଧୀଚିଙ୍କ ଠାରୁ ମଧୁ ବିଦ୍ୟା ଶିଖିବା ପାଇଁ ନିଜର ମସ୍ତକ କାଟି ଅଲଗା କରିଥିଲେ । ପୁଣି ସେଥିରେ ଘୋଡାର ମୁଣ୍ଡ ଲଗାଇ ବିଦ୍ୟା ଶିକ୍ଷା କରିଥିଲେ । ଅନ୍ୟ ଏକ ବର୍ଣ୍ଣନା ଅନୁସାରେ ମହାଭାରତରେ ମହର୍ଷି ଧୌମ୍ୟଙ୍କ ଦ୍ୱାରା ନିଜର ଶିଷ୍ୟ ଉପମନ୍ୟୁଙ୍କୁ ପରୀକ୍ଷା କରିବାକୁ ଯାଇ ଭିକ୍ଷା ବୃତ୍ତି ନକରିବାକୁ ଆଦେଶ ଦେଇଥିଲେ । ଉପମନ୍ୟୁ କ୍ଷୁଧାର୍ତ୍ତ ହୋଇ ଅରଖ ପତ୍ର ଖାଇବାରୁ ସେ ନେତ୍ରହୀନ ହୋଇଯାଇଥିଲେ । ପରେ ଅଶ୍ୱିନୀକୁମାରଦ୍ୱୟଙ୍କ ଆଶୀର୍ବାଦ ଓ ପ୍ରଦତ୍ତ ପଦାର୍ଥ ଭକ୍ଷଣ ଦ୍ୱାରା ତାଙ୍କର ଚକ୍ଷୁ ଦୁଇଟିକୁ ଫେରି ପାଇଥିଲେ । ଏହିପରି ଭାବରେ ଅଶ୍ୱିନୀକୁମାରଦ୍ୱୟ ଆହୁରି ଅନେକ ଲୋକଙ୍କ ଉପକାର କରିଥିବା ବିଭିନ୍ନ ପୁରାଣରେ ଦେଖିବାକୁ ମିଳେ । ଆମର ବୈଦିକ ଉପାସନାରେ ଗ୍ରହ ପୂଜାରେ ପଞ୍ଚ ଲୋକପାଳ ମଧ୍ୟରେ ଅଶ୍ୱିନୀ କୁମାରଙ୍କୁ ପୂଜା କରାଯାଏ । ଋକ୍ ବେଦ ଓ ବରାହ ପୁରାଣ ଅନୁସାରେ ଅଶ୍ୱିନୀ କୁମାର ଦ୍ୱୟ ଯାଆଁଳା ଦେବତା ଅଟନ୍ତି । ଅଶ୍ୱିନୀକୁମାରଦ୍ୱୟ ଆୟୁର୍ବେଦୀୟ ଔଷଧର ଦେବତା ଅଟନ୍ତି । ଅଶ୍ୱରୂପ ଧାରିଣୀ ସୂର୍ଯ୍ୟଙ୍କ ପତ୍ନୀ ସଂଜ୍ଞାଙ୍କ ଗର୍ଭରୁ ଜାତ ଯମଜ କୁମାର ଦ୍ୱୟ ହେଉଛନ୍ତି ଅଶ୍ୱିନୀକୁମାର । ତାହାଙ୍କୁ ସ୍ୱର୍ଗର ବୈଦ୍ୟ ବୋଲି ମଧ୍ୟ କୁହାଯାଏ । ସେମାନେ ରୂପରେ ବହୁତ ସୁନ୍ଦର ଏବଂ ଉତ୍ତମ ସ୍ୱଭାବର ଦେବ ବୋଲି ବର୍ଣ୍ଣନା କରାଯାଇଛି ।

**ବୀରଧନଞ୍ଜୟପୁର,ବୁଗୁଡ଼ା, ଗଞ୍ଜାମ**
**ମୋ-୯୭୭୬୫୩୪୯୩୦**

# ଆଗକୁ 'ଭୋଟ ଚୋରି' ଦେଶର ମୁଖ୍ୟ ପ୍ରସଙ୍ଗ ହେବ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସରେ ଆଗକୁ ବହୁ ସଂଖ୍ୟାରେ ବିଭିନ୍ନ ଦଳର ନେତା ଓ କର୍ମୀ ଯୋଗଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । କୈଳାଶ ମିଶ୍ର କଂଗ୍ରେସରେ ଯୋଗ ଦେବା ଅବସରରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଲେ, ଆମେ ସମସ୍ତଙ୍କୁ ଦଳରେ ସ୍ୱାଗତ କରୁଛୁ । ଯିଏ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ରାହୁଲ ଗାନ୍ଧୀଙ୍କ ରାଜନୈତିକ ଚିନ୍ତାଧାରାରେ ଅନୁପ୍ରାଣିତ, ସେମାନଙ୍କ ପାଇଁ କଂଗ୍ରେସ ଦଳର ଦ୍ୱାର ସବୁବେଳେ ଖୋଲା । ଯେତେ ଅଧିକ ସଂଖ୍ୟାରେ ଲୋକ ଯୋଗଦେବେ, ଦଳ ନିଶ୍ଚୟ ଶକ୍ତିଶାଳୀ ହେବ ।

ଆଜି ଭୋଟ ଚୋରି ପ୍ରସଙ୍ଗ ଦେଶର କୋଣ ଅନୁକୋଣରେ ଆଲୋଚନା ହେଉଛି । ଆଗକୁ ରାହୁଲ ଗାନ୍ଧୀ ଅଧିକ ବିସ୍ମୟଜନକ ତଥ୍ୟ ପ୍ରଦାନ କରି ଦେଶରେ ଆଲୋଡନ ସୃଷ୍ଟି କରିବାକୁ ଯାଉଛନ୍ତି । ଦେଶରେ ଭୋଟ ଚୋରି ପ୍ରସଙ୍ଗ ଏକ ମହା ଆନ୍ଦୋଳନର ରୂପ ନେବ ବୋଲି ଶ୍ରୀ ଦାସ କହିଥିଲେ । ଆସନ୍ତା ୨୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ଓଡିଶା ଗସ୍ତ ପ୍ରସଙ୍ଗରେ ଶ୍ରୀ ଦାସ କହିଥିଲେ, ତାଙ୍କ ଓଡିଶା ଗସ୍ତ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଓଡିଶାର ବିକାଶ କରିବା ଅଧିକ ଜରୁରି, ଯାହାପ୍ରତି ସେ ଓ ତାଙ୍କ ଦଳ ପୂରା ଆଖି ବୁଜିଦେଇଛନ୍ତି । ମଣିପୁର ପ୍ରସଙ୍ଗରେ ସେ କହିଥିଲେ ଯେ, ମଣିପୁର ଯେତେବେଳେ ଜଳୁଥିଲା, ନାରୀ, ଶିଶୁଙ୍କ ଉପରେ ଜଘନ୍ୟ ଅତ୍ୟାଚାର ହେଉଥିଲା, ହଜାର ହଜାର ଲୋକଙ୍କ ଉପରେ ଦମନଲୀଳା ଚାଲିଥିଲା ସେତେବେଳେ ମଣିପୁର ପରିଦର୍ଶନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମୟ ହେଲା ନାହିଁ ।ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ କଟା ଘାଆରେ ଚୂନ ଦେବା ସଦୃଶ ।ଏତେ କରୁଣ ଘଟଣା ଘଟିଗଲା, ସାରା ଦେଶ ବ୍ୟଥିତ ହେଲା, କିନ୍ତୁ ମଣିପୁରକୁ ନେଇ ତାଙ୍କ ତୁଣ୍ଡରୁ ସାନ୍ତ୍ୱନାମୂଳକ ପଦେ କଥା ମଧ୍ୟ ବାହାରି ନ ଥିଲା । ତାଙ୍କର ମଣିଷ ପଣିଆ ଉପରେ ସନ୍ଦେହ ଆସୁଛି । ମଣିପୁରକୁ ଯାଇ କିଛି ହଜାର କୋଟି ଘୋଷଣା କରିଦେଲେ ଲୋକଙ୍କ ଖଣ୍ଡିତ ହୃଦୟ କଣ ଆଉ ଯୋଡି ହେବ ? ପ୍ରଧାନମନ୍ତ୍ରୀ ନୂତନ ରେଳ ସଂଯୋଗ ସ୍ଥାପନ ଉଦଘାଟନ କରି ମିଛ ଶ୍ରେୟ ନେଉଛନ୍ତି ଯାହା ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମୟରେ ଆରମ୍ଭ ହୋଇଥିଲା ।

# ଯମୁନା ମାହେଶ୍ୱରୀ ମନ୍ଦିରରେ ପୁଅଜିଉଁନ୍ତିଆ ପାଳିତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମରେ ଥିବା ଡୁମାଳ ସମାଜର ଅଧିଷ୍ଠାତ୍ରୀ ଦେବୀ ରୂପେ ପ୍ରସିଦ୍ଧ ମାଁ ମାହେଶ୍ୱରୀଙ୍କ ପୀଠରେ ରବିବାର ଆଶ୍ୱିନ ଦ୍ୱିତୀୟା ପୁଅଜିଉଁନ୍ତିଆ ଠାରୁ ଷୋହଳ ଦିନାତ୍ମକ ପୂଜା ଆରମ୍ଭ ହୋଇଛି । ବିଭିନ୍ନ ରୀତିନୀତି ଅନୁସାରେ ୧୬ଦିନ ଧରି ମାଁଙ୍କ ବିଭିନ୍ନ ବେଶରେ ଏହି ପୂଜାର୍ଚ୍ଚନା ଅନୁଷ୍ଠିତ ହେବ । ଚଳିତ ବର୍ଷ ମନ୍ଦିର ପୂଜକ ରୂପେ ଦୁର୍ଯ୍ୟୋଧନ ପାଣିଗ୍ରାହୀ,ଦେହେରୀ ଶିବାନନ୍ଦ ମହାକୁରଙ୍କ ସହ ଜୟରାମ ଥନାପତି,ନିତ୍ୟାନନ୍ଦ ମହାକୁର,ବିଭୀଷଣ କର୍ମୀ,ମୁରଲୀ ମହାକୁର,ଭିକାରୀ ପାତ୍ର,ଲୋଚନ ମହାକୁର,ଡଗର ମହାକୁର,ଦେବେନ୍ଦ୍ର ପଧାନ,କୃଷ୍ଣଚନ୍ଦ୍ର ପାତ୍ର, ଗୁର୍ଜୁ ମହାକୁର,ଜେହେରୁ ମହାକୁର,ସୁଶୀଲ ମେର୍ଲି, ମହେଶ୍ୱର ମହାକୁର, ଦିଲ୍ଲୀପ କରନ ଓ ସୁରକାର ଚାଉଳିଆ ପ୍ରମୁଖଙ୍କ ସହ ଗ୍ରାମବାସୀ କାର୍ଯ୍ୟ ତୁଲାଉଛନ୍ତି



। ସେହିପରି ବ୍ଲକର ମୁରିବାହାଲ, ବାଗବାହାଲି, ଖରାଲି, ଚଣାବାହାଲ, ଦନ୍ଦରା,ଜାନିପଡା,ବାରବନ୍ଧ ଓ କୁମ୍ଭାରୀ ଆଦି ଗ୍ରାମରେ ଥିବା ମାହେଶ୍ୱରୀ ପୀଠ ଗୁଡିକରେ ମଧ୍ୟ ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ଜଣାପଡିଛି । ରବିବାର ବ୍ଲକ ଅଞ୍ଚଳର ସବୁଠି ମାଁମାନେ ନିର୍ଜଳା ଉପବାସ ରହି ନିଜ ପୁଅର ଶୁଭମନାସି ନିଷ୍ଠାର ସହ ଦ୍ୱିତୀବାହାନ ଓଷା ତଥା ପୁଅ ଜିଉଁନ୍ତିଆ ପାଳନ କରିଥିବା ଦେଖିବାକୁ ମିଳିଥିଲା ।

# ବାସନ ଦୋକାନ ଚୋରି, ରାତ୍ରୀକାଳୀନ ପାଟ୍ରୋଲିଂ ଦାବି

ନୂଆପଡ଼ା,(ସବ୍ୟୁ): ଶନିବାର ରାତିରେ ଲଖନା ଥାନା ଠାରୁ ୧ କିଲୋମିଟର ଦୂର ବର୍ଡ୍ଡି ମୁଣ୍ଡାପଲା ପଞ୍ଚାୟତ ଅନ୍ତର୍ଗତ ବଙ୍ଗାମୁଣ୍ଡା ଗ୍ରାମ ଲଖନା- ଛିନ୍ଦେକେଲା ମୁଖ୍ୟ ରାସ୍ତା ଉପରେ ବିଳମ୍ବିତ ରାତ୍ରୀରେ ଏକ ବାସନ ଦୋକାନରେ ଲକ୍ଷାଧିକ ଟଙ୍କାର ବାସନ ସାମଗ୍ରୀ ଚୋରି ହୋଇ ଯାଇଛି । ଖବର ନେବାରୁ ପ୍ରକାଶ ଯେ, ବଲ୍ଲଭ ସାହୁ ବଙ୍ଗାମୁଣ୍ଡା ନିବାସୀ ଲଖନା- ଛିନ୍ଦେକେଲା ମୁଖ୍ୟ ରାସ୍ତା ଉପରେ ଦୁଇ ଭାଇ ଦୋକାନ କରିଛନ୍ତି । ଜଣେ ବାସନ ଦୋକାନ ଓ ବଳବନ୍ତ ସାହୁ ମୋବାଇଲ୍ ଦୋକାନ । ରାତ୍ରୀରେ ବଲ୍ଲଭ ସାହୁଙ୍କ ବାସନ ଦୋକାନକୁ ପଛ ପଟୁ ସ୍କାଏ ଲାଇଟ ଭିତରୁ ପସି ଚୋରି କରିଛନ୍ତି । କଂସା ଖୁରି ୨୦ ଟି, କଂସା ଗଡୁ ୨୦ ଟି, କଂସା ଥାଳି ୩୦ ଟି, କଂସା ତାସନି ୨୦ ଟି, କଂସା ଗରିଆ ୨୫ ଟି, କୁକର ୨୦ ଟି ଓ ବାନାରସି କଡ଼େଇ ୧୫୦ ଟି ଏହା ବ୍ୟତୀତ ଆଉ ଅନ୍ୟାନ୍ୟ ଛୋଟ ମୋଟ ସାମଗ୍ରୀ ଚୋରି ହୋଇଛିଛ କିଛି ସାମଗ୍ରୀ କୁ ନେଇ ନ ପାରି ବାହାରେ ଛାଡ଼ି କି ଚୋରମାନେ ପଳାଇଛନ୍ତି ଛ ଏ ସମ୍ପର୍କ ରେ ଲଖନା ପୋଲିସ ଷ୍ଟେସନରେ ଏକ ଏଫଆଇଆର କେଶ ନମ୍ବର -୮୬, ୧୪ ସେପେଫମ୍ବର ୨୦୨୫ ଦାୟର ହୋଇଛି । ଏହା ପୂର୍ବରୁ ମଧ୍ୟ ଏକାଧିକ ଚୋରି ଅଞ୍ଚଳରେ ଦେଖା ଦେଇଛି । ଲଖନା ପୋଲିସ ଷ୍ଟେସନର କାର୍ଯ୍ୟକଳାପ ଉପରେ ଅଞ୍ଚଳବାସି ଅସନ୍ତୋଷ ପ୍ରକାଶ କରିଛନ୍ତି । ବେଆଇନ ଜୁଆ ଆଟ୍ଟା, ମଦ କୋଠି ସଟ୍ଟା, କୋରେକ୍ସ ଗଞ୍ଜେଇ ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁଁ ଲଖନା ଥାନା ଅଞ୍ଚଳରେ ଚୋରି ଡକାୟତି, ଅପରାଧ ବୃଦ୍ଧି ପାଉଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ଲଖନା ଓ କୁରୁମପୁରୀ ରାସ୍ତା ରେ ନିୟମିତ ପାଟ୍ରୋଲିଂ ହେଉଥିବା ବେଳେ ଲଖନାରୁ ବଙ୍ଗାମୁଣ୍ଡା - ମୁଣ୍ଡାପଲା ବାଣ୍ଡକିମହୁଲ , ଡେଡେଙ୍ଗା ରାସ୍ତା ରେ ଆଦୌ ପେଟ୍ରୋଲିଂ ହେଉ ନାହିଁ ବୋଲି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆସାମରେ ୬୫୦୦.....

କରିଛନ୍ତି । ଶ୍ରୀ ମୋଦୀ ମଙ୍ଗଳଦୋଇକୁ ଏପରି ଏକ ସ୍ଥାନ ଭାବରେ ବର୍ଣ୍ଣନା କରିଛନ୍ତି ଯେଉଁଠାରେ ସଂସ୍କୃତି, ଐତିହାସିକ ଗୌରବ ଏବଂ ଭବିଷ୍ୟତ ପାଇଁ ଆଶା ମିଳିତ ହୁଏ । ସେ କହିଛନ୍ତି ଯେ ଏହି ଅଞ୍ଚଳ ଆସାମର ପରିଚୟର ଏକ କେନ୍ଦ୍ରୀୟ ପ୍ରତୀକଛ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରେରଣା ଏବଂ ସାହସରେ ପରିପୂର୍ଣ୍ଣ ଏହି ଭୂମିର ଲୋକଙ୍କୁ ଭେଟିବା ଏବଂ ସେମାନଙ୍କ ସହିତ ଭାବ ବିନିମୟ କରିବାର ସୁଯୋଗ ପାଇ ସେ ନିଜକୁ ସୌଭାଗ୍ୟବାନ ମନେ ପକାଇଛନ୍ତି । ଶ୍ରୀ ମୋଦୀ ସ୍ମରଣ କରିଛନ୍ତି ଯେ କିଛି ଦିନ ପୂର୍ବରୁ ଦେଶ ଭାରତ ରନି ଏବଂ ପ୍ରଖ୍ୟାତ ଗାୟକ ଭୂପେନ ହଜାରିକାଙ୍କ ଜନ୍ମବାର୍ଷିକୀ ପାଳନ କରିଥିଲା । ସେ ସୂଚନା ଦେଇଛନ୍ତି ଯେ ଗତକାଲି ତାଙ୍କୁ ତାଙ୍କ ସମ୍ମାନରେ ଆୟୋଜିତ ଏକ ମହାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସାମର ଏହି ମହାନ ପୁତ୍ରମାନେ ଏବଂ ଆମର ପୂର୍ବପୁରୁଷମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ କେନ୍ଦ୍ର ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଆନ୍ତରିକତାର ସହିତ ଆଗକୁ ବଢ଼ାଉଛି ।

### ଦଶାହକର୍ମରେ .....

ରୁଦ୍ରଙ୍କ ବଡ଼ମାଙ୍କ ଦଶାହ କର୍ମ ପାଇଁ ପୁତୁରା ରୁଦ୍ର ମହାନଦୀକୁ ଯାଇଥିଲେ । ପୁତୁରା ବୁଡିଯାଉଥିବା ଦେଖି ବଡବାପା ସମ୍ପଦ ଉଦ୍ଧାର କରିବା ପାଇଁ ନଦୀକୁ ଡେଇଁ ପଡ଼ିଥିଲେ । ମାତ୍ର ପୁତୁରା ଉଦ୍ଧାର ହୋଇ ମୃତ୍ୟୁବରଣ କରିଥିବା ବେଳେ ଉଦ୍ଧାର କରିବାକୁ ଯାଇ ବଡବାପା ନିଖୋଜ ଅଛନ୍ତି । ଗୋଟିଏ ପରିବାରରେ ଏଭଳି ଘଟଣା ଘଟିଥିଲା ବେଳେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି ।

### ଚିନି-ଲୁଣ....

ଦୀର୍ଘକାଳୀନ ସୁସ୍ଥତାର ଚାବିକାଠି ହୋଇ ରହିଛି । କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ମାଣ୍ଡିଆ-ଆଧାରିତ ଖାଦ୍ୟଗୁଡ଼ିକୁ ପ୍ରଦର୍ଶନ, ନମୁନା ଏବଂ ବିକ୍ରୟ ପାଇଁ ଉପଲବ୍ଧ କରାଯାଇଥିଲା, ଯାହା ଏକ ସ୍ଥାୟୀ ଏବଂ ପୁଷ୍ଟିକର ଖାଦ୍ୟ ବିକଳ୍ପ ଭାବରେ ଏହାର ମୂଲ୍ୟକୁ ଅଙ୍କିତ କରିଥିଲା । ଏହି ପଦକ୍ଷେପ ସମସ୍ତଙ୍କ ପାଇଁ ପୁଷ୍ଟି - ଏକ ସୁସ୍ଥ ଭାରତ ଆଡ଼କୁ ଏକାଠି ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲା । ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ରେସିଡେଣ୍ଟସ୍ କ୍ଲବ୍ସର ପରାମର୍ଶଦାତା ଶୃତି କରମଲକର ଯୋଗ ଦେଇଥିଲେଛ ଏହି ଅବସରରେ ପ୍ରଫେସର-ଇନ୍-ଚାର୍ଜ (ସ୍ୱାସ୍ଥ୍ୟସେବା), ଡକଫର ସୀମା ବାହିନୀପତି, ଏନଏସଏସ ସଂଯୋଜକ ଡକଫର ଶିବୈୟା ବାଥୁଲା ଏବଂ ବରିଷ୍ଠ ଚିକିତ୍ସା ଅଧିକାରୀ ଡକଫର ମନସୁର ଅହମ୍ମଦ ଖାନ ଉପସ୍ଥିତ ଥିଲେ ।

### ହୋମଗାର୍ଡ....

ପଡ଼ିଆରେ ଗୃହରକ୍ଷୀ ପାଇଁ ଶାରୀରିକ ପରୀକ୍ଷା ଚାଲିଛି। ଏହି ପରୀକ୍ଷାରେ ସାମିଲ ହେବା ପାଇଁ ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଧୀନ ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ ଆସିଥିଲେ। ସେ ଦେଉଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସେଠାରୁ ସଙ୍ଗେ ସଙ୍ଗେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ଯୋଗୁଁ ଅପରାହ୍ନରେ ଚାଲିଥିବା ଇଣ୍ଟରଭ୍ୟୁକୁ ବନ୍ଦ କରାଯାଇଥିଲା, ଆସିଥିବା ଆଶାୟୀ ପରୀକ୍ଷାର୍ଥୀମାନେ ନିଜ ନିଜ ଘରକୁ ଫେରିଯାଇଥିଲେ ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଇଣ୍ଟରଭ୍ୟୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପୁଲିସ ବିଭାଗରେ ଚାକିରି ପାଇଁ ଶାରୀରିକ ପରୀକ୍ଷା ସମୟରେ ଆଜିର ଭଳି ଅଘଟଣ ଘଟିବା ନୂଆ କଥା ନୁହେଁ। ଏହି ଭଳି ଘଟଣା ପୂର୍ବରୁ ମଧ୍ୟ ଘଟିଛି। ପ୍ରାୟ ଦୁଇ ବର୍ଷ ପୂର୍ବରୁ ଛତ୍ରପୁରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ କନଷ୍ଟେବଲ ପରୀକ୍ଷା ସମୟରେ ଆଜି ଭଳି ଅଘଟଣ ଘଟିଥିଲା। ସେହି ସମୟରେ ଜଣେ କନେଷ୍ଟବଳଙ୍କର ମୃତ୍ୟୁ ଘଟିଥିଲା। ଅବିଭକ୍ତ ଗଞ୍ଜାମ ଜିଲ୍ଲାର ରାୟଗଡ଼ ବ୍ଲକ ନାରାୟଣପୁର ଗାଁର ଦୀପକ ଗଜପତିର ପାରଳାଖେମୁଣ୍ଡିର ରାଣୀପୀଠର ବେଟାଗୁଡ଼ାରେ ଆୟୋଜିତ ଗୃହରକ୍ଷୀ ପରୀକ୍ଷାରେ ଗତ ମେ' ୨୯ ତାରିଖରେ ଯୋଗ ଦେଇଥିଲେ। ଶାରୀରିକ ପରୀକ୍ଷା ବେଳେ ସେ ଦୌଡ଼ିବା ବେଳେ ସେ ଅସୁସ୍ଥ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁରସ୍ଥିତ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ପଡ଼ିଆରେ ସେହିଦିନ ରାଣୀପୀଠରୁ ପଦ୍ମପୁର ପର୍ଯ୍ୟନ୍ତ ୨ କିଲୋମିଟର ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଦୌଡ଼ ସମାପ୍ତ କରିବା ପରେ ସୁଲନ୍ତ ମିସାଲ ହଠାି ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି ତୁରନ୍ତ ପାରଳାଖେମୁଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ତରଭାର ସ୍ୱପ୍ନର ବସଷ୍ଟାଣ୍ଡ , ଜିଲ୍ଲାପାଳଙ୍କ ପ୍ରତିଶୃତି ପରେ ମଧ୍ୟ ଉଦଘାଟନ ହେଲାନି

ତରଭା, (ସବ୍ୟୁ): ତରଭାରେ ବସଷ୍ଟାଣ୍ଡ ଟିଏ ପାଇଁ ୧୯୯୨ ମସିହାରୁ ପ୍ରୟାସ ଜାରି ରହିଥିଲା । ତତ୍କାଳୀନ ଏନ ଏ ସି ଚେୟାରମ୍ୟାନଙ୍କ ପ୍ରଚେଷ୍ଟାରେ ନୂଆପଡ଼ା ଛକ ଠାରେ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହେଲା କିନ୍ତୁ ତାହା ଜମି ସମସ୍ୟା ଆଇନ ଜାଲରେ ଛନ୍ଦି ହୋଇ ଅଧାରେ ରହିଗଲା । ପରେ ପୁଣି ୨୦୧୬ ମସିହାରେ ପି ଡବ୍ଲୁ ଡି ତତ୍ତ୍ୱାବଧାନରେ ଏକ କୋଟି ୩୦ ଲକ୍ଷ ଟଙ୍କା ଅଟକଳରେ ଏକ ନୂତନ ବସଷ୍ଟାଣ୍ଡ ତିଆରି କାମ ଆରମ୍ଭ ହେଲା । ଏହି ବସଷ୍ଟାଣ୍ଡ ନିର୍ମାଣରେ ମଧ୍ୟ ବହୁ ବାଧାବିଘ୍ନ , ଜମି ବାଦବିବାଦ ଘଟି ପରିଶେଷରେ ୨୦୨୨ ରେ ନୂତନ ବସ ଷ୍ଟାଣ୍ଡ ନିର୍ମାଣ କାମ ସମ୍ପୂର୍ଣ୍ଣ ହେଲା । ହେଲେ ଆଜିଯାଏ ନୂତନ ବସ ଷ୍ଟାଣ୍ଡ ଉ୍‍"ାଟନ ହୋଇ ପାରିନାହିଁ । ତରଭା ସାମ୍ବାଦିକ ସଂଘ ଗତ ୨୮ ତାରିଖରେ ନୂତନ ବସଷ୍ଟାଣ୍ଡ ହସ୍ତାନ୍ତର ଓ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ପ୍ରକାଶ ଥାଉ କି ବସଷ୍ଟାଣ୍ଡ ପରିଦର୍ଶନ ସମୟରେ ଜିଲ୍ଲାପାଳ ଏବଂ ଠିକାଦାରଙ୍କ ପ୍ରତିନିଧି ଉପସ୍ଥିତ ଥିବା ସମୟରେ ଯାହା ଆଲୋଚନା ହୋଇଥିଲା ଜଣା ଯାଇଛି ଯେ ଠିକାଦାରଙ୍କ ବିଲ ବାବଦକୁ ଆହୁରି ୩୬ ଲକ୍ଷ ଟଙ୍କା ପାଇବା ବାକି ଅଛି ।

ବସ ଷ୍ଟାଣ୍ଡକୁ ନେଇ ଅଞ୍ଚଳ ବାସିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ଯାହାକି ଜନସାଧାରଣରେ ଆନ୍ଦୋଳନର ଦାନା ବାନ୍ଧୁଛି । ବସ ଷ୍ଟାଣ୍ଡ ନିର୍ମାଣକାରୀ ସଂସ୍ଥାର ଠିକାଦାର ନିର୍ମାଣ କାର୍ଯ୍ୟରେ ବାକି ଥିବା ୩୬ ଲକ୍ଷ ଟଙ୍କା ନ ପାଇବା ପର୍ଯ୍ୟନ୍ତ ବସ ଷ୍ଟାଣ୍ଡ ହସ୍ତାନ୍ତର କରିବି ନାହିଁ ବୋଲି ପ୍ରସ୍ତାବ ଦେଉଥିବା ଜଣାଯାଇଛି । ବାକିଆ ଟଙ୍କା ନ ମିଳିବା ଏବଂ ବସଷ୍ଟାଣ୍ଡ ହସ୍ତାନ୍ତର ନ ହେବା ବିଷୟକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ ନେଇ ସାଧାରଣରେ ଦାବି ହେଉଛି ।

# ଆସ ସ୍କୁଲ ଯିବା, ଶିକ୍ଷା ସହ ପିଲାଙ୍କୁ ଯୋଡିବା କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ଆସ ଆମେ ସ୍କୁଲ ଯିବା, ଶିକ୍ଷା ସହ ପିଲାଙ୍କୁ ଯୋଡିବା ସଚେତନତା ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଦୂରଦୃଷ୍ଟିପୂର୍ଣ୍ଣଜାତୀୟଶିକ୍ଷାନୀତିରମୂଳଉଦ୍ଦେଶ୍ୟହେଉଛିଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା। ସେହିପରି ସାକ୍ଷରତା ହ୍ରାସ ବୃଦ୍ଧି ପାଇଁ ଶିକ୍ଷା ମନ୍ତ୍ରଣାଳୟର




"ଉଲ୍ଲାସ-ନବଭାରତ'ରେ ନିରକ୍ଷର ଲୋକଙ୍କୁ ସାକ୍ଷର କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ପ୍ରଧାନ କହିଥିଲେ। ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରୁ ରାଲି ବାହାରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସମ୍ମାନ ସମାରୋହରେ ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ନିଟ୍ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଲିଜା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ରେହାନ କ୍ଷତ୍ରୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ପକ୍ଷରୁ କ୍ଷେତରାଜପୁର ଠାରେ ସ୍ୱଚ୍ଛତା ହିଁ ସେବା-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ରେଳମଣ୍ଡଳ କାର୍ଯ୍ୟାଳୟ ଠାରୁ ବଡବଜାର ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ନିଜର ପରିବେଶକୁ ସ୍ୱଚ୍ଛ, ସବୁଜ, ନିର୍ମଳ ଏବଂ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସେବାପକ୍ଷ ପାଳନର ଅବ୍ୟବହିତ ପୂର୍ବରୁ ଏହି କାର୍ଯ୍ୟ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମ୍ବଲପୁରକୁ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ। ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଥି ଜ୍ୟୋସ୍ନାରାଣୀ ବାରିକ, ସ୍ୱଚ୍ଛ ସୁପରଭାଇଜର ବିନିତା ସାହୁ, ଡିଆଇପି ରାଜେଶ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ରେହାନ ଖତ୍ରୀ, ଆଇଏଏସ୍ ପ୍ରୋବେସନାରୀ ଶୁଭ୍ରା ପଣ୍ଡା, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷଚନ୍ଦ୍ର ଚୌଧୁରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଶିକ୍ଷକ ସଂଘର ନୂଆଁଖାଇ ଭେଟଘାଟ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଆମପାଣି ଧାନ ମଣ୍ଡିରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ମାନେ ବୁଢ଼ାରଜା ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଧାନ ମଣ୍ଡିରେ ପହଞ୍ଚି ବୁଢ଼ାରଜାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ଲକ ଶିକ୍ଷକ ସଂଘ ପକ୍ଷରୁ କୋକସରା ବିଇଓ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ସ୍ୱାଗତ ଅଭିଭାଷଣ, ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପାଢ଼ୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରଓ୍ୱାଲ, ମୁଖ୍ୟ ବକ୍ତା ଭାବେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ବରିଷ୍ଠ ଶିକ୍ଷାବିତ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ସଂଘ ପକ୍ଷରୁ ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇକୁ ପରମ୍ପରା, ଭାଇଚାରାର ମହାମିଳନ ପର୍ବ ଭାବେ ପାଳନ କରିବା ସହ ଏହି ପର୍ବ ଆମ ପରମ୍ପରାକୁ ନୂତନ ଦିଗନ୍ତ ଦେଉଥିବା ନେଇ ମତ ପ୍ରକାଶ କରିଥିଲେ । ନୂଆଁଖାଇ ଭେଟଘାଟ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକର ୭୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହାସହ ୮ ଜଣ ଅବସର ପ୍ରାପ୍ତ ଶିକ୍ଷକ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ବର୍ଦ୍ଧିତ ଶିକ୍ଷକ ଏମ.ଏନ ପଦ୍ମଲୋଚନ ସାହୁକୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୂଆଁଖାଇ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବରିଷ୍ଠ ଶିକ୍ଷକ ଭାଗ୍ୟବନ ବାଗ, କ୍ଷୀରସିନ୍ଧୁ ବାଣୁଆ, ଶିକ୍ଷୟିତ୍ରୀ ଯଶୋଧାରା ବାଗ ମଞ୍ଚ ପରିଚାଳନା କରିଥିଲେ । ବ୍ଲକ ଶିକ୍ଷକ ସଂଘ ସଭାପତି ଚନ୍ଦ୍ରମୋହନ ପୁଝାରି, ସମ୍ପାଦକ ବେଣୁଧର ନାୟକ, ବରିଷ୍ଠ ଶିକ୍ଷକ ବୈକୁ= ଜାଲ, ଈଶ୍ୱରୀ ପ୍ରସାଦ ଅଗସ୍ତି, ରମାକାନ୍ତ ଗୌଡ଼, ବବ୍ରୁବାହାନ ବିଶି, ଭାଗ୍ୟବାନ ବାଗ, ରଂଜିତ ଖମାରି, କେଦାର ନାଥ ନାୟକ, ଗଗନ ବିହାରୀ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପୁରୋହିତ, ଜଗତଜିତା ନାୟକ, ନିବେଦିତା ପୃଷ୍ଟି, ରଶ୍ମିତା ରାଉତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ମୌଜା ଅନ୍ତପୁରା ଖାତା ନମ୍ବର- ୮୭ ପ୍ଲଟ୍ ନମ୍ବର-୧୯୦ ଏରିଆ ଏ-୧.୧୨ ଡିସିମିଲି ଜମି ଉପରେ ବାଦୀମାନେ ନିଷେଧାଜ୍ଞା ପ୍ରୟୋଗ କରିଛନ୍ତି । ଉକ୍ତ ଜମି ଉପରେ ଯଦି କୌଣସି ସର୍ବସାଧାରଣଙ୍କ ଆପତ୍ତି ଅଭିଯୋଗ ଥାଏ, ତେବେ ତା-୧୫.୧୦.୨୦୨୫ରିଖ ଦିବା ୧୦ଟା ୩୦ମିନିଟ ଘଟିକା ସମୟରେ ଶ୍ରୀ ହଜୁରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଆପତ୍ତି ଜଣାଇବେ । ନଚେତ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ ।

ଅଦ୍ୟ

ଆରମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କ ମୋହରଯୁକ୍ତେ ଜଣାଇ ଦିଆଗଲା ।

**ଶ୍ରୀଯୁକ୍ତ ସିଭିଲ ଜଜ୍**
**ଜଗତସିଂହପୁର**

# ଟିପିସିଡିଟିର ପ୍ରଶଂସନୀୟ ପ୍ରୟାସ : "ତାନ୍‌ଭି ଦି ଗ୍ରେଟ୍'ର ସ୍ୱତନ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର(ସବ୍ୟୁ): ଟାଟା ପାଓ୍ୱାର କମ୍ୟୁନିଟି ଡେଭେଲପ୍‌ମେଣ୍ଟ ଟ୍ରଷ୍ଟ (ଟିପିସିଡିଟି) ପକ୍ଷରୁ ଅନୁପମ ଖେର୍ ଷ୍ଟୁଡିଓ ସହଯୋଗରେ ଭୁବନେଶ୍ୱରର ଭବାନୀ ମଲ୍ ସ୍ଥିତ ଆଇନକ୍ସ ସିନେମାରେ ତାନ୍‌ଭି ଦି ଗ୍ରେଟ୍ ସିନେମାର ସ୍ୱତନ୍ତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଟାଟା ପାଓ୍ୱାର୍‌ର ପ୍ରମୁଖ ଅଭିଯାନ ପେ' ଅଟେନ୍‌ସନ୍‌ର ଅଂଶ ସ୍ୱରୂପ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଅଟିଜିମ୍‌ରେ ପୀଡ଼ିତ ବ୍ୟକ୍ତି ଏବଂ ବ୍ୟାପକ ନ୍ୟୁରୋଡାଇଭରସିଟି ଗୋଷ୍ଠୀଭିତରେ ସଚେତନତା, ବୁଝାମଣା ଓ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା । ଏହି ସ୍କ୍ରିନିଂ ଅବସରରେ ଟାଟା ପାଓ୍ୱାର୍ ଡିସ୍‌କମ୍‌ଗୁଡ଼ିକର ବରିଷ୍ଠ ଅଧିକାରୀ, ଟାଟା ପାଓ୍ୱାର କର୍ମଚାରୀ, ୨୯୫ ଜଣ ନ୍ୟୁରୋଡାଇଭରସିଟି ରେ ପୀଡ଼ିତ ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗ, ସେମାନଙ୍କ ଯନି ନେଉଥିବା ବ୍ୟକ୍ତି, ଅଭିଭାବକ, ସ୍ୱତନ୍ତ୍ରଶିକ୍ଷାଦାତା, ଏନ୍‌ଜିଓ ଓ ସହଯୋଗୀଙ୍କ ଏନ୍‌ଜିଓ ସହଯୋଗୀ, ସରକାରୀ ଅଧିକାରୀ ଏବଂ ନ୍ୟୁରୋଡାଇଭରସିଟିର ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଥିବା ମୋଟ ୪୪୦ ଜଣ ଅଂଶୀଦାର ଏକତ୍ରୀତ ହୋଇଥିଲେ ।ଏହି ସ୍କ୍ରିନିଂରେ ନ୍ୟୁରୋଡାଇଭରସିଟି ସମ୍ପ୍ରଦାୟଙ୍କୁ ସମର୍ଥନ ଦେବା ପାଇଁ ସମର୍ପିତ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ନେଇ ଗଠିତଏକ ବିସ୍ତୃତ ନେଟଓ୍ୱର୍କ ଏକତ୍ରିତ ହୋଇଥିଲେ । ଏଥିରେ ସେର ଫର ଅଟିଜମ ଥେରାପି, କାଉନସେଲିଂ ଆଣ୍ଡ ହେଲ୍ପ(କ୍ୟାଚ), ମ୍ୟାନେଜ ଅଟିଜମ ନାଓ (ଏମଏଏନ), ବ୍ରେଲ୍ ଲୁଇସ୍ ସ୍କୁଲ ଏବଂ ଲୟୋଲା ସ୍କୁଲର ଆଫର୍ମେଟିଭ୍ ଆକ୍ସନ୍‌ପ୍ରୋଗ୍ରାମର ଛାତ୍ରଛାତ୍ରୀମାନେ, ସେମାନଙ୍କ ଯନି ନେଉଥିବା ବ୍ୟକ୍ତି, ବିଶେଷ ଶିକ୍ଷକ ଏବଂ ସ୍ୱେଚ୍ଛାସେବୀମାନେଅଂଶଗ୍ରହଣ କରିଥିଲେ । ଅନେକ ଏନଜିଓ ସହଯୋଗୀ ସେମାନଙ୍କ ଦକ୍ଷତା ଏବଂ ସମ୍ବଳପ୍ରଦାନ କରିଥିଲେ । ଟାଟା ଗ୍ରୁପର ଆଇଏଚସିଏଲ ଏବଂ ଜାତିସଂଘ ଏଜେନ୍ସିମାନେ ମଧ୍ୟ ସେମାନଙ୍କ ସମର୍ଥନର ହାତବଢାଇଥିଲେ ଯାହା ଏକ ଅଧିକ ଅନ୍ତର୍ଭୁକ୍ତକରଣ ଏବଂ ବୁଝାମଣାପୂର୍ଣ୍ଣ ସମାଜ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତାକୁଦୃଢ଼ କରିଥିଲା ।ଏହି ଅବସରରେ ଟାଟା ପାଓ୍ୱାର୍‌ର



ସିଏଚ୍‌ଆର୍‌ଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ଶ୍ରୀ ହିମଳତିଓ୍ୱାରୀ କହିଛନ୍ତି ଯେ, ଅନ୍ତର୍ଭୁକ୍ତୀକରଣର ଅର୍ଥ ନୁହେଁ ଅଟିଜିମ୍ ପୀଡ଼ିତଙ୍କୁ ଅଲଗା ଧରଣର ବ୍ୟବହାର ଦେଖାଇବା,ବରଂ ସେମାନଙ୍କ ଭିତରେ ଥିବା ସ୍ୱତନ୍ତ୍ରତାର ଉତ୍ସବ ପାଳନ କରିବା । ତାନ୍‌ଭି ଦି ଗ୍ରେଟ୍ ଜରିଆରେ ଆମେଆଲୋଚନା ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛୁ ଯାହା କରୁଣା ଗଠନ କରିବା ସହ ଭିନ୍ନତାକୁ ଗ୍ରହଣ କରିବ । ଟାଟା ପାଓ୍ୱାରରେ ଆମେ ଅନ୍ତର୍ଭୁକ୍ତୀକରଣ ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧ ରହିଛୁ । ପେ ଅଟେନ୍‌ସନ୍ କାର୍ଯ୍ୟକ୍ରମ ଜରିଆରେ ଏହି ଅନ୍ତର ଦୂର କରିବାକୁ ଆମେ ପ୍ରତିବଦ୍ଧ ରହିଛୁ । ଆମେ କଳ୍ପନା କରିଥିବା ଦୁନିଆରେ ପ୍ରତିଟି ମଣିଷ ଗୁରୁତ୍ୱପୂର୍ଣ୍ଣ ।"କିମ୍ବଦନ୍ତୀ ଅଭିନେତା ଓ ନିର୍ଦ୍ଦେଶକ ଅନୁପମ ଖେର କହିଛନ୍ତି ଯେ, ଆମେ ସମସ୍ତେ କାହାଣୀରୁ ଗଢ଼ା ହୋଇଛୁ ।ତାହା ଆମକୁ ଆକାର ଦେଇଛି, ଅନୁପ୍ରାଣିତ କରିଛି ଏବଂ ପରସ୍ପର ସହ ଯୋଡ଼ିଛି । ଜଣେ କାହାଣୀକାର ଭାବେଆମର ଦାୟିତ୍ୱ ହେଉଛି ସେହି ବର୍ଣ୍ଣନା ଉପରେ ଆଲୋକପାତ କରିବା ଯାହା ଭଲଗୁଣ ଓ ଅନ୍ତର୍ଭୁକ୍ତୀକରଣକୁ ପାଳନକରୁଛି । ତାନ୍‌ଭି ଦି ଗ୍ରେଟ୍ ହେଉଛି ମୋ ପାଇଁ ଅତ୍ୟନ୍ତ ବ୍ୟକ୍ତିଗତ ଯାହା ମୋ ଝିଆରୀ ତାନ୍‌ଭି ଦ୍ୱାରା ଅନୁପ୍ରାଣିତ ଯିଏ ଅନେକ ନ୍ୟୁରୋଡାଇଭରସିଟି ପୀଡିତ ପିଲାମାନଙ୍କ ଭଳି ପ୍ରତିଭା ଓ ସମ୍ଭାବନାରେ ପରିପୂର୍ଣ୍ଣ । ଏହି କାହାଣୀକୁ ପ୍ରକୃତ ସଫଳତା ସେତେବେଳେ ମିଳିବ ଯେତେବେଳେ ଏହା ଦେଶର ହୃଦୟରେ ପହଂଚିବ । ଆମେ ଟାଟା ପାଓ୍ୱାର କମ୍ୟୁନିଟି ଡେଭେଲପ୍‌ମେଂଟ୍ ଟ୍ରଷ୍ଟ ସହ ସହଯୋଗିତା ସ୍ଥାପନ କରି ଗର୍ବିତ ଯାହାର ପେ ଅଟେନ୍‌ସନ୍ ଅଭିଯାନଅଟିଜିମ୍ ଓ ନ୍ୟୁରୋଡାଇଭରସିଟି ପାଇଁ ସଚେତନତା ଓ ସହାୟତା ସୃଷ୍ଟି କରୁଛି । "ତାନ୍‌ଭି ଦି ଗ୍ରେଟ୍' ହେଉଛି ଜଣେ ଯୁବ ନ୍ୟୁରୋଡାଇଭରସିଟିରେ ପୀଡ଼ିତ ଝିଅର ଶକ୍ତିଶାଳୀ କାହାଣୀ ଯିଏ ସାମାଜିକପ୍ରତିବନ୍ଧକଠାରୁ ଆଗକୁ ବଢ଼ି ନିଜ ସ୍ୱପ୍ନ ସାକାର କରିଥିଲେ । ଅଟିଜିମ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ ଆହ୍ୱାନ ଓ ଦୃଢ଼ତାକୁ ଏହିସିନେମା ବେଶ୍ ସମ୍ବେଦନଶୀଳ ଢଙ୍ଗରେ ତୋଳି ଧରିଛି ଯାହା ଅନ୍ତର୍ଭୁକ୍ତୀକରଣ, ଗ୍ରହଣୀୟତା ଓ ଦୃଢ଼ତା ଉପରେଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ କରିଛି ।ପେ ଅଟେନ୍‌ସନ କାର୍ଯ୍ୟକ୍ରମ ଜରିଆରେ ସାମାଜିକ ସମାନତା ପ୍ରତି ଟାଟା ପାଓ୍ୱାରର ରହିଥିବା ପ୍ରତିବଦ୍ଧତା ସହ ଏହିସିନେମାର ପ୍ରଦର୍ଶନ ସମନ୍ୱିତ ରହିଛି । ପେ ଅଟେନ୍‌ସନ୍ ମିସନ୍ ଅଧୀନରେ ତାନ୍‌ଭି ଦି ଗ୍ରେଟ୍‌କୁ ଟିପିସିଡିଟିର ସହାୟତା ସେହି ବିଶ୍ୱାସକୁ ଦର୍ଶାଉଛି ଯେସାମାଜିକ ବ୍ୟାଖ୍ୟାକୁ ବଦଳାଇବା ଏବଂ ଦୀର୍ଘକାଳୀନ ପରିବର୍ତ୍ତନ ସୃଷ୍ଟି କରିବାର ଶକ୍ତି କାହାଣୀରେ ରହିଛି ।ର୍

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar. Dtd 11.09.2025. I, Sridev Kant Kundu At- Chintamaniswar, Po- Budheswari, Ps- Laxmisagar, Bhubaneswar, Dist- Khurda, 751006 have change my name **Shridev Kundu** to **Sridev Kant Kundu**. Henceforth, I shall be known as **Sridev Kant Kundu** for all purpose.

**AFFIDAVIT**

By vertue of an affidavit sworn before the Executive Magistrate Bhubaneswar, Khordha on dt. 12.09.2025 I Chhakei Bagha, At- Gobardhanpur, Po.- Srirampur, P.S.- Dasapala, Dist- Nayagarh, 752084 do hereby solemnly affirm that I am the father of minor son Asha Bagha have changed the name of my son from Asha Bagha to Siba Bagha (new name). Henceforth, he will be known and Identified as Siba Bagha for all purposes.

**Chhakei Bagha**

N-165

**OFFICE OF THE PRINCIPAL**
**MALKANGIRI COLLEGE, MALKANGIRI**
**(N.A.A.C ACCREDIATED)**
**MALKANGIRI - 764048**
**Email :- pplmkgc@gmail.com STD: 06861, PHONE/FAX: 230207**

**Wilk in interview**

A walk-in-interview will be conducted for the Engagement of the GUEST FACULTIES on Contractual basis in the Department of Economic & English. Interested candidates having 55% marks in P.G. are required to attend the walk-in Interview in the Office of the Principal, Malkangiri College, Malkangiri on 21.09,2025 (Sunday) at 10.30 AM with all academic certificates in Original & Xerox copies. No TA/DA will be permissible to the candidates. The undersigned reserves the right to accept or reject any or all applications of the candidates without showing any reason thereof.

**Principal-Cum-Secretary**
**Malkangiri College, Malkangiri**

OIPR: 11065/11/0001/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୩୦ ସୁଦ୍ଧା କଂଗ୍ରେସର ଜିଲ୍ଲା ସଭାପତି ଘୋଷଣା : ଅକ୍ଟୋବର ୨ରୁ ରାଜ୍ୟରେ ବର୍ଷବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): କେହି ବଡ ନେତା, କେହି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ ଆମର। ଓଡିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଯଦି ରାହୁଲ ଗାନ୍ଧୀ ପଦଯାତ୍ରାରେ ସହସ୍ରାଧିକ ମାଇଲ ଚାଲୁଛନ୍ତି, ଆମେ କାହିଁକି ଚାଲି ନ ପାରିବା? ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ଆୟୋଜିତ ଏକ ସଭାରେ ଦଳର ନେତା ଓ କର୍ମୀଙ୍କ ଭିତରେ ଏହି ମର୍ମରେ ଉତ୍ସାହ ଭରିଛନ୍ତି ଏଆଇସିସି ସାଧାରଣ ସଂପାଦକ (ସଂଗଠନ) କେସି ବେଣୁଗୋପାଳ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୌରୋହିତ୍ୟରେ ପିସିସି କାର୍ଯ୍ୟକର୍ତ୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକଙ୍କୁ ସମ୍ବୋଧନ କରି ସେ କହିଛନ୍ତି। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡିଶାର ସମସ୍ତ




୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚନା ଦେଇଥିଲେ। ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସମସ୍ତ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ସେ କହିଥିଲେ ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ଦଳର ନେତା ଓ କର୍ମୀମାନେ ପରିଶ୍ରମ କଲେ ଉଭୟ ବିଜେପି - ବିଜେଡିକୁ ହରାଇବା ସମ୍ଭବ। ପ୍ରତି ତିନିମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତି ମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ। ଅକ୍ଟୋବର ମାସରେ କଂଗ୍ରେସ ସମସ୍ତ ବ୍ଲକରେ ପହଞ୍ଚିବ। ନଭେମ୍ବର - ଡିସେମ୍ବରରେ ଭୋଟ ଚୋରି ପ୍ରସଙ୍ଗକୁ ତୃଣମୂଳ ସ୍ତର ଯାଏଁ ପହଞ୍ଚାଇବା ସହ ବୁଥ କମିଟି ଗଠନ କାର୍ଯ୍ୟ ସାରିବାକୁ ସେ ଆହ୍ୱାନ ଦେଇଥିଲେ। ପି.ଏ.ସି ବୈଠକରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଅଧ୍ୟକ୍ଷତା କରିଥିଲେ। ପିସିସି ସଭାପତି ଶ୍ରୀ ଦାସ କହିଲେ, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗ ନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ରାଜନୈତିକ ବ୍ୟାପାର କମିଟି ବୈଠକରେ ମହମ୍ମଦ ମୁକିମ୍, ନଗେନ୍ଦ୍ର ନାଥ ପ୍ରଧାନ, ସୁଶୀଳା ତିରିୟା, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଅନେକ ପ୍ରସ୍ତାବ ରଖିଥିବା ବେଳେ ମିନାକ୍ଷୀ ବାହାନିପତି ଓ ରଞ୍ଜିତ ପାତ୍ର ଯଥାକ୍ରମେ ମହିଳା କଂଗେସ ଓ ଯୁବ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଧନ୍ୟବାଦ ଅର୍ପଣ କରିଥିଲେ।



ଗଙ୍ଗାଧର ମେହେର ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପୁଅ ଜୀଉଁତିଆ ପୂଜା ଅନୁଷ୍ଠିତ

# କିଟ୍ ରେ ପ୍ରଥମ କିଟ୍ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର, (ସବ୍ୟୁ): ପ୍ରଥମ କିଟ୍ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ନାଲସାର, ହାଇଦ୍ରାବାଦ ଦଳକୁ ବିଜୟୀ ଘୋଷଣା କରାଯିବା ସହ ୨ ଲକ୍ଷ ଟଙ୍କାର ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରଯାଇଥିଲା। ସେହିପରି ଶାସ୍ତ୍ରା ୟୁନିଭରସିଟି ପ୍ରଥମ ରନର୍ସ-ଅପ୍ ଭାବରେ ୧ ଲକ୍ଷ ଟଙ୍କା ଓ ମଣିପାଲ ଲ ସ୍କୁଲ ଦ୍ୱିତୀୟ ରନର୍ସ-ଅପ୍ ହୋଇ ୭୫ ହଜାର ଟଙ୍କାର ପୁରସ୍କାର ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ମୁମ୍ବାଇ ସରକାରୀ ଆଇନ ମହାବିଦ୍ୟାଳୟର ହିମାଂଶୁ ଶ୍ରୀବାସ୍ତବଙ୍କୁ ଶ୍ରେଷ୍ଠ ବକ୍ତା ପୁରସ୍କାର, ବାଂଲାଦେଶର ଆମେରିକାନ ଇଣ୍ଟରନ୍ୟାସନାଲ ୟୁନିଭରସିଟିର ମହମ୍ମଦ ଓୟସି ଉଜମାନଙ୍କୁ ଶ୍ରେଷ୍ଠ ଗବେଷକ ପୁରସ୍କାର ଓ ମହାରାଷ୍ଟ୍ର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ନାଗପୁରକୁ ଶ୍ରେଷ୍ଠ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଗ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୬ଟି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ୧୧ଟି ସରକାରୀ ଆଇନ ମହାବିଦ୍ୟାଳୟ, ୨୪ଟି ଘରୋଇ ଆଇନ ମହାବିଦ୍ୟାଳୟ ଓ ୨ଟି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମେତ ମୋଟ ୫୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ଏବଂ ନକଆଉଟ୍ ରାଉଣ୍ଡ ପରେ ଶ୍ରେଷ୍ଠ ଦଳଗୁଡ଼ିକ ଫାଇନାଲରେ ପ୍ରବେଶ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ଼ା ଉଦୀୟମାନ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବାରେ କିଟ ଲ ସ୍କୁଲର ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ଭାରତରେ ରିଅଲ୍‌ମି ୧୫ଟିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ ରିଅଲମି ୧୫ଟିର ଉନ୍ମୋଚନ କରାଯାଇଛି। ରିଅଲ୍‌ମି ୧୫ଟି ଏକ ୫୦ଏମ୍‌ପି ଫ୍ରଂଟ ଓ ୫୦ଏମ୍‌ପି ରିୟର ଏଆଇ କ୍ୟାମେରା ସେଟଅପ ଥିବା ସେଗ୍‌ମେଂଟର ଏକମାତ୍ର ସ୍ମାର୍ଟଫୋନ ଅଟେ। ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀ , ୪୦୦୦ ନିଟ୍ ୪ଆର କର୍ଭର୍ଟ+ ଆମୋଲେଡ, ମିଡିଆଟେକ ଡାଇମେନସିଟି ୬୪୦୦ ମ୍ୟାକ୍ସ ୫ଜି ପ୍ରୋସେସର, ଶିଳ୍ପ ଅଗ୍ରଣୀ ଆଇପି୬୬ /୬୮/୬୯ ୱାଟର ରେଜିଷ୍ଟାନ୍ସ ଓ ପ୍ରୋ-ଗ୍ରେଡ ଡୁଆଲ ଏଆଇ କ୍ୟାମେରା ଭଳି ଅତ୍ୟାଧୁନିକ ଫିଚର ସହିତ ରିଅଲମି ୧୫ଟି ନିଜ ସେଗ୍‌ମେଂଟରେ ନୂଆ ମାନଦଣ୍ଡ ସ୍ଥିର କରିଛି। ଏଥିରେ ନାନୋ-ସ୍କେଲ ମାଇକ୍ରୋକ୍ରିଷ୍ଟାଲ ଲାଇନ ଫିନିଶ ସହ ଏକ ଟେକ୍ସଚରଡ଼ ମ୍ୟାଟ ୪ଆର ଡିଜାଇନ ରହିଛି।

# "ହୃଦୟର ଯତ୍ନ ନେଇ ଦୀର୍ଘଜୀବି ହୁଅନ୍ତୁ " : ପ୍ରଫେସର ଡ଼ାକ୍ତର ଅକ୍ଷୟ ସାମଲ

ଭୁବନେଶ୍ୱର (ସବ୍ୟୁ): ହୃଦୟ ମନୁଷ୍ୟର ଅବିଚ୍ଛେଦ୍ୟ ଅଙ୍ଗ । ହୃ= ହରଣ କରିବା ଦ= ଦାନ କରିବା ୟ= ବୃତ୍ତା/ଚକ୍ରାକକ୍ଷର ରେ , ଯେଉଁ ପ୍ରତ୍ୟଙ୍ଗଟି ଦୂଷିତ ରକ୍ତ ଗ୍ରହଣ କରି ବିଶୁଦ୍ଧ ରକ୍ତକୁ ବୃତ୍ତା କାରରେ ଦାନ କରେ ତାହାହିଁ ହୃଦୟ । ଏକ ଚମତ୍କାର ଭାଷା ଗତ ପର୍ଯ୍ୟଲୋଚନ। । ଜନନୀ ଜଠରୁ ମଶାଣୀ ଯାଏ ଯିଏ କାମ କରୁଥାଏ, ଯାହାର ପ୍ରତ୍ୟେକ ସ୍ପନ୍ଦନ ହେଉଛି ଜୀବନର ତାଳ, ତାହାହିଁ ହୃତପିଣ୍ଡ। ଜୀବନର ପ୍ରତିଟି ସୋପାନ ସହ ତାଳଦେଇ ହୃଦରୋଗ ସଙ୍ଗଠିତ ହୋଇଥାଏ କ୍ଷ ବାଲ୍ୟ କାଳ ରେ ଜନମଃ ଗତ ହୃଦରୋଗ, ଯାହା ମା ପେଟରୁ ଥାଏ, ପୌଗଣ୍ଡରେ ରେଉମାଟିକ /ଅଣ୍ଟୁଗନ୍ଥିବାତ ଜନିତ ହୃଦରୋଗ ଯୌବନରେ ଉଚ୍ଚ ରକ୍ତ ଚାପ, ମାଂସ ପେଶି ଦୁର୍ବଳତା ଜନିତ ହୃଦରୋଗ , ବାର୍ଦ୍ଧକ୍ୟ ରେ ହାର୍ଟ ଆଟାକ୍ ବା କରୋ ନାରୀ ହାର୍ଟ ରୋଗ ଇତ୍ୟାଦି ଇତ୍ୟାଦି। ପୃଥିବୀରେ ଯେତେ ଲୋକ ମରନ୍ତି ତାର ଶତକଡା ୩୨ ଭାଗ ହୃଦ ଜନିତ ରୋଗରେ ପ୍ରାଣ ହରାନ୍ତି ।ଏହା ପୃଥିବୀର ଏକ ନମ୍ବର ମାରକ୍ ରୋଗ। ତା ପଛକୁ କର୍କଟ ଓ ତୃତୀୟରେ ବ୍ରେନ୍ ଷ୍ଟ୍ରୋକ। ପୃଥିବୀରେ ବର୍ଷକୁ ପ୍ରାୟ ଏକ କୋଟି ଅଶି ଲକ୍ଷ ଲୋକ ହୃଦ ରୋଗ ରେ ପ୍ରାଣ ହରାନ୍ତି । ଆଗରୁ ଆମ ଦେଶ ମଧୁ ମେହ ରୋଗର ରାଜଧାନୀ ଥିଲା, ଏବେ ଏହା ହୃଦ୍ ରୋଗର ରାଜଧାନୀ ହେବାକୁ ଯାଉଛି । ସବୁ ପ୍ରକାର ହୃଦରୋଗ ପଶ୍ଚାତ୍ ଦେଶ ତୁଳନାରେ ଦସ ବର୍ଷ ଆଗରୁ ଆରମ୍ଭ ହୋଇ ଥାଏ । ତା ମାନେ ଏ ଦେଶରେ ଯୁବ ଗୋଷ୍ଠି ଅନ୍ୟ ଦେଶ ଅପେକ୍ଷା ଅଧିକ ଆକ୍ରାନ୍ତ ହୁଅନ୍ତି ବୋଲି କହିଛନ୍ତି ପ୍ରଫେସର ଡ଼ାକ୍ତର ଅକ୍ଷୟ କୁମାର ସାମଲ, ହୃଦରୋଗ ବିଶେଷଜ୍ଞ, କୁଳପତି, ହାଇଟେକ୍ ଡ଼ିମଡ଼ି ବିଶ୍ୱବିଦ୍ୟାଳୟ, ସଭାପତି, ହୃଦ୍ ବିଜ୍ଞାନୀ ସଂଘ, ଓଡ଼ିଶା।



ସେ କହିଛନ୍ତି ଯେ, ଆମେ ଯଦି ରୋଗର କାରଣ ଖୋଜିବା ପୃଥିବୀର ସବୁ ଠାରୁ ବଡ ଗବେଷଣା " ଇଣ୍ଟର ହାର୍ଟ ସ୍ତଦି ',, ରୁ ପାଇବା ତାହା ଅନୁସାରେ ୧) ଅଧିକ ଚର୍ବି ର ପ୍ରାବଲ୍ୟ ୨) ଉଚ୍ଚ ରକ୍ତ ଚାପ୍ ୩)ମଧୁମେହ ୪) ଧୁମ୍ରପାନ ୫) ପ୍ରୁଥୁଳକାୟତା/ଓ ବେସିଟି ୬) ଶାରିରୀକ ଶ୍ରମ ର ଅଭାବ ୭) ଅତ୍ୟଧିକ ମଦ୍ୟପାନ ୮) ମାନସିକ ଚାପ ) । ଅବସାଦ ୯) ତଟକା ଫଳ ଓ ପରିବା ର ଅଭାବ। ଏ ସବୁ କାରଣ ଛଡା ଆଉ ଦୁଇଟି ନୂତନ କାରଣ ଯୋଡ଼ା ଯାଇପାରେ। ୧) କୋଭିଡ ୧୯ ରୋଗ ଓ ତାର ତାର ଜଟି ଳଟା ୨) ପରିବେଶ ପ୍ରଦୂଷଣ କ୍ଷ ଏହା ୨୦ ଭାଗ ହୃଦ ରୋଗର କାରଣ ବୋଲି କୁହାଯାଇଛି । ହୃଦ୍ ରୋଗ ହେଲେ ତତ୍ କ୍ଷଣାତ ଚିକିତ୍ସା ଜରୁରୀ । ପ୍ରଥମ ତିନି ରୁ ଛଅ ଘଣ୍ଟା ଗୋଲ୍ଡେନ ସମୟ ବୋଲି ବିବେଚନା କରାଯାଏ କ୍ଷ ଚିକିତ୍ସା କଲେ ହାର୍ଟ ବଞ୍ଚି ଯାଏ କେତେ ନୂଆ ଔଷଧ ଓ ଚିକିତ୍ସା ବାହାରିଲାଣି । ମାତ୍ର ପ୍ରତିରୋଧ ଚିକିତ୍ସା ଠାରୁ ବଡ । ପ୍ରତିରୋଧ ପାଇଁ ନିମ୍ନ ଉପଦେଶ ଗୁଡ଼ିକ ମାନିଲେ ରୋଗରୁ ରକ୍ଷା ପାଇବା କ୍ଷ ଇ) ଆଲ କୋହଲ୍/ ମଦ୍ୟପାନ ବର୍ଜନ ବା କମ୍ କରିବା ଈ) ବଡିର ଓଜନ କମ କରିବା ଉ) ସ୍ମୋକିନଗ / ଧୁମ୍ର ପାନ ବର୍ଜନ ଊ) ଖାଦ୍ୟ/ ସୁଷମ ଖାଦ୍ୟ, ଚର୍ବୀ କମ୍, ଫଳ, ପନିପରିବା, ଋ) ଏକ୍ସର ସାଇଜ, ଦୈନିକ ବ୍ୟାୟାମ ୩୦ ମିନିଟ (୫/୭ ଦିନ )ଋ) ମାନସିକ ଅବସାଦ ଦୂର, ଧ୍ୟାନ ଏ) ଗୁରୁ, ଭଗବାନ୍ ଆଶ୍ର। ବେଦ ରେ ଅଛି ,୧) ଆଚାର ୨) ବିଚାର (୩) ବ୍ୟବହାର (୪) ଆହାର (୫) ନିଦ୍ରା ଏ ସବୁ ଠିକ୍ ରହିଲେ ହୃଦ୍ ରୋଗକୁ ଜୟ କରି ହେବ କ୍ଷ ହୃଦ୍ ରୋଗ କମିଲେ ଜୀବନ ଦୀର୍ଘାୟୁ ହେବ ହିଁ ହେବ ।

# ବିଓଆଇ ଅଫିସର୍ସ ଆସୋସିଏସନ୍
# ଓଡିଶା ୟୁନିଟ୍‌ର ୪୪ ତମ ବାର୍ଷିକ ବୈଠକ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ରେଲ୍ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ




ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ ଓଡିଶା ୟୁନିଟ୍‌ର ସଭାପତି ସ୍ମୃତିରଞ୍ଜନ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମଳଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରା ରାଜ୍ୟରୁ ବହୁ ସଂଖ୍ୟକ ଅଧିକାରୀ ଓ ସଦସ୍ୟମାନେ ଏଥିରେ ଯୋଗଦେଇ ସେମାନଙ୍କର ଏକତା, ସଂହତି ଓ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଥିଲେ। କାର୍ଯ୍ୟକ୍ରମରେ ଫେଡେରେସନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ନିଲେଶ ପାୱାର, ସଭାପତି ଜି ନାଗେଶ୍ୱର, କାର୍ଯ୍ୟରତ ସଭାପତି ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ ସଞ୍ଜୟ ଦାସ, ଗଣେଶ ପାଣ୍ଡେ ଏବଂ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥବା ବିଭିନ୍ନ ପ୍ରକାରର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ ମତ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ବିକାଶ କ୍ରୀଷ୍ଣା, ମହାପ୍ରବନ୍ଧକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ, ଭୁବନେଶ୍ୱର, ବିଜୟ କୁମାର ମଲିକ, ଆଞ୍ଚଳିକ ପ୍ରବନ୍ଧକ, ଭୁବନେଶ୍ୱର ଅଞ୍ଚଳ ଏବଂ ଶ୍ରୀଜିତ୍ ଶଙ୍କର ବେହେରା, ଆଞ୍ଚଳିକ ପ୍ରବନ୍ଧକ, ସମ୍ବଲପୁର ଅଞ୍ଚଳ ପ୍ରମୁଖ ଯୋଗଦେଇ ରାଜ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫେଡେରେସନ୍‌ର ଲିଡରମାନେ ବର୍ଦ୍ଧିତ ଚାପ ଓ ଲକ୍ଷ୍ୟ ମଧ୍ୟରେ ଅଧିକାରୀମାନଙ୍କ ପାଇଁ ଉତ୍ତମ କାର୍ଯ୍ୟ-ଜୀବନ ସନ୍ତୁଳନ ବଜାୟ ରଖିବା, ଉପଯୁକ୍ତ ନୀତି ଓ ବ୍ୟବସ୍ଥା ମଧ୍ୟରେ ଏକ ଚାପମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଏବଂ ଆଧୁନିକ ଭିତ୍ତିଭୂମି ସହାୟତାରେ ଦକ୍ଷ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ସକ୍ଷମ କରାଇବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସାଂଗଠନିକ ଏକତାକୁ ସୁଦୃଢ଼ କରିବା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଭିବୃଦ୍ଧି ଓ ପ୍ରତିଷ୍ଠାରେ ଅର୍ଥପୂର୍ଣ୍ଣ ଯୋଗଦାନର ସାମୂହିକ ସଂକଳ୍ପ ସହିତ ୪୪ତମ ବାର୍ଷିକ ସାଧାରଣ ବୈଠକ ସମାପ୍ତ ହୋଇଥିଲା।

# ସୁପର ମିନି ମିନା ବଜାର ଉଦ୍‌ଘାଟିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରର ହାବେଳି ପଡିଆ ଠାରେ ପ୍ରଥମ କରି ସୁପର ମିନି ବଜାର ଉଦ୍‌ଘାଟିତ ହୋଇଯାଇଛି। ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ସ୍ଥାନୀୟ କାଉନ୍‌ସିଲର ସୁଶାନ୍ତ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ କମିଟିର ଟିକିନା ଦୋରା, ପରେଶ କର, ଲୁନା ହୋତା, ପ୍ରବୀଣ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ୧୪ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬ରୁ ରାତି



୧୦ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ମିନା ବଜାରରେ ଛୋଟ ପିଲାଙ୍କ ପାଇଁ ଖସଡ଼ା, ମିନି ଦୋଳି, ଘୋଡା ଦୋଳି, ଗାଡି ଦୋଳି ପ୍ରମୁଖ ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ହରେକ ମାଲ ସାମଗ୍ରୀ ୫ଟଙ୍କାରୁ ଆରମ୍ଭ କରି ୨୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବିଭିନ୍ନ ଘର କରଣା ସାମଗ୍ରୀ ଏବଂ ଖାଦ୍ୟ ଷ୍ଟଲ ରହିଛି। ପ୍ରଥମ ଦିନରୁ ଛୋଟ ପିଲାଙ୍କ ସମେତ ମହିଳା ମାନଙ୍କର ଭିଡ ଲାଗି ରହିଛି।

### ବେତନଟୀ ଜେଏମ୍ଏଫ୍‌ସି କୋର୍ଟରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ
# ବିଭିନ୍ନ କିସମର ୧୦୮ ମାମଲାର ଫଇସଲା

,ବେତନଟୀ,(ସବ୍ୟୁ) : ବେତନଟୀ ଜେଏମଏଫସି କୋର୍ଟରେ ଶନିବାର ଆୟୋଜିତ ରାଷ୍ଟ୍ରୀୟ ଲୋକଅଦାଲତରେ ବିଭିନ୍ନ କିସମର ସର୍ବମୋଟ ୧୦୮ ଗୋଟି ମାମଲାର ଫଇସଲା କରାଯାଇଛି। ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମୀ ନାରାୟଣୀ ମିଶ୍ର ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୦୨ଗୋଟି ମାମଲା, ଜମିଜମା ସଂକ୍ରାନ୍ତୀୟ ୩ଗୋଟି, ୨ଗୋଟି ଚେକ ବାଉନ୍ସ ମାମଲା ସମେତ ଗୋଟିଏ ଯୌତୁକ ନିର୍ଯ୍ୟାତନା ସମ୍ପର୍କୀତ ପାରିବାରିକ ହିଂସା ଜନିତ ମାମଲା ଏହିପରି ମୋଟ ୧୦୮ ଗୋଟି ମାମଲାର ଫଇସଲା କରିଛନ୍ତି । ରାଷ୍ଟ୍ରୀୟ ଲୋକଅଦାଲତ ପରିଚାଳନାରେ ବେତନଟୀ ଜେଏମଏଫସି କୋର୍ଟର କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

### ଆଧୁନିକ ପରିଚାଳନା ପାଠ୍ୟକ୍ରମରେ ଭାରତୀୟ ଆଧ୍ୟାତ୍ମିକ ଐତିହ୍ୟର ମିଶ୍ରଣ
# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ-ଆଇଆଇଏମ୍ ନାଗପୁର ମଧ୍ୟରେ ଚୁକ୍ତି ସ୍ୱାକ୍ଷର

କଟକ, (ସ୍ୱପ୍ର): ଏଣିକି ଭାରତୀୟ ପରିଚାଳନା ସଂସ୍ଥାନ (ଆଇଆଇଏମ୍)ର ବିଦ୍ୟାର୍ଥୀମାନେ ଆଧ୍ୟାତ୍ମିକ ଗୁରୁ, ମାନବତାବାଦୀ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା



ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜୀବନୀ, ନେତୃତ୍ୱ ଦକ୍ଷତା ଓ ସାମାଜିକ ପରିବର୍ତ୍ତନରେ ଥିବା ତାଙ୍କ ବହୁମୂଲ୍ୟ ଅବଦାନ ଉପରେ ଆଧାରିତ ବିଭିନ୍ନ କେସ୍ ଷ୍ଟଡି ଅଧ୍ୟୟନ କରିବେ । ଏଥିସହ ଯୁଗାନ୍ତକାରୀ ପରିବର୍ତ୍ତନ ଓ ବଳିଷ୍ଠ ନେତୃତ୍ୱକୁ ଆଧ୍ୟାତ୍ମିକତା ସହ ଯୋଡ଼ି ଏକ "ଏକ୍ଜିକ୍ୟୁଟିଭ୍ ଏଡୁକେସନ ପ୍ରୋଗ୍ରାମ୍'ପ୍ରସ୍ତୁତ କରାଯିବ । ଏହି ପୃଷ୍ଠଭୂମି ଆଧାରରେ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ୍, ନାଗପୁର ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ତଦନୁଯାୟୀ, ପରିଚାଳନା ପାଠ୍ୟକ୍ରମରେ ଏଣିକି ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ମିଶାଇ, ଶିକ୍ଷା ଓ ଗବେଷଣାରେ ନୂତନ ଅଧ୍ୟାୟ ଆରମ୍ଭ ହେବ । ଏହାଦ୍ୱାରା ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ୍)କୁ ପ୍ରୋତ୍ସାହନ ମିଳିବ ଏବଂ ଏହାଫଳରେ ପ୍ରାଚୀନ ଜ୍ଞାନ ଓ ସମକାଳୀନ ପରିଚାଳନା ପ୍ରଣାଳୀର ସୁନ୍ଦର ସମ୍ମିଶ୍ରଣ ସମ୍ଭବ ହୋଇପାରିବ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ଆଇଆଇଏମ୍, ନାଗପୁରର ନିର୍ଦ୍ଦେଶକ ଡ. ଭୀମରାୟ ମେଟ୍ରି ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରୋ. ରଜିତା କୁଲକର୍ଣ୍ଣୀଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଡ. ମେଟ୍ରି କହିଲେ, ଏହା କୌଶଳୀ ଓ ମୂଲ୍ୟବୋଧଭିତ୍ତିକ ତଥା ସାମାଜିକ ସଚେତନ ନାଗରିକ ନିର୍ମାଣ ଦିଗରେ ସହାୟକ ହେବ । ଅପରପକ୍ଷେ ପ୍ରୋ. କୁଲକର୍ଣ୍ଣୀ କହିଲେ, ଏହାଦ୍ୱାରା ଆଧ୍ୟାତ୍ମିକତା, ଭାରତୀୟ ଜ୍ଞାନ ପ୍ରଣାଳୀ ଓ ପରିଚାଳନା ପାଠ୍ୟକ୍ରମର ଅଭୂତପୂର୍ବ ସମନ୍ୱୟଘଟିବ । ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ପ୍ରାଧ୍ୟାପକ ପ୍ରଶାନ୍ତ ଗୁପ୍ତା, ପ୍ରୋ. ଆଲୋକ ସିଂହ ଓ ପ୍ରୋ. ସୁଜିତ ଶର୍ମା ଉପସ୍ଥିତ ଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋ. ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରୋ. ଅନିଲ କୁମାର ଶର୍ମା ମଧ୍ୟ ଏହି ଐତିହାସିକ ଏମ୍‌ଓୟୁ ସ୍ୱାକ୍ଷର ନିମନ୍ତେ ସନ୍ତୋଷ ବ୍ୟକ୍ତ କରିଥିଲେ ।

### ବେଦାନ୍ତ ଆଲୁମିନିୟମ ୫ ଇଞ୍ଚ ବିଲେଟ୍ ଲଞ୍ଚ କରିବା ସହିତ
# ୧.୨୫ ଏମ୍‌ଟିପିଏ କ୍ଷମତା ପର୍ଯ୍ୟନ୍ତ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ଦେଶର ଶୀର୍ଷ ବିଲେଟ୍ ନିର୍ମାତା ବେଦାନ୍ତ ଆଲୁମିନିୟମ ଆଜି ଆଲୁମିନିୟମ ଏକ୍ସଟ୍ରୁଜନ ଶିଳ୍ପ ପାଇଁ ଦେଶର ପ୍ରଥମ ଉତ୍ସର୍ଗୀକୃତ ପ୍ରଦର୍ଶନୀ ଏବଂ ସମ୍ମିଳନୀ ଆଲୁମେକ୍ସ ଇଣ୍ଡିଆ ୨୦୨୫ ରେ ଏହାର ନୂତନ ୫ ଇଂଚ ଆଲୁମିନିୟମ ବିଲେଟ୍ ଲଂଚ ଘୋଷଣା କରିଛି। ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗରେ ସଠିକ୍-ଇଞ୍ଜିନିୟର୍ଡ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ୫ ଇଂଚ ବିଲେଟ୍ ବିକଶିତ କରାଯାଇଛି। ସେମାନଙ୍କର ଉନ୍ନତ ଡିଜାଇନ୍ ଏବଂ ପ୍ରୟୋଗର ବିସ୍ତୃତ ପରିସର ସହିତ, ବେଦାନ୍ତ ଆଲୁମିନିୟମର ୫ ଇଂଚ ବିଲେଟ୍ ଭାରତ ଏବଂ ବାହାରେ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂତନ ସୁଯୋଗକୁ ଅନଲକ୍ କରିବାକୁ ପ୍ରସ୍ତୁତ।

୫ ଇଂଚ ଆଲୁମିନିୟମ ବିଲେଟ୍ ଛୋଟରୁ ମଧ୍ୟମ ପ୍ରୋଫାଇଲ୍ ଉତ୍ପାଦନ ଏବଂ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ଏଚଭିଏସି ଶିଳ୍ପ ପାଇଁ ସିମଲେସ୍ ଟ୍ୟୁବ୍ ଏକ୍ସଟ୍ରୁଡିଂ ପାଇଁ ଆଦର୍ଶ ଭାବରେ ଉପଯୁକ୍ତ। ସେମାନଙ୍କର ବହୁମୁଖୀତା କୁଲିଂ ସିଷ୍ଟମ୍ ପାଇଁ ମାଇକ୍ରୋ-ଟ୍ୟୁବ୍ ଏବଂ କଣ୍ଡେନ୍ସର ଟ୍ୟୁବ୍ ଉତ୍ପାଦନ କରିବା



ସହିତ ବୈଦ୍ୟୁତିକ ବସ୍ବାର୍, ରଡ୍ ଏବଂ ହ୍ୟାଣ୍ଡେଲ୍ ଭଳି ଛୋଟ କଠିନ ପ୍ରୋଫାଇଲ୍ ମଧ୍ୟ ବିସ୍ତାର କରିଛି। ଏହା ବ୍ୟତୀତ, ବିଲେଟ୍‌ଗୁଡ଼ିକ ଝରକା ଏବଂ ଦ୍ୱାର ଫ୍ରେମ୍, ହିଟ୍ ସିଙ୍କ୍ ଏବଂ ଜଳସେଚନ ଟ୍ୟୁବ୍ ଭଳି ଫମ୍ପା ପ୍ରୋଫାଇଲ୍ ପାଇଁ ବ୍ୟବହୃତ ହୁଏ, ଏବଂ ଅଟୋମୋଟିଭ୍ ଉପାଦାନ ଏବଂ ଏରୋସ୍ପେସ୍ ଫିଟିଂ ପାଇଁ ସ୍ଲଗ୍‌ରେ କଟାଯାଇପାରିବ। ନୂତନ ୫-ଇଂଚ ଲଂଚ ସହିତ, ବେଦାନ୍ତ ଆଲୁମିନିୟମ୍ ୫ ରୁ ୧୨ ଇଂଚ ପର୍ଯ୍ୟନ୍ତ ଏକ ବିସ୍ତୃତ ବିଲେଟ୍ ପୋର୍ଟଫୋଲିଓ ପ୍ରଦାନ କରେ, ଯାହା ବିଭିନ୍ନ ଶିଳ୍ପ ଆବଶ୍ୟକତା ପାଇଁ ସମ୍ପୂର୍ଣ୍ଣ କଷ୍ଟମାଇଜେବଲ୍ ଅଟେ। ବହୁବିଧ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫିଡଷ୍ଟକ୍ ଭାବରେ, ଆମର ବିଲେଟ୍‌ଗୁଡ଼ିକ ଉନ୍ନତ ପ୍ରକ୍ରିୟା ନିୟନ୍ତ୍ରଣ ମାଧ୍ୟମରେ ଉତ୍କୃଷ୍ଟ ଧାତୁଗ୍ରାଫି, ଧାତୁ ପରିଷ୍କାରତା ଏବଂ ସ୍ଥିର ଗୁଣବତା ପ୍ରଦାନ କରେ, ଯାହା ନମନୀୟତା ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଉଭୟ ସୁନିଶ୍ଚିତ କରେ।

ଏହି ଗୁରୁତ୍ୱପୂର୍ଣ୍ଣ ଲଂଚ ସହିତ, ବେଦାନ୍ତ ଆଲୁମିନିୟମ୍ ବିଶ୍ୱର ଅଗ୍ରଣୀ ବିଲେଟ୍ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ଭାବରେ ଉଭା ହେବା ଏବଂ ଏଲିଟ୍ ଦଶ ମିଲିୟନ ଟନ୍ କ୍ଲବରେ ଯୋଗଦେବା ପାଇଁ ଏହାର ରୋଡମ୍ୟାପ୍ ମଧ୍ୟ ଉନ୍ମୋଚନ କରିଛି। କମ୍ପାନୀ ଏହାର ବିଲେଟ୍ କାଷ୍ଟିଂ କ୍ଷମତାକୁ ବର୍ତ୍ତମାନର ୫୮୦ କେଟିପିଏ ରୁ ୧.୨୫ ଏମଟିପିଏକୁ ବିସ୍ତାର କରିବାକୁ ଯାଉଛି, ଯାହା ଭାରତରେ ଏହାର ଦୃଢ଼ ନେତୃତ୍ୱ ଉପରେ ଆଧାରିତ, ଯେଉଁଠାରେ ଏହା ଘରୋଇ ବିଲେଟ୍ ବଜାରର ଅଧାରୁ ଅଧିକ ନିୟନ୍ତ୍ରଣ କରେ। ଏହି ଅଭିବୃଦ୍ଧି ଏବଂ କମ୍ପାନୀର ପୋର୍ଟଫୋଲିଓର ୯୦% ପର୍ଯ୍ୟନ୍ତ ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକୁ ବିସ୍ତାର କରିବାର ଲକ୍ଷ୍ୟ ସହିତ, ବେଦାନ୍ତ ଆଲୁମିନିୟମ ବୈଦ୍ୟୁତିକ ଯାନ, ସୌର ଶକ୍ତି, ରେଳବାଇ, କୋଠା ଏବଂ ନିର୍ମାଣ, ମହାକାଶ ଏବଂ ପ୍ରତିରକ୍ଷା ଭଳି ଉଚ୍ଚ-ବିକାଶ ଶିଳ୍ପରୁ ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖିଛି।

ଏହି ଗୁରୁତ୍ୱପୂର୍ଣ୍ଣ ଲଂଚ ବିଷୟରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମର ୫-ଇଂଚ ବିଲେଟ୍‌ର ଲଂଚ ଭାରତର ଆଲୁମିନିୟମ ଏକ୍ସଟ୍ରୁସନ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଆମର ଯାତ୍ରାରେ ଏକ ନୂତନ ମାଇଲଖୁଂଟ ଚିହ୍ନିତ କରିଛି। ଅଟୋମୋଟିଭ୍, ଏରୋସ୍ପେସ୍, ଏଚଭିଏସି ଏବଂ କୋଠା ପ୍ରୟୋଗରେ ସେମାନଙ୍କର ବହୁମୁଖୀତା ସହିତ, ଏହି ବିଲେଟ୍ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ଅଧିକ ସଠିକତା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବାରେ ସାହାଯ୍ୟ କରିବ। ଭାରତର ସର୍ବବୃହତ ବିଲେଟ୍ ଉତ୍ପାଦକ ଏବଂ ବିଶ୍ୱ ସ୍ତରରେ ଶ୍ରେଷ୍ଠ ତିନି ଜଣଙ୍କ ମଧ୍ୟରେ, ଆମେ କ୍ଷମତା ବିସ୍ତାର କରିବା ସହିତ ଆମର ଉତ୍ପାଦ ପୋର୍ଟଫୋଲିଓରେ ନବସୃଜନ କରିବା ଏବଂ ଭାରତକୁ ବିଶ୍ୱ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ଆଗରେ ରଖିବା ପାଇଁ ପ୍ରତିବଦ୍ଧ ଅଟୁ।

# ନେପାଳ ବିକ୍ଷୋଭ : ହିଂସାକାଣ୍ଡରେ ୭୨ ମୃତ, ୨୧୧୩ ଆହତ

କାଣ୍ଠମାଣ୍ଡୁ : ନେପାଳରେ ଦୁର୍ନୀତି ଓ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ବିରୋଧରେ ନିକଟରେ Gen Z ବିକ୍ଷୋଭ ପ୍ରଦର୍ଶନରେ ଜଣେ ଭାରତୀୟ ନାଗରିକଙ୍କ ସହ ଅତି କମ୍‌ରେ ୭୨ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ନେପାଳର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର କହିଛି ଯେ, ଗତ ସପ୍ତାହରେ ହୋଇଥିବା ଦୁର୍ନୀତି ବିରୋଧୀ ପ୍ରଦର୍ଶନରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୭୨ ହୋଇ ଯାଇଛି। ପୁଲିସ ଓ ପ୍ରଶାସନର କର୍ମଚାରୀ ହିଂସାକାଣ୍ଡ ବେଳେ କ୍ଷତିଗ୍ରସ୍ତ ହୋଇଥିବା ସଫିମଲ୍ ଓ ଅନ୍ୟ ବିଲ୍ଡିଂ ଗୁଡ଼ିକରୁ ମୃତଦେହ ବାହାର କରିବାର କାମ ଜାରି ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ପ୍ରକାଶ ବୁଦାଥୋକି କହିଛନ୍ତି ଯେ, ସଫିଂ ମଲ , ଘର ଓ ଅନ୍ୟ ବିଲ୍ଡିଂ ଗୁଡ଼ିକରେ , ଯେଉଁଠି ନିଆଁ ଲଗାଯାଇ ଥିଲା କିମ୍ବା ଆକ୍ରମଣ ହୋଇ ଥିଲା, ସେଠାରେ ଅନେକ ଲୋକଙ୍କ ମୃତଦେହ ଏବେ ଉଦ୍ଧାର କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଅନୁସାରେ, ନେପାଳରେ ଦଶନ୍ଧିର ସବୁଠୁ ଭୀଷଣ ହିଂସାକାଣ୍ଡରେ ଅତି କମ୍‌ରେ ୨୧୧୩ ଜଣ ଲୋକ ଆହତ ହୋଇଛନ୍ତି। ଅନେକ ସରକାରୀ ବିଲ୍ଡିଂ , ଦେଶର ସୁପ୍ରିମକୋର୍ଟ ସଂସଦ ଭବନ , ପୁଲିସ ପୋଷ୍ଟ,ବ୍ୟାବସାୟିକ ପ୍ରତିଷ୍ଠାନା ସହ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସହ ରାଜନେତାଙ୍କ ବ୍ୟକ୍ତିଗତ ଘର ପୋଡ଼ି ଦିଆଯାଇଛି।



କହି ରଖୁଛୁ କି , ସୋମବାର ( ୮ ସେପ୍ଟେମ୍ବର )ରେ ବିରୋଧ ପ୍ରଦର୍ଶନ ବେଳେ କାଠମାଣ୍ଡୁରେ ପୁଲିସ ଗୁଳିରେ ଅତି କମ୍‌ରେ ୧୯ ଜଣ ଲୋକଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ଅଧିକାଂଶ ଛାତ୍ରଛାତ୍ରୀ ଥିଲେ। ବିରୋଧ ପ୍ରଦର୍ଶନ ମଧ୍ୟରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଶହ ଶହ ବିରୋଧ ପ୍ରଦର୍ଶନକାରୀ ସୋମବାର ପ୍ରଦର୍ଶନ ବେଳେ ହୋଇଥିବା ମୃତ୍ୟୁ ବିରୋଧରେ ତାଙ୍କର ଇସ୍ତଫା ଦାବି କରି ତାଙ୍କ କାର୍ଯ୍ୟାଳୟରେ ପଶି ଯାଇ ଥିଲେ।

ଓଲିଙ୍କ ଇସ୍ତଫା ମଧ୍ୟରେ ମଧ୍ୟ ହିଂସାକାଣ୍ଡ ଜାରି ରହିଛି ଏବଂ ବିରୋଧ ପ୍ରଦର୍ଶନକାରୀମାନେ ସଂସଦ , ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ ଆବାସ , ସରକାରୀ ଭବନ , ରାଜନୀତିକ ଦଳଙ୍କ କାର୍ଯ୍ୟାଳୟ ଓ ବରିଷ୍ଠ ନେତାଙ୍କ ଘରେ ନିଆଁ ଲଗେଇ ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ,ନେପାଳ ପୁଲିସ ବାହିନୀ ଧିରେ ଧିରେ କାଠମାଣ୍ଡୁ ଘାଟୀରେ ନିଜର ଅଭିଆନ ପୁଣି ଥରେ ଆରମ୍ଭ କରୁଛନ୍ତି , ଏବଂ ଯେଉଁ ଥାନା ଓ ପୋଷ୍ଟ ଗୁଡିକରେ ଭଙ୍ଗାରୁଜା ବା ଅଗ୍ନିକାଣ୍ଡ ହୋଇ ଥିଲା, ସେଠାରେ ଧିରେ ଧିରେ କାମ ଆରମ୍ଭ ହେଉଛି।

ଉଲ୍ଲେଖନୀୟ ଯେ, ଓଲିଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି, ଯାହାଙ୍କୁ ୫ ମାର୍ଚ୍ଚ ୨୦୨୬ରେ ହେବାକୁ ଥିବା ନୂଆ ସଂସଦୀୟ ନିର୍ବାଚନ କରାଇବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଆସାମରେ ୫.୮ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ –ପୂର୍ବୋତ୍ତର ଭାରତରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଆସାମ ସରକାରଙ୍କ ଅଧିକାରୀମାନେ କହିଛନ୍ତି ଯେ, ରବିବାର କିଛି ଭାଗରେ ୫.୮ ତୀବ୍ରତା ସହ ଭୂକମ୍ପ ଝଟକା ଅନୁଭବ ହୋଇଛି। ହେଲେ ଏବେ ସୁଦ୍ଧା କୌଣସି ବି ପ୍ରକାରର ଧନଜୀବନ କ୍ଷୟକ୍ଷତିର ଖବର ଆସି ନାହିଁ। ଅଧିକାରୀଙ୍କ ମୁତାବିକ , ଏହି ଭୂକମ୍ପ ସନ୍ଧ୍ୟା ପାଖାପାଖି ୪ଟା ୪୧ ମିନିଟ୍‌ରେ ହୋଇଥିଲା। ଏହାର କେନ୍ଦ୍ର ଉଦଲଗୁରୀ ଜିଲ୍ଲାରେ ଭୂପୃଷ୍ଠରୁ ୫କିଲୋମିଟରର ଗଭୀରତାରେ ଥିଲା।

ଭୂକମ୍ପର ଝଟକା ଅନୁଭୂତ ହେବା ପରେ ଆସାମବାସୀ ସୋସିଆଲ ମିଡ଼ିଆରେ ନିଜର ଅନୁଭବ ସେୟାର କରିଛନ୍ତି। ଆପଣଙ୍କୁ କହି ରଖୁଛୁ କି , କିଛି ଦିନ ପୂର୍ବେ, ଆସାମର ସୋନିତପୁରରେ ୩.୨ ର ତୀବ୍ରତାର ଭୂକମ୍ପ ଆସିଥିଲା। ଆସାମର ଅଞ୍ଚଳ ଭୂକମ୍ପ ସମ୍ବେଦନଶୀଳ ଅଞ୍ଚଳରେ ଆସିଥାଏ। ଏହା ପୂର୍ବୀୟ ହିମାଳୟ ପର୍ବତମାଳାରେ ୟୁରେସିଆନ ଓ ସୁଣ୍ଡା ପ୍ଲେଟ୍‌ର କୋଲିଜନ ପଏଣ୍ଟରେ ରହିଛି।

ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱା ଶର୍ମା ସୋସିଆଲ ମିଡ଼ିଆ ସାଇଟ୍ ଏକ୍ସରେ ଏହାର ସୂଚନା ଦେଇ ଲେଖିଛନ୍ତି




ଯେ, ଏବେସୁଦ୍ଧା କୌଣସି ବି ବଡ଼ ଘଟଣାର ସୂଚନା ମିଳି ନାହିଁ। ସେ ଲଗାତାର ସ୍ଥିତିର ସୂଚନା ହାସଲ କରୁଛନ୍ତି। ଅନ୍ୟପଟେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନେୱାଲ ଲେଖିଛନ୍ତି,ଆସାମରେ ବଡ ଭୂକମ୍ପ ଆସିଛି, ମୁଁ ସବୁ ଲୋକଙ୍କ ପାଇଁ ପ୍ରାର୍ଥନା କରୁଛି।

# ନ୍ୟୁୟର୍କ ଗଲେ କାହିଁକି ଗିରଫ ହେବେ ନେତାନ୍ୟାହୁ?

ନୂଆଦିଲ୍ଲୀ: ନ୍ୟୁୟର୍କ ସହରର ମେୟର ପଦର ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋହରାନ୍ ମାମଦାନି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି।ମାମଦାନି କହିଛନ୍ତି ଯେ ଯଦି ସେ ନିର୍ବାଚନରେ ବିଜୟୀ ହୁଅନ୍ତି, ତେବେ ନ୍ୟୁୟର୍କରେ ପାଦ ଦେବା ମାତ୍ରେ



ନେତାନ୍ୟାହୁଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବେ। ଗାଜା ଷ୍ଟ୍ରିପରେ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧୀ ଅପରାଧ ଅଭିଯୋଗରେ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ନେତାନ୍ୟାହୁଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛି। ଯାହାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କହିଛନ୍ତି।

ଯଦିଓ ଆମେରିକା ଏହାକୁ ଗ୍ରହଣ କରିନାହିଁ କିନ୍ତୁ ଅନ୍ତର୍ଜାତୀୟ ନ୍ୟାୟର ମୂଲ୍ୟବୋଧକୁ ସର୍ବୋପରି ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମାମଦନି କହିଛନ୍ତି। ଏଥିସହିତ ପାଲେଷ୍ଟାଇନୀ ଆନ୍ଦୋଳନ ସହିତ ଜଡିତ "ଗ୍ଲୋବାଲାଇଜ୍ ଇନ୍ତିଫାଦା" ଭଳି ସ୍ଲୋଗାନକୁ ମଧ୍ୟ ସେ ସମାଲୋଚନା କରିବାକୁ ମନା କରିଦେଇଛନ୍ତି। ଏପରି ପରିସ୍ଥିତିରେ ମାମଦାନିଙ୍କ ଏହିପରି ମନ୍ତବ୍ୟ ତାଙ୍କୁ ରାଜନୈତିକ ଭାବରେ ମହଙ୍ଗା ପଡ଼ିପାରେ ବୋଲି ଅନେକ ମତ ଦେଉଛନ୍ତି।

# ଗୋଟିଏ ଦେଶ-ଗୋଟିଏ ନିର୍ବାଚନକୁ ସମାଲୋଚନା କଲେ ବିଜୟ

ନୂଆଦିଲ୍ଲୀ: ଅଭିନେତାରୁ ରାଜନେତା ହୋଇଥିବା ବିଜୟ ଶନିବାର ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ସମୟରେ ସେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନକୁ ବିରୋଧ କରିଥିଲେ। ବିଜୟ କହିଥିଲେ ଯେ ଏହା ଗଣତନ୍ତ୍ରକୁ ସମାପ୍ତ କରିବ। ଅନ୍ୟପକ୍ଷରେ, ସୀମା ନିର୍ଦ୍ଧାରଣ ସମ୍ପର୍କରେ ସେ କହିଥିଲେ ଯେ ଏହା ବିରୋଧୀଙ୍କୁ ଦୁର୍ବଳ କରିବ ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକର ସ୍ଥିତି ଦୁର୍ବଳ ହେବ। ତଥାପି, ଯାନ୍ତ୍ରିକ ତ୍ରୁଟି ଯୋଗୁଁ, ତାଙ୍କ ଭାଷଣର ପ୍ରଥମ କିଛି ମିନିଟ୍ କେବଳ ଲୋକଙ୍କୁ ଶୁଣାଯାଇପାରିଲା। ଏହି ସମୟରେ, ସେ କହିଥିଲେ ଯେ ସେ କେବଳ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟରେ ରାଜନୀତିକୁ ଆସିଛନ୍ତି, ଟଙ୍କା ରୋଜଗାର କରିବା ପାଇଁ ନୁହେଁ।ବିଜୟ କହିଥିଲେ ଯେ ତାଙ୍କର ଲକ୍ଷ୍ୟ ତାମିଲନାଡୁକୁ ଦୁର୍ନୀତିରୁ ମୁକ୍ତ କରିବା। ବିଜୟ ଏକ ରାଲିକୁ ସମ୍ବୋଧିତ କରି କହିଥିଲେ, "ଟଙ୍କା ବିଷୟରେ ବଡ଼ କଥା କ'ଣ? ମୁଁ ଏହା ଯଥେଷ୍ଟ ଦେଖିସାରିଛି। ମୁଁ ଟଙ୍କା ରୋଜଗାର କରିବା ପାଇଁ ରାଜନୀତିରେ ଆସିବା ଉଚିତ



କି? କୌଣସି ଆବଶ୍ୟକତା ନାହିଁ। ଆପଣଙ୍କର ସେବା କରିବା ବ୍ୟତୀତ ମୋର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ।"

ବିଜୟ ପ୍ରଚାର ଗାଡ଼ିରୁ ଭାଷଣ ଦେଇଥିଲେ। କିନ୍ତୁ, ଅଡିଓ ସମସ୍ୟା ଯୋଗୁଁ, ତାଙ୍କ ୨୦ ମିନିଟର ଭାଷଣର କେବଳ ଗୋଟିଏରୁ ଦୁଇ ମିନିଟ୍ ସ୍ପଷ୍ଟ ଭାବରେ ସମସ୍ତେ ଶୁଣି ପାରିଥିଲେ । ସେଠାରେ ଏକାଠି ହୋଇଥିବା ହଜାର ହଜାର କର୍ମୀ, ପ୍ରଶଂସକ ଏବଂ ସାଧାରଣ ଲୋକ 'ବିଜୟ, ବିଜୟ' ସ୍ଲୋଗାନ ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ବିଭିନ୍ନ ପ୍ରଶ୍ନ ଉଠାଇ ସେ ଲୋକମାନଙ୍କୁ ପଚାରିଥିଲେ, "ଆପଣମାନେ ଡିଏମକେକୁ ଭୋଟ ଦେବେ କି?" ବିଜୟଙ୍କ ପ୍ରମୁଖ ଅଭିଯୋଗ ମଧ୍ୟରୁ ଗୋଟିଏ ଥିଲା ଯେ ଡିଏମକେ ସରକାର ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହିଁ। ସେ ବେଆଇନ କିଡନୀ ବିକ୍ରୟ ରାକେଟକୁ ନେଇ ଡିଏମକେ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଯେତେବେଳେ ବିଜୟ ତାଙ୍କ ଭାଷଣ ଆରମ୍ଭ କଲେ, ସେ ତାଙ୍କର ପ୍ରଥମ ରାଲି ପାଇଁ ତିରୁଚିରାପାଲିକୁ ବାଛିବାର କାରଣ କହିଥିଲେ । ସେ କହିଥିଲେ ଯେ ଏହିଠାରେ ହିଁ ୧୯୫୬ ମସିହାରେ ଦ୍ରାବିଡ଼ ନେତା ଏବଂ ଡିଏମକେ ପ୍ରତିଷ୍ଠାତା ସିଏନ ଆନ୍ନାଦୁରାଇ ନିର୍ବାଚନ ରଣାଙ୍ଗନରେ ପ୍ରବେଶ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ଏଆଇଏଡିଏମକେ ପ୍ରତିଷ୍ଠାତା ଏମ୍ ଜି ରାମଚନ୍ଦ୍ରନ ୧୯୭୨ ମସିହାରେ ତାଙ୍କ ଦଳ ପ୍ରତିଷ୍ଠା କରିବା ପରେ ୧୯୭୪ ମସିହାରେ ତାଙ୍କର ପ୍ରଥମ ରାଜ୍ୟ ସମ୍ମିଳନୀ ଏଠାରେ ହିଁ କରିଥିଲେ।

# ଭାରତର ବିକାଶ ହାରକୁ ନେଇ ଚିନ୍ତାରେ ରଘୁରାମ ରାଜନ

ନୂଆଦିଲ୍ଲୀ: ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରଥମ ତ୍ରୈମାସିକରେ ୭.୮% ଜିଡିପି ଅଭିବୃଦ୍ଧି ରେକର୍ଡ କରିଛି। ଗତ ୫ଟି ତ୍ରୈମାସିକରେ ଏହା ସବୁଠୁ ଉଚ୍ଚତମ ସ୍ତର। ଏହି ତଥ୍ୟ ଉପରକୁ ଉତ୍ସାହଜନକ ଲାଗୁଛି, ହେଲେ ଏହାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଙ୍କ ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଏହା ଉପରେ ଗଭୀର ଭାବେ ବିଚାର କରାଯିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ସ୍ୱାରଏକ୍ସର ମୁକେଶ ବଂଶଲଙ୍କ ସହ ଆଲୋଚନାରେ ରଘୁରାମ ରାଜନ କହିଛନ୍ତି ଯେ ମଜଭୁତ ବୃଦ୍ଧିର ତଥ୍ୟକୁ ସ୍ୱାଗତ କରାଯିବା ଉଚିତ, ହେଲେ ଏହା ପଛର ଅସଲ ସତ୍ୟତାକୁ ବୁଝିବା ମଧ୍ୟ ସେତିକି ଜରୁରି। ସେ କହିଛନ୍ତି ଯେ 'ତଥ୍ୟ ଯେତେବେଳେ ଉଚ୍ଚ ଆସେ ଏଥରେ ଖୁସି ହେବା ନିଶ୍ଚିତ, ହେଲେ ଅସଲ କଥା ହେଉଛି ଏହା ଏତେ ଉଚ୍ଚା କାହିଁକି?' ରାଜନ ଖାସ କରି ଦୁଇଟି ବଡ଼ ଚିନ୍ତା ଆଡକୁ ଇସାରା କରିଛନ୍ତି। ଏଥିରେ ପ୍ରଥମଟି ହେଲା ଘରୋଇ ନିବେଶ ସୁସ୍ତିଆ ରହିବା, ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ବହୁତ ଜରୁରି। ଦ୍ୱିତୀୟ ଚିନ୍ତାଟି ହେଉଛି କମଜୋର ରୋଜଗାର ସୃଜନ, ଏଣୁ ବିକାଶର ଲାଭ ସାଧାରଣ ଜନତାଙ୍କ ନିକଟକୁ କମ୍ ପହଞ୍ଚୁଛି।

ରାଜନ ନା କେବଳ ତଥ୍ୟର ତ୍ରୁଟି ଉପରେ, ବରଂ ଗଭୀର ଚିନ୍ତା ଆଡକୁ ମଧ୍ୟ ଧ୍ୟାନ ଆକର୍ଷଣ କରିଛନ୍ତି। ସେ କହିଛନ୍ତି 'ଆଜିକାଲି ଅଧିକାଂଶ ନିବେଶ ସରକାର କରୁଛନ୍ତି, ହୁଏତ ଏହା ରାଜ୍ୟ ସରକାର କରୁଛନ୍ତି ନଚେତ କେନ୍ଦ୍ର ସରକାର। ହେଲେ ଘରୋଇ କ୍ଷେତ୍ରରୁ ଏତେ ନିବେଶ ଆସୁ ନାହିଁ। ଗତ ୧୦-୧୨ ବର୍ଷ ହେଲା ଏହା ଏକ ବଡ଼ ଚିନ୍ତାର ବିଷୟ ହୋଇ ରହିଛି। ଯଦି ସତରେ ଆମେ ଏତେ ଦ୍ରୁତ ଅଭିବୃଦ୍ଧି ହାସଲ କରୁଛେ , ତାହାଲେ ଘରୋଇ କ୍ଷେତ୍ରରୁ ନିବେଶ ଆସୁନାହିଁ କାହିଁକି? ଏହି ପ୍ରଶ୍ନ ଏବେ ସବୁ ଅର୍ଥଶାସ୍ତ୍ରୀଙ୍କୁ ଚିନ୍ତାରେ ପକାଇଛି'।

ରଘୁରାମ ରାଜନ କହିଛନ୍ତି ଯେ ଏବେ ଭଲ ଫସଲ କାରଣରୁ ଗ୍ରାମୀଣ ଚାହିଦା ମଜଭୁତ ରହିଛି। ଏହା ଏକ ଭଲ କଥା, କାରଣ ଏହା ଦ୍ୱାରା ଧନୀ ଓ ଗରୀବଙ୍କ ମଧ୍ୟରେ ଅସମାନତା ସାମାନ୍ୟ କମ ହୋଇଛି। ହେଲେ ସହରାଞ୍ଚଳରେ କଞ୍ଜପସନ ଏବେ ବି କମ ରହିଛି। ସେ କହିଛନ୍ତି 'ଆମକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାୟୀ କଞ୍ଜପସନ ଦରକାର। ଏହାକୁ ନେଇ ଘର, ପରିବାରଙ୍କ ରୋଜଗାର ନିମନ୍ତେ ଭରସା ରହିବା ଦରକାର। ହେଲେ ସହରାଞ୍ଚଳରେ ପରିବାର ଏହାକୁ ନେଇ ଅଧିକ ଚିନ୍ତିତ ରହୁଛନ୍ତି। ଆପଣ ଖବର ଦେଖୁଥିଲେ ଯେପରି ଟିସିଏସ୍ ନିଯୁକ୍ତି ହ୍ରାସ କରୁଛି।ଅସଲ ସମସ୍ୟା ହେଉଛି ଯେପରି ଆବଶ୍ୟକତା ରହିଛି ଆମର ଅର୍ଥ ବ୍ୟବସ୍ଥା ସେଭଳି ଭଲ ଚାକିରୀ ସୃଷ୍ଟି କରିପାରୁ ନାହିଁ।

# ରୁଷ ତୈଳ ବିଶୋଧନାଗାରକୁ ଧ୍ୱଂସ କଲା ୟୁକ୍ରେନ

ମସ୍କୋ: ଗତକାଲି ରାତିରେ ୟୁକ୍ରେନ ପକ୍ଷରୁ ରୁଷିଆର ପ୍ରମୁଖ ତୈଳ ବିଶୋଧନାଗାର ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି। ଆକ୍ରମଣ ପରେ ଆକାଶରେ କଳା ଧୂଆଁ ଏବଂ ଉଚ୍ଚ ଅଗ୍ନିଶିଖା ଉଠୁଥିବା ଦେଖାଯାଇଥିଲା। ୟୁକ୍ରେନ ଟାର୍ଗେଟ କରିଥିବା ରିଫାଇନାରୀଟି ରୁଷିଆର ସବୁଠାରୁ ବଡ଼ ତୈଳ ବିଶୋଧନାଗାର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆକ୍ରମଣ ପରେ, ରିଫାଇନାରୀରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା। ରୁଷ ଏବଂ ୟୁକ୍ରେନୀୟ ଅଧିକାରୀମାନେ



ଏହି ଆକ୍ରମଣକୁ ନିଶ୍ଚିତ କରିଛନ୍ତି। ରୁଷିଆର ଏହି ତୈଳ ବିଶୋଧନାଗାର ୟୁକ୍ରେନରୁ ପ୍ରାୟ ୧୬୦୦ କିଲୋମିଟର ଦୂରରେ ଅବସ୍ଥିତ।

ୟୁକ୍ରେନ ଦ୍ୱାରା ଟାର୍ଗେଟ କରାଯାଇଥିବା ରିଫାଇନାରୀଟି ରୁଷର ଉତ୍ତର-ପଶ୍ଚିମ ଲେନିନଗ୍ରାଡ ଅଞ୍ଚଳରେ ଅବସ୍ଥିତ। ଏହାକୁ କିରିଶି ରିଫାଇନାରୀ ଭାବରେ ଜଣାଶୁଣା। ୟୁକ୍ରେନ ଶନିବାର ରାତିରେ ଡ୍ରୋନ ସାହାଯ୍ୟରେ ଏହାକୁ ଟାର୍ଗେଟ କରିଥିଲା। ଏହାର ସପ୍ତାହ ପୂର୍ବରୁ ୟୁକ୍ରେନ ମଧ୍ୟ ରୁଷର ତୈଳ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ଏହି ରିଫାଇନାରୀ ପ୍ରତିବର୍ଷ ପ୍ରାୟ ୧୭.୭ ନିୟୁତ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ଉତ୍ପାଦନ କରେ କିମ୍ବା ପ୍ରତିଦିନ ୩,୫୫,୦୦୦ ବ୍ୟାରେଲ। ୟୁକ୍ରେନର ଜେନେରାଲ ଷ୍ଟାଫଙ୍କ ଅନୁଯାୟୀ, ଏହି ସ୍ଥାନରେ ବିସ୍ଫୋରଣ ଏବଂ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ କରାଯାଇଛି। ସେମାନେ ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି, ଯେଉଁଥିରେ ରାତି ଆକାଶରେ ଉଚ୍ଚ ଅଗ୍ନିଶିଖା ଏବଂ ଧୂଆଁର ମେଘ ଦେଖାଯାଉଛି।

# ନାଳକୁ ଖସିପଡ଼ିଲା କାର୍

# ଗୋଟିଏ ପରିବାରର ୭ ମୃତ

ଜୟପୁର: ଭାରସାମ୍ୟ ହରାଇ ନାଳକୁ ଖସିଗଲା କାର୍। ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଶିଶୁ ଥିବା ଜଣାପଡ଼ିଛି । ରବିବାର ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ରାଜସ୍ଥାନର ଜୟପୁରର ଭାଟିକା ରିଙ୍ଗ ରୋଡରେ । ମୃତକ ହେଉଛନ୍ତି ରାମରାଜ ବୈଷ୍ଣବ, ପତ୍ନୀ ମଧୁ ଏବଂ ପୁଅ ରୁଦ୍ର ଓ ସମ୍ପର୍କୀୟ କାଲୁରାମ, ତାଙ୍କ ସ୍ତ୍ରୀ ସୀମା ଏବଂ ପୁଅ ରୋହିତ ଓ ଗଜରାଜ । ମୃତକମାନେ ଜୟପୁରର ଫୁଲିଆବାସ କେକ୍ରି ଏବଂ ଭାଟିକାର ବାସିନ୍ଦା ବୋଲି ଜଣାପଡ଼ିଛି ।

ଚକସୁ ଏସିପି ସୁରେନ୍ଦ୍ର ସିଂହ ଏବଂ ଶିବଦାସପୁରା ପୁଲିସ ଷ୍ଟେସନ୍ ଇନଚାର୍ଜ ସୁରେନ୍ଦ୍ର କୁମାର ସାଇନିଙ୍କ ସୂଚନା ଅନୁଯାୟୀ, କାରରେ ଥିବା ପରିବାର ହରିଦ୍ୱାରରୁ ଫେରୁଥିବା ବେଳେ ହଠାତ୍ କାରଟି ନିୟନ୍ତ୍ରଣ ବାହାରକୁ ଯାଇ ଓଲଟି ପଡ଼ିଥିଲା ଏବଂ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। କାରରେ ଦୁଇଜଣ ଶିଶୁ ଏବଂ ଦୁଇଜଣ ମହିଳା ସମେତ ୭ ଜଣ ଥିଲେ। ଏହି ଦୁର୍ଘଟଣାରେ ୩ ପୁରୁଷ, ୨ ମହିଳା ଏବଂ ୨ ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି। କାରରେ ଥିବା ଲୋକମାନେ ସେମାନଙ୍କ ସମ୍ପର୍କୀୟଙ୍କ ଚିତାଭସ୍ମ ବିସର୍ଜନ କରି ହରିଦ୍ୱାରରୁ ଫେରୁଥିଲେ।

ସ୍ଥାନୀୟ ଲୋକମାନେ ଦୁର୍ଘଟଣା ବିଷୟରେ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତକଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ମହାତ୍ମା ଗାନ୍ଧୀ ହସ୍ପିଟାଲକୁ ନେଇଥିଲା। ବର୍ତ୍ତମାନ ପୁଲିସ ଦୁର୍ଘଟଣାର ତଦନ୍ତ କରୁଛି।

# ମିଗ୍-୨୧କୁ ସ୍ୱତନ୍ତ୍ର ବିଦାୟ ଦେବାକୁ ପ୍ରସ୍ତୁତି

ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ସବୁଠାରୁ ଦୀର୍ଘ ସେବା ପ୍ରଦାନକାରୀ ଲଢୁଆ ବିମାନ, ମିଗ୍-୨୧, ଏବେ ମାତ୍ର କିଛି ଦିନ ମଧ୍ୟରେ ଆନୁଷ୍ଠାନିକ ଭାବରେ ଅବସର ଗ୍ରହଣ କରିବ । ୬୨ ବର୍ଷର ଗୌରବମୟ ସେବା ପରେ, ଏହି ବିମାନ ୨୬ ସେପ୍ଟେମ୍ବରରେ ଚଣ୍ଡିଗଡ଼ରେ ଶେଷ ଉଡ଼ାଣ କରିବ ।

ମିଳିଥିବା ଖବର ଅନୁସାରେ, ମିଗ୍-୨୧ର ବିଦାୟର ଏହି ଐତିହାସିକ ମୁହୂର୍ତ୍ତକୁ ସ୍ୱତନ୍ତ୍ର କରିବା ପାଇଁ,



ବାୟୁସେନା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରୀ ଏବଂ ବାୟୁସେନା ମୁଖ୍ୟ ମଧ୍ୟ ଉପସ୍ଥିତ ରହିବେ । ବର୍ତ୍ତମାନ ଏହାକୁ ସେହି ସ୍ଥାନରୁ ଅନ୍ତିମ ବିଦାୟ ଦିଆଯାଉଛି ଯେଉଁଠାରୁ ଏହା ପ୍ରାୟ ୬ ଦଶନ୍ଧି ପୂର୍ବେ ବାୟୁସେନାରେ ଯୋଗ ଦେଇଥିଲା ।

୧୯୬୫ ଏବଂ ୧୯୭୧ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଗ୍-୨୧ ହେଉଛି ଭାରତୀୟ ବାୟୁସେନାର ପ୍ରଥମ ସୁପରସୋନିକ୍ ଲଢୁଆ ବିମାନ । ଏହି ବିମାନ ପାକିସ୍ତାନର ଅନେକ ଆକ୍ରମଣକୁ ବିଫଳ କରିଥିଲା ଏବଂ ଭାରତୀୟ ସାମରିକ ଶକ୍ତିର ପ୍ରତୀକ ପାଲଟିଥିଲା । ଖାଲି ସେତିକି ନୁହଁ ଇଏ ହେଉଛି ସେହି ବିମାନ ଯାହା ସାହାର୍ଯ୍ୟରେ ପାକିସ୍ତାନୀ ଏଫ-୧୬ ଯୁଦ୍ଧ ବିମାନକୁ ଖସାଇ ଦେଇଥିଲେ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନ ।

ଭାରତୀୟ ବାୟୁସେନା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଭିଡିଓ ସେୟାର କରିଛି ଯାହା ମିଗ୍-୨୧ର ଗୌରବମୟ ଯାତ୍ରାକୁ ଦର୍ଶାଉଛି । ଏହି ଭିଡିଓରେ ପୁରୁଣା ଫୁଟେଜ୍, ଯୁଦ୍ଧ ଅଭ୍ୟାସ ଏବଂ ମିଶନର ଝଲକ ଏବଂ ପାଇଲଟମାନଙ୍କ ଭାବନା ରେକର୍ଡ କରାଯାଇଛି । ବାୟୁସେନା ଏହି ଐତିହାସିକ ଅବସରରେ ମିଗ୍-୨୧ ସହିତ ଜଡିତ ପାଇଲଟମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଛି ଯାହାଦ୍ୱାରା ସେମାନେ ଏହି ମୁହୂର୍ତ୍ତର ସାକ୍ଷୀ ହୋଇପାରିବେ । ଏହି ବିଦାୟ ସମାରୋହରେ ସେନା ପକ୍ଷରୁ ଏକ ସ୍ୱତନ୍ତ୍ର ଯୁଦ୍ଧ ଅଭ୍ୟାସ ମଧ୍ୟ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ ମିଗ୍-୨୧ର ଯୁଦ୍ଧ କ୍ଷମତା ପ୍ରଦର୍ଶିତ ହେବ । ଏହାର ଶେଷ ଉଡାଣ ପରେ ମିଗ୍-୨୧ର ସ୍କ୍ୱାଡ୍ରନର ଚାବି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ହସ୍ତାନ୍ତର କରାଯିବ । ଏହି ଅବସରରେ ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ ମଧ୍ୟ ଉପସ୍ଥିତ ରହିବେ ।

ମିଗ୍-୨୧ର ଅବସର ପରେ, ଏହା ସ୍ଥାନରେ ଭାରତରେ ବିକଶିତ ସ୍ୱଦେଶୀ ଲଢୁଆ ବିମାନ ତେଜସ୍ ମାର୍କ ୧-ଏ ଯୋଗ ଦେବ । ଏହି ଲଢୁଆ ବିମାନ ୪.୫ ପିଢ଼ିର ଏବଂ ଏଥିରେ ଆଧୁନିକ କ୍ଷେପଣାସ୍ତ୍ର ଏବଂ ରାଡାର ପ୍ରଯୁକ୍ତିବିଦ୍ୟା ସଜ୍ଜିତ । ଏହାକୁ ବିଶ୍ୱର ସବୁଠାରୁ ହାଲୁକା ଲଢୁଆ ବିମାନ ଭାବରେ ବିବେଚନା କରାଯାଏ ଏବଂ ଏହା ଖୁବ୍ ଶୀଘ୍ର ବାୟୁସେନାର ଏକ ଅଂଶ ହେବାକୁ ଯାଉଛି ।

# ରୁଷର ହାଇପରସୋନିକ୍ ମିସାଇଲ 'ଜିରକୋନ' ଟେଷ୍ଟରେ ଥରିଲା ବିଶ୍ୱ

ନୂଆଦିଲ୍ଲୀ : ରୁଷ୍ ପୁଣି ଥରେ ନିଜ ସାମରିକ ଶକ୍ତିରେ ବିଶ୍ୱକୁ ଅନୁଭବ କରାଇ ଦେଇଛି। ସାମରିକ ଅଭ୍ୟାସ ବେଳେ ରୁଷ୍ ନିଜର ସବୁଠୁ ଘାତକ ଅସ୍ତ୍ର ମଧ୍ୟରୁ ଗୋଟିଏ ହାଇପରସୋନିକ୍ ଜିରକୋନ୍ ମିସାଇଲର ଟେଷ୍ଟ କରିଛି। ଏହି ମିସାଇଲର ଗତି ଧ୍ୱନି ଠାରୁ ୯ ଗୁଣ ଅଧିକ, ଯାହାକୁ ରୋକିବା ପ୍ରାୟ ଅସମ୍ଭବ ମନେକରାଯାଉଛି। କୁହାଯାଉଛି ଯେ, ଏହି ମିସାଇଲ କୌଣସି ବି ଦେଶର ନକ୍ସା ବଦଳାଇବାର କ୍ଷମତା ରଖିଥାଏ। ରୁଷ୍ ରବିବାର କହିଛି ଯେ, ସେ ବେରେଣ୍ଟସ ସାଗରରେ ଗୋଟିଏ ଟାର୍ଗେଟ୍‌ରେ ଜିରକୋନ( ସ୍ତିରକୋନ) ହାଇପରସୋନିକ୍ କ୍ରୁଜ୍ ମିସାଇଲ ନିକ୍ଷେପ କରିଛି ଏବଂ ସୁଖୋଇ ଏସୟୁ-୩୪ ସୁପରସୋନିକ ଫାଇଟର- ବୋମାବର୍ଷକ ବେଲାରୁଷ୍ ସହ ମିଳିତ ସାମରିକ ଅଭ୍ୟାସର ଅଂଶ ଭାବେ ଆକ୍ରମଣ କରିଛି।

ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ନର୍ଦର୍ଣ୍ଣ ଫ୍ଲିଟ୍‌ର ଆଡମିରାଲ ଗୋଲୋଭକୋ ଫ୍ରିଗେଟ୍ ଦ୍ୱାରା




ବେରେଣ୍ଟସ୍ ସାଗରରେ ଗୋଟିଏ ଲକ୍ଷ୍ୟ ସ୍ଥଳରେ , ଜିରକୋନ୍ ହାଇପରସୋନିକ୍ ମିସାଇଲ ନିକ୍ଷେପ କରାଯିବାର ଫୁଟେଜ୍ ଜାରି କରିଛି। ଫୁଟେଜ୍‌ରେ ଦେଖିବାକୁ ମିଳିଛି ଯେ, ଫ୍ରିଗେଟ୍‌ରୁ ମିସାଇଲକୁ ଭୂଲମ୍ବ ଭାବେ ନିକ୍ଷେପ କରାଯାଇ ଥିଲା ଏବଂ ପୁଣି ଏହା ଏକ କୋଣରେ ଦିଗନ୍ତ ଆଡ଼କୁ ଗତି କରି ଥିଲା। ମନ୍ତ୍ରଣାଳୟ କହିଛି ଯେ, ବାସ୍ତବିକ ସମୟରେ ପ୍ରାପ୍ତ ମନିଟରିଂ ଡାଟା ଅନୁସାରେ, ଟାର୍ଗେଟ୍‌କୁ ସିଧାସଳଖ ପ୍ରହାର ଦ୍ୱାରା ନଷ୍ଟ କରି ଦିଆ ଯାଇଛି। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ନର୍ଦର୍ଣ୍ଣ ଫ୍ଲିଟ୍‌ର ମିଶ୍ରିତ ଆଭିଏସନ କୋର୍ପର ଲମ୍ବା ଦୂରର ବୁଡା ଜାହାଜ ରୋଧି ବିମାନ ଏହି ଅଭ୍ୟାସରେ ସାମିଲ ଥିଲା। ଏହାସହ Su-34ର ଚାଳକ ଦଳ ଭୂମି ଲକ୍ଷ୍ୟ ସ୍ଥଳ ଉପରେ ବୋମାମାଡ଼ ଅଭ୍ୟାସ କରି ଥିଲେ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ , ରୁଷ୍ ଓ ବେଲାରୁଷ୍ ମଧ୍ୟରେ ' ଜାପାଡ୍-୨୦୨୫ ' ବା ପଶ୍ଚିମ ମିଳିତ ରଣନୀତିକ ଅଭ୍ୟାସ ୧୨ ସେପ୍ଟେମ୍ବରରେ ଆରମ୍ଭ ହୋଇଛି, ଯାହାର ଉଦ୍ଦେଶ୍ୟ ରୁଷ୍ ବା ବେଲାରୁଷ୍ ଉପରେ ହମଲାର ସ୍ଥିତିରେ ସେନା କମାଣ୍ଡ ଓ ସମନ୍ୱୟକୁ ଉତ୍ତମ କରିବା। ମସ୍କୋ ଓ ମିନସ୍କ ସ୍ପଷ୍ଟ କରିଛନ୍ତି ଯେ, ଏହି ଅଭ୍ୟାସ ସଂପୂର୍ଣ୍ଣ ରୂପେ ରକ୍ଷାତ୍ମକ ଓ ଏହାର କୌଣସି ବି ନାଟୋ ସଦସ୍ୟ ଉପରେ ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ହେଲେ , ଆମେରିକାର ନେତୃତ୍ୱର ସେନା ଗଠବନ୍ଧନ ୯-୧୦ ସେପ୍ଟେମ୍ବରରେ ପୋଲାଣ୍ଡରେ ରୁଷୀୟ ଡ୍ରୋନ୍‌ର ଅନୁପ୍ରବେଶ ପରେ ଇଷ୍ଟର୍ନ ସେଣ୍ଟ୍ରି ଅପରେସନର ଘୋଷଣା କରିଥିଲା।

କହି ରଖୁଛୁ କି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୨୦୧୯ରେ କହି ଥିଲେ ଯେ, ଜିରକୋନ ମିସାଇଲ ଧ୍ୱନିର ଗତିରେ ୯ ଗୁଣ ଅଧିକ ଉଡ଼ାଣ ଭରି ପାରେ ଏବଂ ସମୁଦ୍ର ଓ ଭୂପୃଷ୍ଠରେ ୬୦୦ ମାଇଲରୁ ଅଧିକ ଦୂରତାରେ ଲକ୍ଷକୁ ଭେଦ କରି ପାରେ।ରୁଷୀୟ ମିଡ଼ିଆ ସୂତ୍ରାନୁସାରେ , ଏହି ମିସାଇଲ , ଯାହାକୁ ରୁଷ୍‌ରେ ୩ ଏମ୍ ୨୨ ଜିରକୋନ ଓ ନାଟୋରେ ଏସଏସ-ଏନ-୩୩ର ନାମରେ ଜଣାଯାଏ, ଏହାର ଆକ୍ରମଣାତ୍ମକ କ୍ଷମତା ୪୦୦ରୁ ୧୦୦୦ କିଲୋମିଟର ଏବଂ ଏହାର ୱାରହେଡ୍ ଲୋଡ୍ ପାଖାପାଖି ୩୦୦-୪୦୦ କିଲୋଗ୍ରାମ୍।

## ରାଜ୍ୟଗୋଷ୍ଠୀ ବୀଚ ହ୍ୟାଣ୍ଡବଲ

# ଭାରତୀୟ ଦଳରେ ଆର୍ଯ୍ୟନ

ଭୁବନେଶ୍ୱର, ୧୫।୯ (ସବ୍ୟୁ) : ମାଲଦୀପର କୁଲ୍ଲୁଡୁଫୁସି ଠାରେ ଚଳିତ ସେପ୍ଟେମ୍ବର ମାସ ୧୫-୨୪ ତାରିଖ ପ୍ରଯ୍ୟନ୍ତ ପ୍ରଥମ ରାଜ୍ୟ ଗୋଷ୍ଠି ବୀଚ ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି, ଭାରତୀୟ ଦଳରେ ଓଡିଶାର ଏକ ମାତ୍ର ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି, ଆର୍ଯ୍ୟନ ବର୍ତମାନ କୀଟ ୟୁନିଭେର୍ସିଟିରେ ଯୋଗ ଓ ନେଚରପଥିର ପିଜି ପ୍ରଥମ ବର୍ଷ ଛାତ୍ର, ଏଠାରେ ସୂଚନାଯୋଗ୍ୟ ଆର୍ଯ୍ୟନ ଗତ ମେ ମାସରେ ଓମାନ ଠାରେ ଅନୁଷ୍ଠିତ ହୋଇ ଯାଇଥିବା ଏସିଆ ପୁରୁଷ ବୀଚ ହ୍ୟାଣ୍ଡବଲରେ ଅଂଶ ଗ୍ରହଣ କରିଥିଲେ, ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ କୀଟ ୟୁନିଭେର୍ସିଟି ସ୍ପୋର୍ଟ ଡିରେକଟର ଜେନେରାଲ ଡ଼ ଗଗନେନ୍ଦୁ ଦାଶ, ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ ଆର୍ଯ୍ୟଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।



କିଟର ଆର୍ଯ୍ୟନ ବ୍ରାହ୍ମିନଙ୍କୁ ଅଭିନନ୍ଦନ ଜଣାଇ କିଟ୍, କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କହିଛନ୍ତି, "ଏହା କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏତେ ଉଚ୍ଚ ସ୍ତରରେ ଏହି ଅଂଶଗ୍ରହଣ କେବଳ ତାଙ୍କର କଠିନ ପରିଶ୍ରମ ଏବଂ ଦୃଢ଼ ନିଷ୍ପତ୍ତିର ସ୍ୱୀକୃତି ନୁହେଁ ବରଂ କିଟ୍ ଦ୍ୱାରା ପ୍ରଦାନ କରାଯାଇଥିବା ସାମଗ୍ରିକ ସମର୍ଥନ ବ୍ୟବସ୍ଥାର ଏକ ପ୍ରମାଣ । ସେ ତାଙ୍କୁ ଶୁଭକାମନା ଜଣାଇଥିଲେ ଏବଂ ଆର୍ଯ୍ୟନ ମଧ୍ୟ ପ୍ରଫେସର ସାମନ୍ତଙ୍କ ପ୍ରତି ତାଙ୍କର ସମସ୍ତ ସମର୍ଥନ ଏବଂ ଆଶୀର୍ବାଦ ପାଇଁ କୃତଜ୍ଞତା ଜଣାଇଥିଲେ" ।

# ସୂର୍ଯ୍ୟ, ତିଲକ, ଅଭିଶେକଙ୍କ ଚମକ: ପାକିସ୍ତାନ ଧରାଶାୟୀ

ଦୁବାଇ, ୧୫।୯ (ଏଜେନ୍ସି): ଏସିଆ କପର ଷଷ୍ଠ ମ୍ୟାଚରେ ପାକିସ୍ତାନକୁ ଧରାଶାୟୀ କରିଛି ଭାରତ । ଏହି ମ୍ୟାଚରେ ଭାରତ ୨୫ଟି ବଲ ପୂର୍ବରୁ ୭ ୱିକେଟ୍ ବ୍ୟବଧାନରେ ପାକିସ୍ତାନକୁ ପରାଜିତ କରି ଆଗକୁ ବଢ଼ିଛି । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା । ଜବାବରେ ଭାରତ ୧୫.୫ ଓଭରରେ ୩ ୱିକେଟ୍ ହରାଇ୧୩୧ ରନ୍ କରି ଲକ୍ଷ୍ୟସ୍ଥଳର ପହଞ୍ଚିଥିଲା । ଚଳିତ ଏସିଆ କପ୍ ଏହା ଭାରତର ଦ୍ୱିତୀୟ ବିଜୟ । ପ୍ରଥମ ମ୍ୟାଚରେ ଭାରତ ଅପେକ୍ଷାକୃତ ଦୁର୍ବଳ ୟୁଏଇକୁ ପରାଜିତ କରିଥିଲା । ପୁଣି ଦ୍ୱିତୀୟ ମ୍ୟାଚରେ ପାକିସ୍ତାନକୁ ଧରାଶୟୀ କରି ଭାରତ ଆଗକୁ ବଢ଼ିଛି । ଭାରତ ପକ୍ଷରୁ କୁଳଦୀପ ଯାଦବଙ୍କୁ ସର୍ବାଧିକ ୩ ୱିକେଟ ସଫଳତା ମିଳିଥିଲା ।

ଭାରତରେ ତୀବ୍ର ବିରୋଧ ଓ ଅସନ୍ତୋଷ ସତ୍ତ୍ୱେ ବି ଏସିଆ କପର ଗ୍ରୁପ୍ ଲଢ଼େଇରେ ପାକିସ୍ତାନ ସହ ଖେଳିଛି ଭାରତ । ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଟସ୍ ସମୟରେ ମଧ୍ୟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଏବଂ ପାକିସ୍ତାନ ଅଧିନାୟକ ସଲମାନ ଆଘାଙ୍କ ସହ ହାତ ମିଳାଇନଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆରମ୍ଭରୁ ବିପର୍ଯ୍ୟର ସାମ୍ନା କରିଥିଲା । ପ୍ରଥମ ଓଭର ବୋଲିଂ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା । ପ୍ରଥମ ବଲରେ ପାକିସ୍ତାନର ଓପନର ଆୟୁବଙ୍କୁ ଆଉଟ୍ କରି ପାଣ୍ଡ୍ୟା ପାଭିଲିୟନ୍ ଫେରାଇଥିଲେ । ଷ୍ଟାଡିୟମରେ ବସିଥିବା ପାକିସ୍ତାନ ପ୍ରଶଂସକଙ୍କ ମଧ୍ୟରେ ନିରବତା ଛାଇଁଯାଇଥିଲା । ଅନ୍ୟପଟେ ଖୁସି ଝୁମିଥିଲେ ଭାରତୀୟ ଦର୍ଶକ । ଦ୍ୱିତୀୟ ଓଭରର ଦ୍ୱିତୀୟ ବଲରେ ହାରିସ ମହମ୍ମଦଙ୍କୁ ଆଉଟ୍ କରିଥିଲେ ବୁମରା । ଏହାପରେ ପାକିସ୍ତାନର ବିଜୟଧାରାରେ ଅଙ୍କୁଶ ଲାଗିଥିଲା । ୧୨ ଓଭର ବେଳକୁ ୬୪ ରନ୍ରେ ୫ ୱିକେଟ୍ ହରାଇଥିଲା । ଗୋଟିଏ ପରେ ଗୋଟିଏ ୱିକେଟ୍ ହରାଇ ପାକିସ୍ତାନ ୨୦ ଓଭରରେ ୧୨୭/୯ ରନ୍ କରିଥିଲା । ଦଳ ପକ୍ଷରୁ ସାହିବ ଯାଦା ଫରହାନ ସର୍ବାଧିକ ୪୦ ରନ କରିଥିଲେ । ଶେଷ ଭାଗରେ ସହିନ ସାହ ଆଫ୍ରିଦ ୧୬ ବଲରୁ ୪ଟି ଛକା ସହାୟତାରେ ଅପରାଜିତ ୩୩ ରନ୍ କରିଥିଲେ । ତେଣୁ ପାକିସ୍ତାନ ୨୦ ଓଭରରେ ୧୨୭/୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତର କୁଳଦୀପ ଯାଦବ ୩ଟି, ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲ ୨ଟି ଲେଖାଏଁ,. ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ କରି ୱିକେଟ୍ ହାସଲ କରିଥିଲେ ।



୧୨୮ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ପକ୍ଷରୁ ଓପନର ଅଭିଶେକ ଶର୍ମା ୩୧ ଓ ଶୁଭମନ ଗିଲ ୧୦ ରନ୍ କରି ପାଭିଲିୟନ୍ ଫେରିଥିଲେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତିଲକ ବର୍ମା ଉପଯୋଗ ଇନିଂସ ଖେଳି ଭାରତକୁ ବିଜୟର ନିକଟତର କରାଇଥିଲେ । ତିଲକ ବର୍ମା ୩୧ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୭ ବଲରୁ ୪୭ରନ୍ ତିଲକ ବର୍ମା ୩୧ ଓ ଅଭିଶେଖ ଶର୍ମା ୩୧ ରନ୍ କରି ଦଳକୁ ସହଜରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥିଲେ ।

# ଓଡିଶା ପ୍ରୋ ଟି -୨୦ ଲିଗ କ୍ରିକେଟ

## ଖୋର୍ଦ୍ଧାର ୭ ଖେଳାଳି ସମ୍ବର୍ଦ୍ଧିତ

ଖୋର୍ଦ୍ଧା, ୧୫।୯ (ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପ୍ରୋ ଟି -୨୦ ଲିଗ କ୍ରିକେଟ ଟୁର୍ନାମେଣ୍ଟ ରେ ଅଂଶ ଗ୍ରହଣ କରୁଥିବା ୬ ଗୋଟି ଦଳରେ ଖେଳିବାକୁ ଥିବା ଖେଳାଳି ମାନଙ୍କ ନିଲାମ ପ୍ରକ୍ରିୟା ରେ ଖୋର୍ଦ୍ଧା ଜିଲ୍ଲା ରୁ ସାତ ଜଣ ଖେଳାଳି ନିଲାମ ରେ ବିକ୍ରି ହୋଇ ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ମନୋନୀତ ହୋଇଛନ୍ତି । ଆର୍ଯ୍ୟଶ୍ରୀ ଦେବାଶିଷ ଭଞ୍ଜ ଭୁବନେଶ୍ୱର ଟାଇଗର୍ସ, ଦେବବ୍ରତ ପ୍ରଧାନ ଏବଂ ବିଶ୍ୱଭୂଷଣ ବିହାରୀ କେଉଁଝର ମାଇନର୍ସ, ରୁଦ୍ର ପ୍ରାସାଦ ମଲ୍ଲିକ ଏବଂ ଆଦିତ୍ୟ ଜୟସିଂ ପୁରୀ ଟାଇଟନ୍ସ, ରାକେଶ ପଟ୍ଟନାୟକ ଏବଂ ହେମନ୍ତ ରଥ୍ ସମ୍ବଲପୁର ୱାରିୟର୍ସ ପାଇଁ ଖେଳିବେ ।ଏହି ପରିପେକ୍ଷୀ ରେ ଜିଲ୍ଲା କ୍ରିକେଟ ସଙ୍ଘ ସମସ୍ତ ଖେଳାଳି ମାନଙ୍କୁ ଖୋର୍ଦ୍ଧା ମିନି ଷ୍ଟାଡିୟମ ଠାର ଏକ ସମ୍ବର୍ଦ୍ଧନା ସଭା ର ଆୟୋଜନ କରାଯାଇ ପୁଷ୍ପ ଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖୋର୍ଦ୍ଧା ର ପୂର୍ବତନ ବିଧାୟକ ତଥା ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ରାଜେନ୍ଦ୍ର କୁମାର ସାହୁ , ଓ ସି ଏ କୋଷାଧକ୍ଷ ବିକାଶ ପ୍ରଧାନ, ସଂଯୋଜକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କାଜଲ ବଳିୟାର ସିଂ, ବ୍ରିଜେଶ ପ୍ରଧାନ, ଦେବୀ ଶଙ୍କର ପଣ୍ଡା, ବିବେକାନନ୍ଦ ବୋଷ,ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ବିରଞ୍ଚି ନାରାୟଣ ଜେନା, କୋଚ ସୌମେନ୍ଦ୍ର ମହାନ୍ତି, ରୋହିତ ରଞ୍ଜନ ରାୟ, କିରଣ ଶତପଥି, ସୁଧୀର ସାହୁ, ହାପି ଲାଲା,ବିଶ୍ୱନାଥ ପାତ୍ର ପ୍ରମୁଖ କ୍ରିକେଟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଖେଳାଳି ମାନେ ଭଲ ପ୍ରଦର୍ଶନ କରି ଖୋର୍ଦ୍ଧା ମାଟିର ଟେକ ରଖିବାକୁ ରାଜେନ୍ଦ୍ର କୁମାର ସାହୁ ସମସ୍ତ ଖେଳାଳି ମାନଙ୍କୁ ଆହ୍ୱାନ ଦେଇଥିଲା ବେଳେ ସମ୍ପାଦକ ବିକାଶ ପ୍ରଧାନ ଖୋର୍ଦ୍ଧା ତଥା ଓଡିଶା ର ଯୁବ କ୍ରିକେଟ ଏହି ଲିଗ ଦ୍ୱାରା ପ୍ରୋତ୍ସାହିତ ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ ।

## ଭାରତୀୟ ଏ' ଦଳ ଘୋଷଣା: ଖେଳିବେନି ରୋହିତ, ବିରାଟ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଦିନକିଆ ଶୃଙ୍ଖଳା ପାଇଁ ଭାରତୀୟ ଏ' ଦଳ ଘୋଷଣା ହୋଇଛି । ଏହି ଶୃଙ୍ଖଳା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ କାନପୁରର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯିବ । ଏହି ଶୃଙ୍ଖଳା ପାଇଁ ବରିଷ୍ଠମାନଙ୍କୁ ବାଦ ଦିଆଯାଇଥିବା ବେଳେ ଉଦୀୟମାନ ଖେଳାଳିଙ୍କୁ ସାମିଲ କରାଯାଇଛି । ସବୁଠୁ ବଡ଼ କଥା ହେଉଛି ଚୟନ କମିଟି ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସୁଯୋଗ ଦିଆଯାଇନାହିଁ । ରଜତ ପଟିଦାର ପ୍ରଥମ ମ୍ୟାଚରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ସେହିଭଳି ତିଲକ ବର୍ମା ଶେଷ ଦୁଇଟି ମ୍ୟାଚରେ ଅଧିନାୟକ ରହିବେ । ଅଭିଶେକ ଶର୍ମା, ପ୍ରଭସିମରନ୍ ସିଂ ଏବଂ ରିଆନ୍ ପରାଗଙ୍କ ପରି ତାରକା ଖେଳାଳିମାନେ ମଧ୍ୟ ଏହି ଶୃଙ୍ଖଳାରେ ଅଂଶଗ୍ରହଣ କରିବେ । ଏଥର ଦଳରେ ଏପରି କିଛି ଖେଳାଳିଙ୍କୁ ସାମିଲ କରାଯାଇଛି ଯେଉଁମାନେ ପ୍ରଥମ ଦଳ ଭାରତ ଏ ପାଇଁ ଖେଳିବେ । ପ୍ରିୟନ୍ସ ଆର୍ଯ୍ୟ ଚର୍ଚ୍ଚାରେ ରହିଛନ୍ତି ।

# କଳିଙ୍ଗରେ ହ୍ୱିଲ୍ ଚେୟାର ରଗ୍‌ବୀ ସିଲେକ୍ସନ୍ ଟ୍ରାଏଲ୍

ଭୁବନେଶ୍ୱର, ୧୫।୯ (ସବ୍ୟୁ) : ଶନିବାର କ୍ରୀଡା ଓ ଯୁବସେବା ବିଭାଗ ତଥା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଓଡିଶାର ମିଳିତ ସହଯୋଗରେ ରାଜ୍ୟ ହ୍ୱିଲ ଚେୟାର ରଗ୍‌ବୀ ସିଲେକ୍ସନ୍ ଟ୍ରାଏଲ୍ କଳିଙ୍ଗ ଷ୍ଟାଡିୟମ୍‌ରେ ବାସ୍‌କେଟ୍ ବଲ୍ କୋଟରେ ଅନୁଷ୍ଠିତ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦ ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ରଗ୍‌ବୀ ଖେଳାଳି ଅଂଶଗ୍ରହଣ କରିଥିଲେ । ୧୨ ଜଣ କ୍ରୀଡାବିତଙ୍କୁ କଳିଙ୍ଗ ଷ୍ଟାଡିୟମରେ ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ । ଏମାନଙ୍କ ମଧ୍ୟରୁ ୮ ଜଣ ଚୟନ ହେବେ । ଦଳ ଅକ୍ଟୋବର ୩ ରୁ୫ ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟର ଫର ଡିଜାବ୍ରିଡ୍ ଗ୍ୱାଲିୟର (ମଧ୍ୟପ୍ରଦେଶ) ଠାରେ ସପ୍ତମ ଜାତୀୟ ପାରା ହ୍ୱିଲ ଚେୟାର ରଗ୍‌ବୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପାରା ସ୍ପୋର୍ଟ୍ସର ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ସହ ରଗ୍‌ବୀ କୋଚ୍ ସୁରେନ୍ଦ୍ର କୁମାର ଜେନା ଖେଳ ପରିଚାଳନା କରିବା ସହ ଶିବିର ପାଇଁ ଦଳ ଚୟନ କରିବେ । ସଭାପତି କମଳାକାନ୍ତ ରଥ ସମସ୍ତ କ୍ରୀଡାବିତ୍‌ଙ୍କୁ ସାର୍ଟିଫିକେଟ୍ ଦେବା ସହ ଶୁଭେଚ୍ଛା ଜଣାଇଥିଲେ ।




# ରାଜ୍ୟ ସ୍କୁଲ ଓପନ୍ ଚେସ୍

## ଶିବମ୍ ବିଜେତ

ଭୁବନେଶ୍ୱର, ୧୫।୯ (ସବ୍ୟୁ) : ସ୍ୱଗ୍ରା ଏକାଡେମୀ ପରିସରରେ ପ୍ରଥମ ରାଜ୍ୟ ସ୍କୁଲ ଓପନ୍ ଚେସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲର ଜେଭି ଶିବମ୍ ଚାମ୍ପିଅନ ହୋଇଛନ୍ତି । କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲର ଛାତ୍ର ସତ୍ୟମ ସ୍ୱରୂପ ସାହୁ ଦ୍ୱିତୀୟ, ନାରାୟଣ ଟେକ୍ନୋ ସ୍କୁଲର ବିଦ୍ୟାଂଶୁ କୁମାର ପଶାୟତ ତୃତୀୟ, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ୧ ର ଛାତ୍ର ସ୍ୱସ୍ତିକ୍ ତ୍ରିପାଠୀ ଚତୁର୍ଥ ଏବଂ ଚନ୍ଦ୍ରଶେଖରପୁରର ଡିଏଭିର ଆସୁତୋଷ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସ ବର୍ଗ ତଥା ୫ ଜଣଙ୍କୁ ସ୍ୱତନ୍ତ୍ର ଓ ୭ ଜଣଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଛି ।

# ୧୯ ରୁ ବନବିଭାଗ ଜୋନାଲ କ୍ରୀଡା

ରାଉରକେଲା, ୧୫।୯ (ସବ୍ୟୁ) : ରାଉରକେଲା ବନ ବିଭାଗର ନେତୃତ୍ୱରେ ଚଳିତ ମାସ ୧୯ ତାରିଖରୁ ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଉରକେଲାରେ ଆୟୋଜିତ ହେବାକୁ ଯାଉଛି । ବିଭିନ୍ନ କ୍ରୀଡାକୁ ନେଇ ଏହି ପ୍ରତିଯୋଗିତାଟି ଆୟୋଜିତ ହେବ ଯେଉଁଥିରେ ୪୦୦ ଖେଳାଳି ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତାରେ କେଉଁଝର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାର ୨୮ ଟି ଡିଭିଜନର ପୁରୁଷ ଓ ମହିଳା ଖେଳାଳି ଖେଳ ଦ୍ୱାରା ନିଜର ଦକ୍ଷତାର ପ୍ରଦର୍ଶନ କରିବେ । ସନ୍ତରଣ, ଚେସ,କ୍ୟାରେମ୍ , ଟେବୁଲ୍ ଟେନିସ , ଲନ୍ଙ୍ଗ ଟେନିସ, ବେଡମିଣ୍ଟନ୍, ବ୍ରିଜ , ରାଇଫଲ୍ ସୁଟିଂଗ, ହକି, କ୍ରିକେଟ, ଭଲିବଲ୍ ଓ ଦୌଡ଼ କୁଦ ପ୍ରତିଯୋଗିତା ମାନ ରହିଛି । ସେକ୍ଟର -୨୦ ରାଇଜିଂ ପଡିଆ , ରାଉରକେଲା କ୍ଲବ୍, ଇସ୍ପାତ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପାନପୋଷ,ବିର୍ସା ମୁଣ୍ଡା ଆଥ ଲେଟିକ୍ ଷ୍ଟାଡିୟମ୍ ଓ ପାନପୋଷ ବନ ବିଭାଗ କାର୍ଯ୍ୟାଳୟ ରେ ଏସବୁ ଖେଳ ଆୟୋଜିତ ହେବ । ପ୍ରତ୍ୟେକ ଖେଳକୁ ପରିଚାଳନା କରିବା ପାଇଁ ବିଭିନ୍ନ କ୍ରୀଡାରେ ନିପୁଣ ଥିବା ବ୍ୟକ୍ତି ମାନଙ୍କୁ ନେଇ ଏକ ପରିଚାଳନା କମିଟି ତିଆରି ହୋଇଛି ଯେଁଉଥିରେ ଆର୍ ସି ଏଫ୍ ଶ୍ରୀଯୁକ୍ତ ପି.ରାମା ସ୍ୱାମୀ ଅଧକ୍ଷ ରହିଥିବା ବେଳେ ଡି ଏଫ୍ ଓ ଯସବନ୍ତ ସେଠି ଆୟୋଜକ ସମ୍ପାଦକ ହିସାବରେ କାର୍ଯ୍ୟ ନିର୍ବାହ କରିବେ । ଏହି ପ୍ରତିଯୋଗିତାର ଉଦଘାଟନ ବିର୍ସା ମୁଣ୍ଡା ଆଥ ଲେଟିକ ଷ୍ଟାଡିୟମ୍ରେ ୧୯ ସେପ୍ଟେମ୍ବର ସକାଳ ୯ ଘଟିକାରେ ହେବାକୁ ଥିଲା ବେଳେ ଉଦଯାପନୀ ୨୦ ସେପ୍ଟେମ୍ବର ସନ୍ଧ୍ୟା ୫ ଟାରେ ହେବ । ଦୁଇ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଖୁବ୍ ଧୁମ୍ ଧାମରେ ଆୟୋଜିତ ହେବ । ବିଭିନ୍ନ କ୍ରୀଡାକୁ ନେଇ ଏଭଳି ନିଆରା ପ୍ରତିଯୋଗିତାକୁ ରାଉରକେଲା ବାସୀ ଉପଭୋଗ କରିବା ସହିତ କ୍ରୀଡା ବିତ୍ତଙ୍କୁ ଉତ୍ସାହିତ ମଧ୍ୟ କରିବେ । ଏହି ପ୍ରତିଯୋଗିତାରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ଖେଳିବାର ନଜର ଆସିବେ । ଜୋନାଲ ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ୧୦୦ ଜଣ ଅଫିସିଆଲ୍ ଓ ୧୦୦ ଜଣ ସ୍ୱେଚ୍ଛା ସେବୀ ନିୟୋଜିତ ହୋଇଛନ୍ତି ।

## ମହିଳା ଏସିଆ କପ୍ ହକି

# ଚୀନ୍ ଚାମ୍ପିଅନ, ଭାରତ ରନର୍ସ ଅପ୍




ଏସିଆ କପ୍ ରୌପ୍ୟ ପଦକ ବିଜୟୀ ଭାରତୀୟ ମହିଳା ହକି ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଅଭିନନ୍ଦନ ଜଣାଛନ୍ତି । ରବିବାର ମହିଳା ଏସିଆ କପ୍ ହକିର ଫାଇନାଲ ଲଢ଼େଇ ଭାରତ ଓ ଆୟୋଜକ ଚୀନ୍ ମଧ୍ୟରେ ହୋଇଥିଲା । ଏହି ମ୍ୟାଚରେ ଚୀନ୍ ୪-୧ ଗୋଲରେ ଭାରତକୁ ଧରାଶାୟୀ କରି ସ୍ୱର୍ଣ୍ଣ ଜିତିଛି । ଭାରତର ରୌପ୍ୟ ସଫଳତା ପରେ ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟରେ ଭାରତୀୟ ଦଳର ସବୁ ଖେଳାଳି କୋଚ୍ ଏବଂ ସପୋର୍ଟିଂ ଷ୍ଟାଫଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଗୁଆନଝୌ, ୧୫।୯ (ଏଜେନ୍ସି) : ମହିଳା ଏସିଆ କପ୍ ହକିରେ ବାଜି ମାରିଛି ଚୀନ୍ । ରବିବାର ଅନୁଷ୍ଠିତ ମହାଲଢେଇରେ ଚୀନ ୪-୧ ଗୋଲରେ ଭାରତକୁ ଧରାସାୟୀ କରିଥିଲା । ଏହି ଜମାଣିଆ ବିଜୟ ଆୟୋଜକ ଚୀନ୍ ତୃତୀୟ ଥର ପାଇଁ ଏସିଆ କପ୍ ହକି ଟାଇଟଲ୍ ଜିତିବାର ଗୌରବ ଅର୍ଜନ କରିଛି । ୧୯୮୯, ୨୦୦୯ ଓ ୨୦୨୫ରେ ଚୀନ ଚାମ୍ପିଅନ ହୋଇଥିବା ବେଳେ ୧୯୯୩ ଓ ୨୦୧୭ରେ ଅନର୍ସ ଅପ୍ ହୋଇଥିଲା । ଶକ୍ତିଶାଳୀ ଭାରତ ଫାଇନାଲରେ ଫେଲ୍ ମାରିବା ସହ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି ।୨୦୦୪ ଓ ୨୦୧୭ ରେ ଭାରତ ଚାମ୍ପିଅନ୍ ହୋଇଥିବା ବେଳେ ୧୯୯୯, ୨୦୦୯ ଓ ୨୦୨୫ ସଂସ୍କରଣରେ ରନର୍ସ ଅପ୍ ହୋଇଛି । ଫାଇନାଲ ମ୍ୟାଚରେ ଚୀନ ପକ୍ଷରୁ ଔ ଜିଆ, ଲିହଙ୍ଗ,ଝୌ ମୈରଙ୍ଗ ଏବଂ ଝୌଙ୍ଗ ଜିଆକି ଗୋଲ ସ୍କୋର କରିଥିଲେ । ଭାରତ ପକ୍ଷରୁ ଏକମାତ୍ର ଗୋଲ ନବନିତ କୌର ଦେଇଥିଲେ ।

## ସବଜୁନିୟର ରଗବୀ

# କିଟ୍ ବାଳକ-ବାଳିକା ଦଳ ଚାମ୍ପିଅନ୍

ଭୁବନେଶ୍ୱର, ୧୫।୯ (ସବ୍ୟୁ): କିସର ବାଳକ ଓ ବାଳିକା ଦଳ ଦଶମ ଅଲଓଡ଼ିଆ ଆନ୍ତଃ ଜିଲ୍ଲା ସବଜୁନିୟର ବାଳକ ଏବଂ ବାଳିକା ୧୫ ବର୍ଷରୁ କମ ରଗବୀ-୭ ଚାମ୍ପିଅନସିପ ରେ ଚାମ୍ପିଅନ୍ ହୋଇଛନ୍ତି । ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବାଳକ ବର୍ଗରେ କିସ ୨୫-୦ ବ୍ୟବଧାନରେ ମୟୂରଭଞ୍ଜକୁ ଏବଂ ବାଳିକା ଦଳ ୨୦-୦ ବ୍ୟବଧାନରେ ଜଗତସିଂହପୁରକୁ ପରାଜିତ କରିଥିଲା । କେନ୍ଦୁଝର ଉଭୟ ବାଳକ ଓ ବାଳିକାରେ ତୃତୀୟ ସ୍ଥାନ ଅଧିକାର କରିଛି । ବାଲେଶ୍ୱର ରଗବୀ ଫୁଟବଲ ଆସୋସିଏସନ୍ ସଭାପତି ପ୍ରଭାକର ମିଶ୍ର, ଓରଫା ସମ୍ପାଦକ ଉପନ୍ଦ୍ରେ କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହନ୍ତି, ଜାତୀୟ ରଗବୀ ଖେଳାଳି ସୁରେନ୍ଦ୍ର ଜେନା , ମୁନା ମୁର୍ମୁ, ରାଜକିଶୋର ହେମ୍ବ୍ରମ, ଦିବ୍ୟ ରଞ୍ଜନ ଦାସ ଏବଂ ଧୀରେନ ରାଉତ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ ।




DSPL-254

सत्यमेव जयते
Government of India



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଏକ୍ ପେଡ୍ ମା' କେ ନାମ୍ ୨.୦

୧୭ ସେପ୍ଟେମ୍ବର ୨୦୨୫
ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ
ଆହ୍ୱାନକ୍ରମେ ଆସନ୍ତୁ, 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ
ଆମେ ସମସ୍ତେ ସାମିଲ ହେବା,
ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ
ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା



ବୃକ୍ଷ ରୋପଣ କରି ଚାରା ସହିତ ସେଲ୍‌ଫି ନେବା, 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବା ଏବଂ ଇ-ସାର୍ଟିଫିକେଟ ଡାଉନଲୋଡ କରିବା ।

OIPR: 08002/13/0025/2526

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି